CMYK

* Vol.- 45, Issue No. 353
* Friday, 27 March 2026
* ଶୁକ୍ରବାର, ୨୭ ମାର୍ଚ୍ଚ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ଇରାନକୁ ନୂଆ ଧମକ ଦେଲେ ଟ୍ରମ୍ପ

## ଚୁକ୍ତି ନକଲେ ପରିଣାମ ଭୟଙ୍କର



ନୂଆଦିଲ୍ଲୀ, ୨୬।୩: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଅତ୍ୟନ୍ତ ଆକ୍ରମଣାତ୍ମକ ହୋଇଯାଇଛନ୍ତି। ତାଙ୍କ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ, ସେ ଇରାନକୁ ଏକ ନୂତନ ଧମକ ଦେଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଯଦି ସେମାନେ ଶୀଘ୍ର ଏକ ଚୁକ୍ତି ପାଇଁ ରାଜି ନ ହୁଅନ୍ତି, ତେବେ ପରିଣାମ ଭୟଙ୍କର ହେବ। ଏହା ବ୍ୟତୀତ, ସେ ନାଟୋକୁ ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଇରାନ ସହିତ ସମ୍ଭାବ୍ୟ ଯୁଦ୍ଧ ସମ୍ପର୍କରେ ସେ କିମ୍ବା ଆମେରିକା କେବେ ବି ମିତ୍ର ରାଷ୍ଟ୍ରର ମତକୁ ଭୁଲିପାରିବେ ନାହିଁ। ଟ୍ରମ୍ପ ଇରାନକୁ ଧମକ ଦେଇ କହିଛନ୍ତି, ଇରାନୀ ଆଲୋଚନାକାରୀମାନେ ବହୁତ ଭିନ୍ନ – ଏବଂ ଅଦ୍ଭୁତ। ସେମାନେ ଆମକୁ ଏକ ଚୁକ୍ତି ପାଇଁ ଭିକ୍ଷା କରୁଛନ୍ତି – ଯାହା ସେମାନଙ୍କୁ ନିଶ୍ଚିତ ଭାବରେ କରିବାକୁ ପଡିବ, କାରଣ ସେମାନେ ସାମରିକ ଭାବରେ ସମ୍ପୂର୍ଣ୍ଣ ଭାବରେ ପରାଜିତ ହୋଇଛନ୍ତି ଏବଂ ପୁନରୁଦ୍ଧାରର କୌଣସି ସମ୍ଭାବନା ନାହିଁ । ତଥାପି, ସେମାନେ ସାର୍ବଜନୀନ ଭାବରେ ଦାବି କରନ୍ତି ଯେ ସେମାନେ କେବଳ ଆମର ପ୍ରସ୍ତାବକୁ ବିଚାର କରୁଛନ୍ତି। ବହୁତ ବିଳମ୍ବ ହେବା ପୂର୍ବରୁ ସେମାନଙ୍କୁ ଶୀଘ୍ର ଗମ୍ଭୀରତା ପ୍ରଦର୍ଶନ କରିବାକୁ ପଡିବ; କାରଣ ସେହି ସୀମା ଅତିକ୍ରମ କରିବା ପରେ, ପଛକୁ ଫେରିବା ନାହିଁ, ଏବଂ ପରିଣାମ ସୁଖଦ ହେବ ନାହିଁ। ଇରାନ ସହିତ ସଂଘର୍ଷ ନୂତନ ଭୂ-ରାଜନୈତିକ ସମୀକରଣ ଗଠନ କରୁଛି । ବନ୍ଧୁତା ଏବଂ ମେଣ୍ଟ ଭାଙ୍ଗିଯାଉଛି ଏବଂ ଭାଙ୍ଗିଯାଉଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରଠାରୁ ନାଟୋ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଅତୁଟ ରହିଛି । ତଥାପି, ଇରାନ ସଂଘର୍ଷ ପରିପ୍ରେକ୍ଷୀରେ ଏବଂ ପ୍ରକୃତରେ, ଟ୍ରମ୍ପଙ୍କ ହର୍ମୁଜ ପ୍ରଣାଳୀକୁ ଜୋରଜବରଦସ୍ତ ଖୋଲିବା ଯୋଜନା ସମ୍ପର୍କରେ ମଧ – ନାଟୋ ରାଷ୍ଟ୍ରଗୁଡ଼ିକ ବହୁତ କମ୍ ଆଗ୍ରହ ଦେଖାଉଛନ୍ତି। ଏହି କାରଣରୁ ଟ୍ରମ୍ପ ଏହି ସଂଘର୍ଷ ସମୟରେ ନାଟୋକୁ ବାରମ୍ବାର ଭର୍ତ୍ସନା କରିଛନ୍ତି । ଗୁରୁବାର ସେ ଘୋଷଣା କରିଛନ୍ତି ଯେ ଆମେରିକୀୟ ଜନତା ଏବଂ ନାଟୋ ଉଭୟ ଏହି ସତ୍ୟକୁ କେବେ ଭୁଲିଯିବା ଉଚିତ୍ ନୁହେଁ।

### ମିସାଇଲ୍ ମାଡ଼ରେ ଭାରତୀୟଙ୍କ ମୃତ୍ୟୁ, ୩ ଜଣ ଆହତ

ଆବୁଧାବି, ୨୬।୩: ମିସାଇଲ୍ ମାଡ଼ରେ ଭାରତୀୟଙ୍କ ମୃତ୍ୟୁ ଘଟିଛି। ୟୁଏଇର ରାଜଧାନୀ ଆବୁଧାବିରେ ଏକ ବଡ଼ ଧରଣର ମିସାଇଲ୍ ଆକ୍ରମଣ ହୋଇଛି। ଏକ ବାଲିଷ୍ଟିକ ମିସାଇଲକୁ ଆକାଶମାର୍ଗରେ ଧ୍ୱଂସ କରାଯାଇଥିଲା, କିନ୍ତୁ ଏହାର ଭଙ୍ଗା ଅଂଶ ସ୍ୱେହାନ ଷ୍ଟ୍ରିଟ୍ ରେ ପଡ଼ିବାରୁ ଜଣେ ଭାରତୀୟ ଏବଂ ଜଣେ ପାକିସ୍ତାନୀ ନାଗରିକଙ୍କର ମୃତ୍ୟୁ ଘଟିଛି । ୩ ଜଣ ଆହତମାନଙ୍କ ମଧ୍ୟରୁ କାହାର ଅବସ୍ଥା ଗୁରୁତର ଥିବାବେଳେ କାହାର ସାମାନ୍ୟ ରହିଛି । ଆବୁଧାବି ମିଡିଆ ଅଫିସ୍ ସୂଚନା ଅନୁସାରେ, ୟୁଏଇର ପ୍ରତିରକ୍ଷା ବାହିନୀ ଶତ୍ରୁପକ୍ଷର ମିସାଇଲକୁ ସଫଳତାର ସହ ଆକାଶରେ ହିଁ ମାରି ଖସାଇ ଦେଇଥିଲା । କିନ୍ତୁ ସେହି ମିସାଇଲର ଖଣ୍ଡଗୁଡ଼ିକ ଜନବସତି ଅଞ୍ଚଳରେ ଖସିପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ମିସାଇଲ୍ ଅଂଶ ପଡ଼ିବା ଫଳରେ ସେଠାରେ ଥିବା ଅନେକ ଗାଡ଼ି ମଧ୍ୟ ନଷ୍ଟ ହୋଇଛି । ଆବୁଧାବି ମିଡିଆ ଅଫିସ୍ ସୂଚନା ଅନୁସାରେ, ୟୁଏଇର ପ୍ରତିରକ୍ଷା ବାହିନୀ ଶତ୍ରୁପକ୍ଷର ମିସାଇଲକୁ ସଫଳତାର ସହ ଆକାଶରେ ହିଁ ମାରି ଖସାଇ ଦେଇଥିଲା । କିନ୍ତୁ ସେହି ମିସାଇଲର ଖଣ୍ଡଗୁଡ଼ିକ ଜନବସତି ଅଞ୍ଚଳରେ ଖସିପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି। କୌଣସି ଗୁଜବ ଉପରେ ବିଶ୍ୱାସ ନକରି କେବଳ ସରକାରୀ ସୂଚନାକୁ ଗ୍ରହଣ କରନ୍ତୁ ବୋଲି ୟୁଏଇ ସରକାର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ବର୍ତ୍ତମାନ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି ଏବଂ ମୃତକଙ୍କ ପରିବାରକୁ ଜଣାଇବା ପାଇଁ ବ୍ୟବସ୍ଥା କରାଯାଉଛି । ଗତକିଛି ସପ୍ତାହ ଧରି ସେହି ଅଞ୍ଚଳରେ ଚାଲିଥିବା ସଂଘର୍ଷ ଯୋଗୁଁ ଏଭଳି ଆକ୍ରମଣ ବାରମ୍ବାର ହେଉଛି । ଯଦିଓ ୟୁଏଇର ପ୍ରତିରକ୍ଷା ବ୍ୟବସ୍ଥା ଅଧିକାଂଶ ଆକ୍ରମଣକୁ ରୋକିବାରେ ସଫଳ ହେଉଛି ।

### ବସ୍-ଟ୍ରକ ମୁହାଁମୁହିଁ ଧକ୍କା ହୋଇ ଲାଗିଲା ନିଆଁ: ୧୩ ଜୀବନ୍ତ ଦଗ୍ଧ



ହାଇଦ୍ରାବାଦ, ୨୬।୩: ଗୁରୁବାର ସକାଳେ ଆନ୍ଧ୍ର ପ୍ରଦେଶର ମାର୍କାପୁରମ୍ ଜିଲ୍ଲାରେ ଏକ ଘରୋଇ ଟ୍ରାଭେଲ୍ସ ବସ୍ ଏକ ଟିପ୍ପର ଟ୍ରକ ସହିତ ଧକ୍କା ହୋଇ ନିଆଁ ଲାଗିଯିବାରୁ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ସକାଳ ପ୍ରାୟ ୬ଟାରେ ହରିକୃଷ୍ଣ ଟ୍ରାଭେଲ୍ସର ବସ୍‌ଟି ତେଲେଙ୍ଗାନାର ନିର୍ମଳରୁ ନେଲୋର ଅଭିମୁଖେ ଯାତ୍ରା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ପରେ ବସ୍‌ରେ ନିଆଁ ଲାଗିଥିଲା ଏବଂ ଅନେକ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଗଲେ ବୋଲି ସ୍ଥାନୀୟ ପୁଲିସ ଅଧିକାରୀ କହିଛନ୍ତି। ଜିଲ୍ଲା ପୁଲିସ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ପ୍ରାୟ ୨୦ଜଣ ଆହତ ଯାତ୍ରୀଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତ୍ୟୁ ସଂଖ୍ୟା ଆଗକୁ ବଢ଼ିପାରେ ବୋଲି ଅଧିକାରୀମାନେ ଚିନ୍ତା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଦୁର୍ଘଟଣା ପାଇଁ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୨ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦,୦୦୦ ଟଙ୍କା ସମେତ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଏହାସହ ଅଧିକାରୀଙ୍କ ସହ କଥା ହୋଇ ଆହତଙ୍କୁ ଯୋଗାଇ ଦିଆଯାଉଥିବା ଚିକିତ୍ସା ସମେତ ପରିସ୍ଥିତିର ସମୀକ୍ଷା କରିଛନ୍ତି। ଦୁର୍ଘଟଣାର କାରଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଏବଂ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ, ଆଇଟି ମନ୍ତ୍ରୀ ନାରା ଲୋକେଶ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମଧ୍ୟ ଦୁର୍ଘଟଣାରେ ଗଭୀର ମର୍ମାହତ ପ୍ରକାଶ କରିବା ସହ ପୀଡିତଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ଏବଂ ଆହତ ମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଆନ୍ଧ୍ରପ୍ରଦେଶ କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ ରକ୍ଷା କରି ଆହତମାନଙ୍କୁ ସର୍ବୋତ୍ତମ ସମ୍ଭାବ୍ୟ ଚିକିତ୍ସା ଯୋଗାଇବା ନିଶ୍ଚିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ବର୍ଷା ସାଜିଲା ବାଧକ: ଅଧାରେ ଅଟକିଲା ରୁକୁଣା ରଥଟଣା

ଭୁବନେଶ୍ୱର, ୨୬।୩: ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ସଂପନ୍ନ ହୋଇଛି । ରଥକୁ ଟାଣିନେଇ ଭକ୍ତମାନେ ତିନିମୁଣ୍ଡିଆ ଛକରେ ମହାପ୍ରଭୁ



ଲିଙ୍ଗରାଜ ଅଟକି ରହିଛନ୍ତି । ଏକାମ୍ର କ୍ଷେତ୍ରରେ ଆଜି ପାଇଁ ବନ୍ଦ ହୋଇଛି ରୁକୁଣା ରଥ ଟଣା । ଆସନ୍ତାକାଲି ଦିନ ୨ଟାରୁ ପୁଣି ଆରମ୍ଭ ହେବ ରଥ ଟଣା । ରୁକୁଣା ରଥ ଟଣା ହେଉଥିବାବେଳେ କାଳବୈଶାଖୀ ବର୍ଷା ହୋଇଥିଲା । ରୁକୁଣା ରଥଟଣାରେ ବାଧକ ସାଜିଥିଲା ବର୍ଷା । ଏହାପରେ ରାସ୍ତାକଡ଼ରେ ରହିଥିବା ବାଇକ୍ ଉପରେ ମାଡ଼ି ଯାଇଥିଲା ଚକ । ଯେଉଁଥିରେ ଅନେକ ବାଇକ କ୍ଷତି ଗ୍ରସ୍ତ ମଧ୍ୟ ହୋଇଛି। ଗୋଟିଏ କୋଣରୁ ଚାଲିଯାଇଥିବାରୁ ବାଇକଗୁଡ଼ିକ ଉପରେ ମାଡ଼ି ଯାଇଥିଲା । ତେବେ ଭକ୍ତମାନେ ପ୍ରଥମ ବେଶ ଖୁସିର ସହ ରଥ ଟାଣୁଥିଲେ । ଏମିତିକି ପ୍ରବଳ ବର୍ଷା ସମୟରେ ମଧ୍ୟ ରୁକୁଣା ରଥକୁ ଟାଣୁଥିଲେ । ରଥ ଟଣା ବେଳେ ମଧ୍ୟ ଦେଖିବାକୁ ମିଳିଥିଲା ଅଘଟଣ, କେତେବେଳେ ଦଉଡ଼ି ଛିଣ୍ଡି ଯାଇଥିଲା ତ କେତେବେଳେ ରଥ ମୋଡ ନେବା ସମୟରେ ରାସ୍ତା କଡରେ ଥିବା ଦୋକାନ ଘର ଆଡକୁ ମାଡି ଆସିଥିଲା। ହେଲେ ଏସବୁ ବ୍ୟାଘାତକୁ ଅତିକ୍ରମ କରି ରଥଟଣା ସ୍ୱାଭାବିକ ହୋଇଥିଲା । ଆସନ୍ତାକାଲି ଶୃଙ୍ଖଳିତ ଭାବେ ରଥକୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବାକୁ ନିଷ୍ପତ୍ତି ହୋଇଛି ।

### ପ୍ରତ୍ୟାହାର ହେଲା ଦରମା ବୃଦ୍ଧି ବିଲ୍

## ବଢ଼ିବନି ବିଧାୟକଙ୍କ ଦରମା

ଭୁବନେଶ୍ୱର, ୨୬।୩: ବିଧାୟକମାନଙ୍କ ଦରମା ବଢ଼ିବନି । ଦରମା ବୃଦ୍ଧି ବିଲ ପ୍ରତ୍ୟାହାର ହୋଇଛି । ମନ୍ତ୍ରୀ, ବିଧାୟକ ଏବଂ ବାଚସ୍ପତିଙ୍କ ଦରମା ବୃଦ୍ଧି ବିଲ ରାଜ୍ୟ ସରକାର ପ୍ରତ୍ୟାହାର କରିନେଇଛନ୍ତି । ଗତ ବର୍ଷ ବିଲ୍ ଆଗତ କରି ବାଚସ୍ପତି, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଧାୟକଙ୍କ ଦରମା ବୃଦ୍ଧି କରାଯାଇଥିଲା । ନୂଆ ବିଲ୍ ବିଧାନସଭାରେ ପାସ୍ ହେବା ପରେ ଦରମା ଓ ଆନୁସଙ୍ଗିକ ଭତ୍ତା ବାବଦକୁ ଓଡ଼ିଶାର ବିଧାୟକମାନଙ୍କୁ ମିଳିଥାନ୍ତା ୩ ଲକ୍ଷ ୪୫ ହଜାର ଟଙ୍କା । ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ଦରମା ଓ ଅନ୍ୟ ଭତ୍ତା ମିଶାଇ ପାଖାପାଖି ୩ ଲକ୍ଷ ୭୪ ହଜାର ଟଙ୍କା ପାଇଥାନ୍ତେ । କ୍ୟାବିନେଟ୍ ମନ୍ତ୍ରୀ ଏବଂ ରାଷ୍ଟ୍ରମନ୍ତ୍ରୀଙ୍କୁ ମୂଳ ଦରମା ସହିତ ଭତ୍ତାକୁ ମିଶାଇ ୩ ଲକ୍ଷ ୬୦ ହଜାର ଟଙ୍କା ମିଳିବାର ଥିଲା । ତିନି ଗୁଣା ବଢିଥିଲା ଦରମା । ସବୁ ଦଳ ତରଫରୁ ବିଲକୁ ଫେରାଇ ନେବାକୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଗୁରୁବାର ସେହି ବିଲ୍ ପ୍ରତ୍ୟାହୃତ ହୋଇଛି ।

### ବିଭିନ୍ନ ପ୍ରସଙ୍ଗରେ ସମୀକ୍ଷା

## ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ଅଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୩: ପଶ୍ଚିମ ଏସିଆରେ ଯୁଦ୍ଧ ପାଇଁ ଦେଶ ତଥା ରାଜ୍ୟରେ ସୃଷ୍ଟି ହୋଇଥିବା ବିଭିନ୍ନ ଦ୍ରବ୍ୟର କୃତ୍ରିମ ଅଭାବଜନିତ ସମସ୍ୟାର ମୁକାବିଲା ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ଅଧ୍ୟକ୍ଷତା କରିଥିଲେ। ବୈଠକ ପରେ ସରକାରଙ୍କ ପକ୍ଷରୁ ସମୀକ୍ଷା ସମ୍ପର୍କରେ ସୂଚନା ଦିଆଯାଇଛି। ସୂଚନାନୁସାରେ, ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ପେଟ୍ରୋଲିୟମ, ଗ୍ୟସ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ଅଛି । ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି ଯେପରି ଅତ୍ୟାବଶ୍ୟକ ଦ୍ରବ୍ୟ ଗୁଡ଼ିକର କଳାବଜାରୀ ନହୁଏ, ସେଥିପ୍ରତି ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟବ୍ୟାପୀ ଚଢ଼ାଉ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ରବିଋତୁ ଚାଷ ପାଇଁ ଯଥେଷ୍ଟ ସାର ମହଜୁଦ ରଖିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏ ସମସ୍ୟା ବିଷୟରେ ରାଜ୍ୟବାସୀ ଯେପରି ଆତଙ୍କିତ ନହୁଅନ୍ତି, ସେଥିପ୍ରତି ସରକାରୀ ସ୍ତରରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

### ରେଳ ବିଭାଗର ବଡ଼ ଘୋଷଣା

## ପଦକଧାରୀଙ୍କୁ ମିଳିବ ମାଗଣା ରେଳ ସେବା




ନୂଆଦିଲ୍ଲୀ, ୨୬।୩: ରେଳ ବିଭାଗ ପକ୍ଷରୁ ଗୁରୁବାର ଏକ ବଡ଼ ଘୋଷଣା କରାଯାଇଛି। ସାହସିକତା ପୁରସ୍କାର ପ୍ରାପ୍ତଙ୍କୁ ଏଣିକି ମାଗଣା ରେଳ ସେବା ଯୋଗାଇ ଦିଆଯିବ। ସେନା ମେଡାଲ/ନୌସେନା ମେଡାଲ/ବାୟୁ ସେନା ମେଡାଲ ପାଇଁ ଏହି ସୁବିଧା ମିଳିବ। ଭାରତୀୟ ରେଲୱେ ଦେୟମୁକ୍ତ ଯାତ୍ରା ସୁବିଧା ଯୋଗାଇବାକୁ ରେଳ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ପ୍ରଥମ ଶ୍ରେଣୀ/ ୨ ଚେୟାରରେ ଆଜୀବନ ମାଗଣା ଯାତ୍ରା କରିପାରିବେ। ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ସହିତ ଜଣେ ସହଯାତ୍ରୀ ମଧ୍ୟ ତାଙ୍କ ସହ ଯାତ୍ରା କରିପାରିବେ। ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ବିଧବା ପତ୍ନୀ ଯଦି ପୁନଃବିବାହ କରି ନ ଥାନ୍ତି ତେବେ ସେମାନେ ମଧ୍ୟ ଏହି ସୁବିଧା ପାଇବେ। ସେହିପରି ଅବିବାହିତଙ୍କ ମୃତ୍ୟୁ-ପରବର୍ତ୍ତୀ ପୁରସ୍କାର ପ୍ରାପ୍ତଙ୍କ ମାତାପିତା ମଧ୍ୟ ସୁବିଧା ପାଇବେ। ଉଲ୍ଲେଖନୀୟ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ କର୍ତ୍ତବ୍ୟ ପାଳନ ସମୟରେ ଅସାଧାରଣ ସାହସିକତା ପ୍ରଦର୍ଶନ ଏବଂ ବଳିଦାନ ଦେଇଥିବା ସୈନିକମାନଙ୍କ ପ୍ରତି କୃତଜ୍ଞତା ଏବଂ ସମ୍ମାନର ପ୍ରତୀକ ଭାବରେ ଦେଖାଯାଉଛି।

### ଜିଲ୍ଲାପାଳମାନଙ୍କୁ ଗଣଶିକ୍ଷା ବିଭାଗର କଡ଼ା ନିର୍ଦ୍ଦେଶ

## ଗ୍ରୀଷ୍ମଛୁଟି ପୂର୍ବରୁ ମିଳିବ ସ୍କୁଲ୍ ପୋଷାକ



ଭୁବନେଶ୍ୱର, ୨୬।୩: ଗ୍ରୀଷ୍ମଛୁଟି ପୂର୍ବରୁ ପିଲାଙ୍କୁ ମିଳିବ ସ୍କୁଲ୍ ପୋଷାକ। ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ଏବଂ ଗ୍ରୀଷ୍ମକାଳୀନ ଛୁଟି ପୂର୍ବରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ୟୁନିଫର୍ମ ବଣ୍ଟନ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଏକ କଡ଼ା ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ବିଭାଗୀୟ କମିଶନର-ତଥା-ଶାସନ ସଚିବ ଡଃ ଏନ୍. ଥିରୁମାଲା ନାୟକ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ, ପୂର୍ବ ବର୍ଷମାନଙ୍କରେ ପୋଷାକ କିଣା, ସିଲେଇ ଏବଂ ବଣ୍ଟନରେ ଅତ୍ୟଧିକ ବିଳମ୍ବ ହେଉଥିବା ଦେଖାଯାଇଛି। ଯାହା ଫଳରେ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଚଳିତ ବର୍ଷ ଆଗୁଆ ଯୋଜନା ପ୍ରସ୍ତୁତ କରିବା ସହ ପୋଷାକ ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରତ୍ୟେକ ଜିଲ୍ଲାରେ ପୋଷାକ କିଣାଠାରୁ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯିବ। ନୂତନ ନାମଲେଖା ଏବଂ ପୁରୁଣା ଛାତ୍ରଛାତ୍ରୀଙ୍କ ସଠିକ୍ ଆକଳନ କରି ଆଗୁଆ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ପୋଷାକର କପଡ଼ା ଏବଂ ସିଲେଇର ମାନ ଯେପରି ନିମ୍ନଧରଣର ନହୁଏ, ସେଥିପାଇଁ ବିଭିନ୍ନ ସମୟରେ ଆକସ୍ମିକ ଯାଞ୍ଚ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି। ଏଥିସହିତ ପୋଷାକ ବଣ୍ଟନରେ ଯଦି କୌଣସି ଅଭିଯୋଗ ଆସେ, ତେବେ ତାହାକୁ ତୁରନ୍ତ ସମାଧାନ କରିବା ପାଇଁ ଏକ ସ୍ୱତନ୍ତ୍ର 'ଅଭିଯୋଗ ପ୍ରତିକାର' ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହେବ। ସରକାର ଏହି ବିଷୟକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇବା ସହ ସମସ୍ତ ଜିଲ୍ଲାପାଳମାନଙ୍କୁ ବ୍ୟକ୍ତିଗତ ଭାବେ ଏହାର ସମୀକ୍ଷା କରିବାକୁ ଅନୁରୋଧ କରିଛନ୍ତି। ପ୍ରତି ୧୫ ଦିନରେ ଏହାର ଅଗ୍ରଗତି ସମ୍ପର୍କିତ ରିପୋର୍ଟ ଓସେପା ଏବଂ ଶିକ୍ଷା ବିଭାଗ ନିକଟରେ ଦାଖଲ କରିବାକୁ ବାଧ୍ୟତାମୂଳକ କରାଯାଇଛି।

### ନୂଆ ଅବକାରୀ ନୀତି ଘୋଷଣା: ଆଉ ଖୋଲିବନି ନୂଆ ମଦ ଦୋକାନ

ଭୁବନେଶ୍ୱର, ୨୬।୩: ନୂଆ ଅବକାରୀ ନୀତି ୨୦୨୬-୨୯ ଘୋଷଣା କରାଯାଇଛି। ଓଡ଼ିଶା ସରକାର ୧ ଏପ୍ରିଲ ୨୦୨୬ରୁ ୩୧ ମାର୍ଚ୍ଚ ୨୦୨୯ ଅବଧି ନିମନ୍ତେ ଏକ ତ୍ରୈବାର୍ଷିକ ଅବକାରୀ ନୀତି ଘୋଷଣା କରିଛନ୍ତି। ଏହି ନୀତି ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ହେଉଛି ଅବକାରୀ ଶୁଳ୍କ ଉପରେ ୦.୫% ଡି-ଆଡିକ୍ସନ ସେସ ପ୍ରବର୍ତ୍ତନ। ନୂଆ ଅବକାରୀ ନୀତିରେ ମଦକୁ କ୍ଷତିକାରକ ପଦାର୍ଥ ଭାବେ ସ୍ୱୀକାର କରାଯାଇଛି। ବିଭିନ୍ନ ଅବକାରୀ ଲାଇସେନ୍ସ ପାଇଁ ଆବେଦନ ଶୁଳ୍କ ୧୦% ବୃଦ୍ଧି ହେବ। ଲାଇସେନ୍ସ ଶୁଳ୍କ ପ୍ରତିବର୍ଷ ୧୦ରୁ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଆଇଏମ୍ଏଫ୍ଏଲ୍ ଓ ଦେଶୀ ମଦ ଉପରେ ଅବକାରୀ ଶୁଳ୍କ ବୃଦ୍ଧି ହୋଇଛି। ରାଜ୍ୟରେ ନୂତନ ଦୋକାନ ଖୋଲିବାକୁ ଅନୁମତି ମିଳିବନି। ଗ୍ରାମାଞ୍ଚଳରେ ନୂଆ ମଦ ଦୋକାନ ଖୋଲିବାକୁ ମଧ୍ୟ ଅନୁମତି ମିଳିବନି । ଶ୍ରୀମନ୍ଦିର ଓ ବଡ଼ଦାଣ୍ଡ ପାଖରେ କୌଣସି ଅବକାରୀ ଦୋକାନ ଚାଲୁ ହେବନି ବୋଲି ସରକାର କହିଛନ୍ତି। ସମସ୍ତ ଉତ୍ପାଦନ ୟୁନିଟ ଓ ଖୁଚୁରା ଦୋକାନ ନିରୀକ୍ଷଣରେ ରହିବ।

### ରାଜ୍ୟର ପ୍ରଦୂଷିତ ସହର ତାଲିକା

## ଶୀର୍ଷରେ ତାଳଚେର, ଦ୍ୱିତୀୟରେ ଅନୁଗୁଳ

ଅନୁଗୁଳ, ୨୬।୩: ରାଜ୍ୟର ସବୁଠାରୁ ପ୍ରଦୂଷିତ ସହର ହେଉଛି ତାଳଚେର। ଦ୍ୱିତୀୟରେ ରହିଛି ଅନୁଗୁଳ। ଆଇକ୍ୟୁଏୟାର ପକ୍ଷରୁ ୨୦୨୫ ମସିହା ପାଇଁ ପ୍ରକାଶିତ ପ୍ରଦୂଷିତ ସହର ତାଲିକାରେ ଏହି ଦୁଇ ସହର ଶୀର୍ଷରେ ରହି ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛନ୍ତି। ବର୍ଷକୁ ୬ ମାସ ଏଠାକାର ଲୋକମାନେ ସ୍ୱଚ୍ଛ ବାୟୁ ପାଉନାହାନ୍ତି। ଖଣି, ଖଦାନ ଓ କଳକାରଖାନା ପାଇଁ ଅନୁଗୁଳ ଓ ତାଳଚେର ସହରର ପାଣି ପବନରେ ବିଷ ଭରିଗଲାଣି। ଗତ ଦୀପାବଳି ପରେ ଅନୁଗୁଳ ଓ ତାଳଚେର ସହରର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ଲଗାତାର ଭାବେ ୩ଶହ ଉପରେ ରହୁଥିଲା। ଡିସେମ୍ବର ମାସରେ ଏକ୍ୟୁଆଇ ୩୪୬ରେ ପହଞ୍ଚି ଯାଇଥିଲା। ଜାନୁଆରୀରେ ସ୍ଥିତି ଅଧିକ ବିଗିଡ଼ିବା ସହ ମାସର ଅଧା ଦିନ ୩ଶହ ଉପରେ ଏକ୍ୟୁଆଇ ରହିଥିଲା। ତାଳଚେର ସହରରେ ଗତ ଜାନୁଆରି ୨ରେ ଏକ୍ୟୁଆଇ ୩୮୦ ଛୁଇଁଥିଲା। ସ୍ଥିତି ଏମିତି ହୋଇଥିଲା ଯେ, ଲୋକମାନେ ବିନା ମାସ୍କରେ ଘରୁ ବାହାରିବାକୁ ଡରିଥିଲେ। ଆଉ ସଦ୍ୟ ପ୍ରକାଶିତ ରିପୋର୍ଟରେ ଏହାର ପ୍ରଭାବ ପଡ଼ିଛି। ଦେଶର ପ୍ରଦୂଷିତ ସହର ତାଲିକାରେ ତାଳଚେର ୧୫ ତମ ସ୍ଥାନରେ ରହିଥିଲା ବେଳେ ଅନୁଗୁଳ ୨୭ତମ ସ୍ଥାନରେ ରହିଛି। ପିଏମ୍ ୨.୫ ମାତ୍ରା ଆଧାରରେ ହୋଇଥିବା ଏହି ରିପୋର୍ଟ ଅନୁସାରେ, ଲୋନି ଦେଶର ସର୍ବାଧିକ ପ୍ରଦୂଷିତ ସହର ହୋଇଥିଲା ବେଳେ ଦିଲ୍ଲୀ ତୃତୀୟ ସ୍ଥାନରେ ରହିଛି। ପ୍ରଦୂଷିତ ସହର ତାଲିକାର ଶୀର୍ଷ ୫୦ ଭିତରେ ଓଡ଼ିଶାର ତାଳଚେର, ଅନୁଗୁଳ ଓ ରାଉରକେଲା ରହିଛି। ଏହି ରିପୋର୍ଟ କହୁଛି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗାଇଡ୍‌ଲାଇନ୍‌ରେ ରହିଥିବା ମାନଦଣ୍ଡ ତୁଳନାରେ ଏହି ୩ ସହରର



ବାୟୁର ମାନ ୧୦ଗୁଣ ଖରାପ ହୋଇଛି। ତାଳଚେର ସହରରେ ୨୦୨୫ ମସିହାର ଜାନୁଆରି, ଫେବ୍ରୁଆରି, ମାର୍ଚ୍ଚ, ନଭେମ୍ବର ଓ ଡିସେମ୍ବରରେ ବାୟୁର ମାନ ଅତି ଖରାପ ସ୍ତରକୁ ଯାଇଥିଲା। କେବଳ ଜୁଲାଇ ଓ ସେପ୍ଟେମ୍ବରରେ ଲୋକେ ସ୍ୱଚ୍ଛ ପବନ ଟିକିଏ ପାଇଥିଲେ। ସେହିପରି ଅନୁଗୁଳ ସହରରେ ମଧ୍ୟ ଜାନୁଆରି, ଫେବ୍ରୁଆରି, ମାର୍ଚ୍ଚ, ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସରେ ବାୟୁ ପ୍ରଦୂଷଣ ଶୀର୍ଷ ଛୁଇଁଥିଲା। ଏଠାରେ କେବଳ ଜୁଲାଇ ଓ ଅଗଷ୍ଟରେ ବାୟୁର ମାନ ଭଲ ରହିଥିଲା। ସେହିପରି ରାଉରକେଲା ସହରରେ ଲୋକମାନେ ୬ମାସ ଗୁରୁତର ବାୟୁ ପ୍ରଦୂଷଣର ସାମନା କରିଥିଲେ। ରାଜ୍ୟର ପ୍ରଦୂଷିତ ସହର ତାଲିକାର ଚତୁର୍ଥରେ ବାଲେଶ୍ୱର ରହିଥିଲା ବେଳେ ଏହା ପଛକୁ ପଛ ବଡ଼ବିଲ, କଟକ, ବ୍ୟାସନଗର, ଶୁଆକାଟି ଓ ବିଲେଇପଦା ରହିଛି। ୧୦ ନମ୍ବର ସ୍ଥାନରେ ଅଛି ଭୁବନେଶ୍ୱର। ଏହା ପଛକୁ ବାରିପଦା, ରାଇରଙ୍ଗପୁର, ବ୍ରଜରାଜନଗର, ନୟାଗଡ଼ ଓ କେନ୍ଦୁଝର ରହିଛି। ଅପରପକ୍ଷରେ ୨୦୨୪ ମସିହାରେ ସର୍ବାଧିକ ପ୍ରଦୂଷିତ ସହର ତାଲିକାର ଶୀର୍ଷରେ ଅନୁଗୁଳ ରହିଥିଲା ବେଳେ ଦ୍ୱିତୀୟରେ ତାଳଚେର ଓ ତୃତୀୟରେ ବାଲେଶ୍ୱର ରହିଥିଲା। ପ୍ରଦୂଷିତ ସହର ତାଲିକାର ଶୀର୍ଷ ସ୍ଥାନ ଦଖଲ କରିବା ପାଇଁ ଅନୁଗୁଳ ଓ ତାଳଚେର ଭିତରେ ଏମିତି ଆଘୋଷିତ ପ୍ରତିଯୋଗିତା ହେଉଥିଲା ବେଳେ ଆଗକୁ ଅଧିକ ଖଣି ହେଉଥିବାରୁ ସ୍ଥିତି ବିଗିଡ଼ିବା ନିଶ୍ଚିତ ହୋଇଯାଇଛି।

CMYK




# ମହାମାୟାଙ୍କ ମହାନବମୀ

**ସାଧକକୁ ସର୍ବକର୍ମରେ ଯିଏ ସିଦ୍ଧି ପ୍ରଦାନ କରନ୍ତି ସେ ହେଉଛନ୍ତି ମାଆ ସିଦ୍ଧିଦାତ୍ରୀ । ମହାଭାରତ ଯୁଦ୍ଧରେ ଭଗବାନଙ୍କ ପରାମର୍ଶରେ ଅର୍ଜୁନ ଜୟଲାଭ ପାଇଁ ଦେବୀ ଦୁର୍ଗାଙ୍କୁ ପ୍ରାର୍ଥନା କରିଥିଲେ । ମହାଦେବୀ ତୁଷ୍ଟ ହୋଇ ଅର୍ଜୁନଙ୍କୁ ସିଦ୍ଧିଦାତ୍ରୀ ଜନନୀ ରୂପେ ଦର୍ଶନ ଦେଇ ଆଶିଷ ପ୍ରଦାନ କରିଥିଲେ...**



ନବରାତ୍ରୀର ଶେଷ ଦିନ । ଚଳଚଞ୍ଚଳ ପଲ୍ଲୀଠୁ ସହର । ଆଜି ମଣ୍ଡପରେ ମହାମାୟାଙ୍କ ମହାନବମୀ ପୂଜା ହେଉଥିବା ବେଳେ ଶକ୍ତିପୀଠରେ ହେଉଛି ଦଶମୀ ପୂଜା । ଆଜି ଅପରାଜିତା ପୂଜା, ଚଣ୍ଡୀପାଠ, କୁମାରୀ ପୂଜା ଆଜି କରାଯିବ ଏବଂ ଅପରାହ୍ନରେ ଆହୁତି ଦିଆଯିବ । ତେବେ ଶେଷଦିନରେ ମା' ସିଦ୍ଧିଦାତ୍ରୀଙ୍କ ପୂଜାର୍ଚ୍ଚନା କରାଯାଏ । ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଭାବରେ ମାଆଙ୍କ ଉପାସନା କଲେ ଭକ୍ତଙ୍କର ସମସ୍ତ ଇଚ୍ଛା ପୂରଣ ହୋଇଥାଏ । କନ୍ୟା ପୂଜନ କରାଯାଇଥାଏ । ୯ ବର୍ଷ ଭିତରେ ଥିବା ନଅ ଜଣ ବାଳିକାଙ୍କୁ ନବଦୁର୍ଗା ଭାବରେ ସଜ୍ଜିତ କରାଯାଇ ସେମାନଙ୍କର ପୂଜାର୍ଚ୍ଚନା କରାଯାଏ । ରାତିରେ ହୋମ ଓ ଉତ୍ସର୍ଗ ବଳି ଅର୍ପଣ କରି ନବରାତ୍ର ବ୍ରତର ସମାପନ କରାଯାଏ । ନବ ଦୁର୍ଗାଙ୍କ ମଧ୍ୟରେ ସିଦ୍ଧିଦାତ୍ରୀ ଅନ୍ତିମ ସେଥି ପାଇଁ ଶେଷ ଦିନ ମାଆ ସିଦ୍ଧିଦାତ୍ରୀ ରୂପରେ ଦର୍ଶନ ଦିଅନ୍ତି । ସାଧକକୁ ସର୍ବକର୍ମରେ ଯିଏ ସିଦ୍ଧି ପ୍ରଦାନ କରନ୍ତି ସେ ହେଉଛନ୍ତି ମାଆ ସିଦ୍ଧିଦାତ୍ରୀ । ମହାଭାରତ ଯୁଦ୍ଧରେ ଭଗବାନଙ୍କ ପରାମର୍ଶରେ ଅର୍ଜୁନ ଜୟଲାଭ ପାଇଁ ଦେବୀ ଦୁର୍ଗାଙ୍କୁ ପ୍ରାର୍ଥନା କରିଥିଲେ । ମହାଦେବୀ ତୁଷ୍ଟ ହୋଇ ଅର୍ଜୁନଙ୍କୁ ସିଦ୍ଧିଦାତ୍ରୀ ଜନନୀ ରୂପେ ଦର୍ଶନ ଦେଇ ଆଶିଷ ପ୍ରଦାନ କରିଥିଲେ । ବିଶ୍ୱର ସମସ୍ତ ଜୀବ, ଯୋଗୀ, ଭୋଗୀ, ଭକ୍ତ, ଗୃହୀ, ତପସ୍ୱୀ ଏପରିକି ବ୍ରହ୍ମା, ମହାଦେବଙ୍କ ପର୍ଯ୍ୟନ୍ତ ସିଦ୍ଧିଲାଭ କରିଥାନ୍ତି । ମାଆ ସିଦ୍ଧିଦାତ୍ରୀଙ୍କ କରୁଣା ବଳରେ ମାର୍କଣ୍ଡେୟ ପୁରାଣରେ ଅଣିମା, ମହିମା, ଲଂଘିମା, ପ୍ରାପ୍ତି, ପ୍ରାକମ୍ୟ, ଈଶିତ୍ୱ ଆଦି ଆଠ ସିଦ୍ଧି ବିଷୟରେ କୁହାଯାଇଛି । ଏହି ସିଦ୍ଧି ପ୍ରଦାନ କରୁଥିବା ଦେବୀ ସିଦ୍ଧିଦାତ୍ରୀ । ସେ ସିଂହ ବାହିନୀ, ଚତୁର୍ଭୁଜା ଏବଂ ପ୍ରସନ୍ନ ବଦନା । ମାଆ ଦୁର୍ଗାଙ୍କର ଏହି ରୁପକୁ ସମସ୍ତେ ସିଦ୍ଧି ପ୍ରାପ୍ତି ପାଇଁ ଆରାଧନା କରିଥାନ୍ତି ।

## ଜୀବନର ଧର୍ମ

ଅନ୍ଧ (ଚକ୍ଷୁହୀନ) ହେବା ଦୁର୍ଭାଗ୍ୟ ବୋଲି କୁହାଯାଉଥିବାବେଳେ ଏହା କର୍ମଫଳ ବୋଲି ଅନେକ ଭୁଲି ଯାଆନ୍ତି। ସେହି କର୍ମ ପୂର୍ବଜନ୍ମକୃତ (ପ୍ରାରବ୍ଧ) ହୋଇପାରେ। ଅନ୍ଧ ଭିନ୍ନଭିନ୍ନ ପ୍ରକାରର ଥାଆନ୍ତି – କେହି ଜନ୍ମାନ୍ଧ, (ଜନ୍ମରୁ ଅନ୍ଧ)ଥା'ନ୍ତି। ଅନ୍ୟ ଧରଣର ଅନ୍ଧ ହେଲେ- ମୋହାନ୍ଧ (ଅଜ୍ଞତା, ବିବେକଶୂନ୍ୟତା), କାମାନ୍ଧ, ମଦାନ୍ଧ (ଗର୍ବ କାରଣରୁ ହିତାହିତ ଜ୍ଞାନଶୂନ୍ୟ)। ଏମାନେ ମଧ୍ୟ ଏକଏକ ଧରଣର ଅନ୍ଧ। ଏମାନଙ୍କ ଚକ୍ଷୁ ଉପରେ କୌଣସି ପଟଳ ପଡ଼ି ନଥାଏ, ଅସଲରେ ମନ ଉପରେ ଶକ୍ତ ପରଦା ପଡ଼ିଥାଏ, ଯାହା ସେମାନଙ୍କଠାରେ ଭଲମନ୍ଦ ବିବେଚନା କରିବାର ଶକ୍ତି ଲୋପ କରିଦେଇଥାଏ। ଅନ୍ଧ ତ ସୁରଦାସ ଥିଲେ, ସନ୍ଥକବି ଭୀମଭୋଇ ବି ଥିଲେ। ହେଲେ ଧୃତରାଷ୍ଟ୍ରଙ୍କ ଅନ୍ଧପଣ ଥଲା 'ଆସକ୍ତି'ର, 'ମୋହ'ର। ଏହାଥିଲା ଅ-ସୁରକ୍ଷାର ଅନ୍ଧପଣ, ଅନିଶ୍ଚିତତା ଅନ୍ଧପଣ। ଏହା ମହାରାଜ ଧୃତରାଷ୍ଟ୍ରଙ୍କୁ କିପରି ଘୋର ଅନିଶ୍ଚିତତାର ଭିତରେ ତିଳତିଳ କରି ମୃତ୍ୟୁ ଯନ୍ତ୍ରଣା (ଅସୁରକ୍ଷା) ଭୋଗିବାକୁ ଦେଇଥିଲା ତାହା ସମସ୍ତେ ଜାଣନ୍ତି। ବ୍ୟାସଦେବଙ୍କ ଭଳି ମହାଯଶା ଋଷିଙ୍କ ସହ ସମ୍ପର୍କ, ଭୀଷ୍ମଙ୍କ ଭଳି ମହାତ୍ମାଙ୍କ ସାନ୍ନିଧ୍ୟ, ଦ୍ରୋଣ, କୃପାଚାର୍ଯ୍ୟଙ୍କ ଭଳି ଆଚାର୍ଯ୍ୟଙ୍କ ସହ ସମ୍ପର୍କ ସର୍ବୋପରି ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ଅବତାରୀ ପୁରୁଷଙ୍କ ସଂସର୍ଗ ଧୃତରାଷ୍ଟ୍ରଙ୍କ ଅନ୍ତର ଭିତରେ ଜମାଟ ବନ୍ଧା ଅନ୍ଧପଣକୁ ଦୂର କରିବାରେ ସହାୟକ ହୋଇପାରି ନଥିଲା। ଧୃତରାଷ୍ଟ୍ରଙ୍କ ନିକଟରେ ସଞ୍ଜୟ, ମହାତ୍ମା ବିଦୁରଙ୍କ ଭଳି ଧର୍ମାତ୍ମା ଥିଲେ ମଧ୍ୟ ଦୁହିଁଙ୍କ ସତ୍ ଉପଦେଶ ପ୍ରତି ଦୃଷ୍ଟି ଦେଇନଥିଲେ। ଜନ୍ମାନ୍ଧ ଅପେକ୍ଷା 'ଆସକ୍ତି', 'ମୋହ'ର ଅନ୍ଧପଣ ତ୍ୱରିତ ଗତିରେ ବଂଶନାଶ ପଥରେ ନେଇଯାଇଥିଲା। ଶକୁନି ଚତୁରତାର ସହ ଦୁର୍ଯ୍ୟୋଧନଙ୍କୁ ଆୟତ୍ତରେ ରଖି ଗୋଟି ଚଳାଉ ଥିଲେ ଯା'ର ଟେର ପାଇ ନଥିଲେ ଦୁର୍ଯ୍ୟୋଧନ।

## ଅନନ୍ୟ ମନ୍ଦିର: କରଜରୁ ମୁକ୍ତି ପାଇଁ ଆସନ୍ତି ଶ୍ରଦ୍ଧାଳୁ

ଭାରତରେ ବହୁ ଦେବଦେବୀଙ୍କ ମନ୍ଦିର ରହିଛି। ପ୍ରତିଟି ମନ୍ଦିରର ନିଜସ୍ୱ ଇତିହାସ ଓ କିମ୍ବଦନ୍ତୀ ରହିଛି। ଏମିତି ଏକ ମନ୍ଦିର ହେଉଛି ଧନର ଦେବତା କୁବେର ଦେବଙ୍କ ମନ୍ଦିର। କୁବେର ଯାହା ଉପରେ ପ୍ରସନ୍ନ ହୋଇଯାନ୍ତି ତାଙ୍କ ଘରେ ଧନର ଅଭାବ ରୁହେ ନାହିଁ ବୋଲି କୁହାଯାଏ। ଉତ୍ତରାଖଣ୍ଡ ଅଲମୋଡ଼ା ଜିଲ୍ଲାରୁ ପାଖାପାଖୀ ୪୦ କିଲୋମିଟର ଦୂରରେ ଜାଗେଶ୍ୱର ଧାମରେ କୁବେର ଦେବଙ୍କ ମନ୍ଦିର ରହିଛି। ଏଠାରେ ୧୨୫ ଦେବଦେବୀଙ୍କ ମନ୍ଦିର ଥିବାବେଳେ କୁବେର ଦେବଙ୍କ ମନ୍ଦିରରେ ସବୁବେଳେ ଭିଡ଼ ଲାଗି ରହିଥାଏ। କାରଣ ଧାରକରଜରୁ ମୁକ୍ତ ହେବାକୁ ଏଠାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥାଏ। ଯେଉଁମାନେ ଏହି ମନ୍ଦିରରେ ଦର୍ଶନ କରିବା ପରେ ମୁଦ୍ରା ଚଢ଼ାନ୍ତି, ସେମାନେ ଧାରକରଜରୁ ମୁକ୍ତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। କେବଳ ସେତିକି ନୁହେଁ, ଯିଏ ଏଠାକୁ ଦର୍ଶନ ପାଇଁ ଆସନ୍ତି, ସେମାନଙ୍କ ଜୀବନରୁ ଅଭାବ ଅନଟନ ଦୂରେଇଯାଏ। ଖାସ୍ ସେଥିପାଇଁ ଏହି ମନ୍ଦିରକୁ ନିୟମିତ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସନ୍ତି। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ସୁନା, ଚାନ୍ଦିର ମୁଦ୍ରା ଅର୍ପଣ କରନ୍ତି। ପୂଜା ପରେ ଏହି ମୁଦ୍ରାକୁ ହଳଦିଆ ରଙ୍ଗର କପଡ଼ାରେ ବାନ୍ଧି ଘରକୁ



ନେଇଯିବା ଦ୍ୱାରା ଭଗବାନଙ୍କ କୃପା ମିଳିଥାଏ ବୋଲି ବିଶ୍ୱାସ ରହିଛି। ଧାର କରଜରୁ ମୁକ୍ତ ହେବା ପରେ ଶ୍ରଦ୍ଧାଳୁମାନେ ଏଠାକୁ ଆସି ହଳଦିଆ କପଡ଼ା ଚଢ଼ାଇବା ସହ କ୍ଷୀରି ଭୋଗ ଲାଗି କରିଥାନ୍ତି।

# ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ 'ରାମ ନବମୀ'

ଚୈତ୍ର ଶୁକ୍ଳ ନବମୀ ରାମ ନବମୀ ରୂପେ ପରିଚିତ । ଏହି ଦିନ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ କରାଯାଏ । ତ୍ରେତୟା ଯୁଗରେ ଅଯୋଧ୍ୟାର ରାଜା ଥିଲେ ଦଶରଥ । ତାଙ୍କର ତିନିରାଣୀ କୌଶଲ୍ୟା, କୈକେୟୀ ଓ ସୁମିତ୍ରା । ରାଜାଙ୍କର ବଡଦୁଃଖ ଥିଲା ଯେ ତାଙ୍କର କୌଣସି ସନ୍ତାନ ନ ଥିଲେ ମହାନ ଇକ୍ଷାକୁ କୁଳରେ ଉତ୍ତରାଧିକାରୀ ହେବାକୁ । କୁଳଗୁରୁ ବଶିଷ୍ଠ ପ୍ରାର୍ଥିତ ସନ୍ତାନ ପ୍ରାପ୍ତି ନିମନ୍ତେ ଋଷିଶୃଙ୍ଗଙ୍କଦ୍ୱାରା ପୁତ୍ରେଷ୍ଟି ଯଜ୍ଞ କରିବାକୁ ଦଶରଥଙ୍କୁ ଉପଦେଶ ଦେଲେ । ରାଜା କୁଳଗୁରୁ ଉପଦେଶ ଅନୁସାରେ ମହାନ୍ ଋଷି ଋଷିଶୃଙ୍ଗଙ୍କୁ ଅଯୋଧ୍ୟାରେ ଯଜ୍ଞ କରିବାକୁ ତାଙ୍କ ଆଶ୍ରମକୁ ଯାଇ ପ୍ରାର୍ଥନା କଲେ । ବଶିଷ୍ଠ ଓ ଋଷିଶୃଙ୍ଗଦ୍ୱାରା ପୁତ୍ରେଷ୍ଟି ଯଜ୍ଞ ସମାପନ ପରେ ଯଜ୍ଞେଶ୍ୱର ଯଜ୍ଞକୁଣ୍ଡରୁ ଆବିର୍ଭୁତ ହୋଇ ଦଶରଥଙ୍କୁ ଏକ ଚରୁଅନ୍ନପୂର୍ଣ୍ଣ ପାତ୍ର ପ୍ରଦାନ କରି ରାଣୀମାନଙ୍କୁ ସେବନ କରିବାକୁ କହିଲେ । ଦଶରଥ ଅଧା ଚରୁଅନ୍ନ କୌଶଲ୍ୟାଙ୍କୁ ଓ ଅନ୍ୟଅଧା ଭାଗକୁ କୈକେଇଙ୍କୁ ପ୍ରଦାନ କଲେ । କୌଶଲ୍ୟା ଓ କୈକେୟୀ ନିଜନିଜର ଚରୁଅନ୍ନର ଅଧାଭାଗରୁ କନିଷ୍ଠା ରାଣୀ ସୁମିତ୍ରାଙ୍କୁ ସେବନ କରିବାକୁ ଦେଲେ । ଏହାର କିଛିଦିନ ପରେ ତିନିରାଣୀ ଅନ୍ତଃସତ୍ତ୍ୱା



ହେଲେ । ପବିତ୍ର ଚୈତ୍ର ନବମୀଦିନ ଦ୍ୱିପ୍ରହରରେ କୌଶଲ୍ୟା ପ୍ରଭୁ ରାମଚନ୍ଦ୍ରଙ୍କୁ, କୈକେୟୀ ଭରତଙ୍କୁ ଓ ସୁମିତ୍ରା ଯମଜ ସନ୍ତାନ ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କୁ ଜନ୍ମ ଦେଲେ । ବିଷ୍ଣୁଙ୍କ ସପ୍ତମ ଅବତାର ପ୍ରଭୁ ରାମଚନ୍ଦ୍ର ସ୍ୱଇଚ୍ଛାରେ ଅଧର୍ମର ବିଲୋପ ଓ ରାବଣ ଆଦି ରାକ୍ଷାସମାନଙ୍କୁ ସଂହାର କରିବାକୁ ପୃଥିବୀପୃଷ୍ଠରେ ଅବତରଣ କରିଥିଲେ । ବୟଃପ୍ରାପ୍ତ ହେବାପରେ ପ୍ରଭୁ ରାମଚନ୍ଦ୍ର ମିଥିଳା ନରେଶ ରାଜର୍ଷି ଜନକଙ୍କ ଦୁହିତା ଦେବୀ ସୀତାଙ୍କ ସହିତ ବିବାହ ହୋଇଥିଲା । ବାଲ୍ମିକୀ ରାମାୟଣ ମତେ ମାର୍ଗଶିର ଶୁକ୍ଳପଞ୍ଚମୀ ଦିନ ସେହି ବିବାହ ଅନୁଷ୍ଠିତ ହୋଇଥିଲା । ରାଜସୁଖକୁ ପରିହାର ପୂର୍ବକ ପିତୃସତ୍ୟ ପାଳନ କରି ଚଉଦ ବର୍ଷ ରାମଚନ୍ଦ୍ର ଦେବୀସୀତା ଓ ଅନୁଜ ଲକ୍ଷ୍ମଣଙ୍କୁ ସାଙ୍ଗରେ ଧରି ବନବାସ ଯାଇଥିଲେ । ଅରଣ୍ୟରୁ ଅରଣ୍ୟ ଘୂରିବୁଲୁଥିଲେ ଦୁଃଖ ଯନ୍ତ୍ରଣାକୁ ପାଥେୟ କରି । ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ଦୁରାଚାରୀ ରାବଣ ମାତା ସୀତାଙ୍କୁ ଏକାକିନୀ ଦେଖି ଅପହରଣ କରିନେଲା । ରାବଣ ଓ ସମସ୍ତ ରାକ୍ଷାସମାନଙ୍କୁ ନିଧନ କରି ସୀତାଙ୍କୁ ଉଦ୍ଧାର ବେଳକୁ ଚଉଦ ବର୍ଷର ବନବାସ ପୂରିଯାଇଥିଲା । ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରି ରାଜସିଂହାସନରେ ଅଭିସିକ୍ତ ହୋଇ ରାଜଧର୍ମ ପାଳନ ଅବସରରେ ପ୍ରଜାକୁଳକୁ ସମ୍ମାନ ଜଣାଇବାକୁ ଯାଇ ଲଙ୍କାରୁ ଉଦ୍ଧାର ସମୟରେ ସୀତା ଅଗ୍ନିପରୀକ୍ଷା ଦେଇଥିଲେ ମଧ୍ୟ ତାଙ୍କୁ ନିର୍ବାସନ ଦଣ୍ଡ ଦେଇଥିଲେ । ଶ୍ରୀରାମଙ୍କ ତାଙ୍କ ଅବତାରରେ ସଂପୂର୍ଣ୍ଣ ମାନବଜୀବନ ଯାପନ କରିଥିଲେ । ରାମନବମୀ ଉପଲକ୍ଷେ ନଅଦିନ ବ୍ୟାପୀ ଭଜନ କୀର୍ତ୍ତନ, ଅଖଣ୍ଡ ପାଠ ଆଦି ଚାଲେ ବିଶେଷ ଭାବରେ ରାମଚରିତ ମାନସ ପାଠ କରାଯାଏ ।



## ପ୍ରକୃତ ସାଧକ

ଜଣେ ସନ୍ଥ ଏବଂ ଆଉ ଜଣେ ସାଧକ ଏକାଠି କୌଣସି ଏକ ସ୍ଥାନକୁ ଯାଉଥିଲେ। ରାସ୍ତାରେ ସେମାନେ ଜଣେ ବ୍ୟକ୍ତିଙ୍କୁ ଭେଟିଲେ, ସିଏ ସାଧକଙ୍କୁ ଜାଣିଥିଲେ। କିନ୍ତୁ ସେ ସାଧକଙ୍କୁ ଦେଖି ଗାଳି କରିବାକୁ ଲାଗିଲେ। ସନ୍ଥ ଏହା ଦେଖି ଆଶ୍ଚର୍ଯ୍ୟ ହେଲେ। ସେ ଉକ୍ତ ବ୍ୟକ୍ତିଙ୍କୁ କହିଲେ, ଭାଇ ଆପଣ କାହିଁକି ଏତେ ଖରାପ ଭାଷାରେ ଗାଳି ଦେଉଛନ୍ତି ? ଏପରି ଶବ୍ଦ ବ୍ୟବହାର କରିବା ଦ୍ୱାରା ଆପଣ ନିଜ ପାଟି ଖରାପ କରୁଛନ୍ତି। ସନ୍ଥଙ୍କ କଥା ଶୁଣି ସାଧକଙ୍କୁ ସାହସ ଜୁଟିଲା। ଏବେ ସେ ମଧ୍ୟ ଖରାପ ଭାଷାରେ ସେହି ବ୍ୟକ୍ତିକୁ ଗାଳି କରିବାକୁ ଲାଗିଲେ। ଦୁଇ ଜଣଙ୍କ ମଧ୍ୟରେ ଏପରି ଗାଳିଗୁଲଜ ଚାଲିଲା। ଏହା ଦେଖି ସନ୍ଥ ଦୁଃଖିତ ହେଲେ। ଅଜଣା ବ୍ୟକ୍ତିକୁ ସେ ତ' ବୁଝାଇପାରିଲେ, କିନ୍ତୁ ସାଧକଙ୍କୁ କ'ଣ କହିଥାନ୍ତେ ! ଶେଷରେ ସେ ଦୁହେଁ ଝଗଡ଼ା ଛାଡ଼ି ଏକୁଟିଆ କୁଟୀରକୁ ଫେରିଆସିଲେ ଏବଂ ଭଜନ ଗାଇବାକୁ ଲାଗିଲେ। କିଛି ସମୟ ପରେ ସାଧକ ତାଙ୍କୁ ଖୋଜି ଖୋଜି କୁଟୀରରେ ପହଞ୍ଚିଲେ। ସେଠାରେ ସନ୍ଥଙ୍କୁ ବସିଥିବା ଦେଖି କହିଲେ, ମହାରାଜ ! ଆପଣ କାହିଁକି ମୋତେ ସେହି ଦୁଷ୍ଟ ପାଖରେ ଛାଡ଼ି ଚାଲିଆସିଲେ ? ସନ୍ଥ କହିଲେ, ଯେପର୍ଯ୍ୟନ୍ତ ଆପଣ ଏକୁଟିଆ ଥିଲେ, ମୁଁ ଆପଣଙ୍କ ସହ ଥିଲି। ହେଲେ ଆପଣ ଗାଳିକୁ ଯେବେ ଗାଳିର ସାହାରା ନେଲେ ଓ ସେହି ବ୍ୟକ୍ତିଙ୍କୁ ମାରିବା ଲାଗି ଧମକ ଦେଲେ, ମୁଁ ଭାବିଲି ଯେ ଏବେ ତ' ହିଂସା ଆପଣଙ୍କ ସାଥୀରେ ଅଛି। ସେପରି ସ୍ଥିତିରେ ମୋର ଆବଶ୍ୟକତା କ'ଣ ? ସେଥିପାଇଁ ମୁଁ ଫେରିଆସିଲି। ସନ୍ଥଙ୍କ କଥା ଶୁଣି ସାଧକ ନିଜର ଭୁଲ ବୁଝିପାରିଲେ।



## ଅମୃତଭଣ୍ଡା ପତ୍ରରେ ଅଛି ଆୟୁର୍ବେଦିକ ଗୁଣ



ଦୂର କରିପାରେ ପିରିୟଡ୍ସରୁ ପାଚନ ସମସ୍ୟା ଅମୃତଭଣ୍ଡାର ନାଁ ଯେପରି, ଏ ଫଳଟି ମଧ୍ୟ ସେପରି। କଞ୍ଚା ହେଉ କି ପାଚିଲା ଅମୃତଭଣ୍ଡା, ସବୁଥିରେ ଭରି ରହିଛି ସ୍ୱାସ୍ଥ୍ୟ ଉପକାରୀ ଗୁଣ। ଅମୃତଭଣ୍ଡାର ଉପକାରିତା ବିଷୟରେ ପ୍ରାୟ ଅଧିକାଂଶ ଲୋକ ଜାଣିଥିବେ ନିଶ୍ଚୟ, ହେଲେ ଏହାର ପତ୍ରର ଉପକାରୀ ଗୁଣ ବାବଦରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଏଥିରେ କି କି ଉପକାରୀ ଗୁଣ ରହିଛି, ଏହା କେଉଁ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିପାରେ ଏବଂ ଏହାକୁ କିପରି ସେବନ କରିବେ, ପୋଷକ ତତ୍ତ୍ୱରେ ଭରପୂର ଅମୃତଭଣ୍ଡା ପତ୍ର: ଅମୃତଭଣ୍ଡା ପତ୍ରରୁ ଭିଟାମିନ୍, ମିନେରାଲ୍ସ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟର ଉତ୍ସ ମିଳିଥାଏ। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି, ଭିଟାମିନ୍ ସି, ଭିଟାମିନ୍ ଇ, ଭିଟାମିନ୍ କେ ମଧ୍ୟ ରହିଥାଏ। ଏହା ବ୍ୟତୀତ ଫସଫରସ୍, ଆଇରନ୍, ପୋଟାସିୟମ୍, କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ଖଣିଜ ପଦାର୍ଥ ଅମୃତଭଣ୍ଡା ପତ୍ରରୁ ମିଳିଥାଏ। କେଉଁ ସବୁ ରୋଗ ପାଇଁ ଉପକାରୀ ଅମୃତଭଣ୍ଡା ପତ୍ର ଡେଙ୍ଗୁ ଏବଂ ମ୍ୟାଲେରିଆରେ ଲାଭଦାୟକ:- ବର୍ଷା ଋତୁରେ ଅଧିକାଂଶ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୁଅନ୍ତି। ଏଭଳି ପରିସ୍ଥିତିରେ ଅମୃତଭଣ୍ଡା ପତ୍ର ଲାଭଦାୟକ ହୋଇପାରେ। ରକ୍ତରେ ପ୍ଲେଟଲେଟ୍ ସଂଖ୍ୟା ବୃଦ୍ଧି ପାଇଁ ଅମୃତଭଣ୍ଡା ପତ୍ର ବେସ୍ ଉପକାରୀ। ସେହିପରି ମ୍ୟାଲେରିଆ ନିରାକରଣ ପାଇଁ ମଧ୍ୟ ଅମୃତଭଣ୍ଡା ପତ୍ର ଖାଇପାରିବେ।



## କ୍ଷେତ୍ର ପରିଦର୍ଶକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ଗନମୁଣ୍ଡା ଠାରେ ବୁଧବାର ଡିପୁପଡା ଓ ବାମରା ଦୁଗ୍ଧ ମାର୍ଗ କ୍ଷେତ୍ର ପରିଦର୍ଶକ(ସୁପରଭାଇଜର)ଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଓ ନୂତନ କ୍ଷେତ୍ର ପରିଦର୍ଶଙ୍କୁ ସ୍ୱାଗତ ସଭା ଅନୁଷ୍ଠିତ ହୋଇଯାଇଛି । ଦୁଗ୍ଧ ଚାଷୀ ବିରଞ୍ଚି ନାରାୟଣ ଦର୍ଗାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବକ୍ସମା ଦୁଗ୍ଧ ୟୁନିଟର ଅଞ୍ଚଳ ଭାରପ୍ରାପ୍ତ ଅଧିକାରୀ ସରୋଜିନୀ ବାରିକ,ଜମନକିରା କ୍ଷେତ୍ର ପରିଦର୍ଶକ ସମୀର ରଞ୍ଜନ ଗୌଡ, ଡିପୁପଡା ଓ ବାମରା କ୍ଷେତ୍ର ପରିଦର୍ଶକ ସନ୍ତୋଷ କୁମାର ଦେହେରୀ ଓ ମାନସ ସାହୁ, ଡିପୁପଡା ବିଏମସିର ରୂପାନନ୍ଦ ପଟେଲ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଗ୍ରହଣ କରୁଥିବା କ୍ଷେତ୍ର ପରିଦର୍ଶକ ସନ୍ତୋଷ କୁମାର ଦେହେରୀଙ୍କୁ ଫୁଲତୋଡ଼ା ଓ ଉପଢ୍ୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇ ନୂତନ ଭାବେ ଯୋଗଦେଇଥିବା କ୍ଷେତ୍ର ପରିଦର୍ଶକ ମାନସ ସାହୁଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା ।

## ଗୋବିନ୍ଦପୁର ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଗୋବିନ୍ଦପୁର ଲେମ୍ପସର ବାର୍ଷିକ ସାଧାରଣ ସଭା ବୁଧବାର ବାମରା ସ୍ଥିତ ଆରଏମସି ମାର୍କେଟ ୟାର୍ଡରେ ଅନୁଷ୍ଠିତ ହୋଇଯାଇଛି । ଲ୍ୟାମ୍ପ ସଭାପତି ଲକ୍ଷ୍ମୀନାରାୟଣ ଛତ୍ରିଆଙ୍କ ଅଧ୍ୟକ୍ଷତା ହୋଇଥିବା ବୈଠକରେ ଲ୍ୟାମ୍ପ ଏମ.ଡି ପ୍ରଦୀପ କୁମାର ଭଇଁସା ସଭା ପରିଚାଳନା କରି ବାର୍ଷିକ ବିବରଣୀ ପଠନ ପୂର୍ବକ ବିଗତ ବର୍ଷର ଆୟବ୍ୟୟ ସୂଚୀ ଉପସ୍ଥାପନ କରିଥିଲେ । ସଭାରେ ସମବାୟ ନୀରିକ୍ଷକ ସୌମିତ୍ରୀ ବେହେରା ଓ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସବନମ ପଟେଲ ଯୋଗଦେଇଥିଲେ । ଶାଖା ପରିଚାଳକ ପଟେଲ ତାଙ୍କ ବକ୍ତବ୍ୟରେ କହିଥିଲେ ଚାଷୀ ଲ୍ୟାମ୍ପରୁ ଋଣ ନେଇ ପରିଶୋଧ କରୁନଥିବାରୁ ସମିତିରେ ଅସୁବିଧା ଦେଖାଦେଉଛି । ତେଣୁ ଠିକ୍ ସମୟରେ ଋଣ ପରିଶୋଧ କରିବାକୁ ଚାଷୀଙ୍କୁ ଅନୁରୋଧ କରିଥିଲେ । ବ୍ଲକ କୃଷି ଅଧିକାରୀ ଗଗନ ବିହାରୀ ନାୟକ ଓ ସହକାରୀ କୃଷି ଅଧିକାରୀ ପୃଥ୍ୱୀରାଜ ଭୋଇ ଚାଷୀଙ୍କ ଦ୍ୱାରା ଉପସ୍ଥାପିତ କୃଷି ସମସ୍ୟା ଉପରେ ସମାଧାନ ପାଇଁ ସ୍ପଷ୍ଟିକରଣ ଦେଇଥିଲେ । ଏହି ଅବସରରେ ଚାଷୀମାନେ ସାର ଓ ଧାନର ଅଭାବୀ ବିକ୍ରିକୁ ନେଇ ଅସନ୍ତୋଷ ପ୍ରକାଶ କରି ଏହାର ସ୍ଥାୟୀ ସମାଧାନ ନିମନ୍ତେ ଦାବି ରଖିଥିଲେ ।

## ଆଶା ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ୨୦୨୫- ୨୬



ବ୍ରହ୍ମପୁର (ନିପ୍ର ): ବ୍ରହ୍ମପୁର ମହାନଗର ନିଗମ ଅଡିଟୋରିଅମ୍ ହଲ୍ ଠାରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ୨୦୨୫- ୨୬ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ସଂଘମିତ୍ରା ଦଳାଇ, ମାନନୀୟା ମେୟର ବ୍ରହ୍ମପୁର ମହାନଗର ନିଗମ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଅଶୋକ ଶୁକ୍ଳ, ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ନିର୍ଦ୍ଦେଶିକା - ନଗର ସ୍ୱାସ୍ଥ୍ୟ, ଓଡିଶା, ଡଃ. ପୁଷ୍ପିତା ମହାନ୍ତି, ସୁକାନ୍ତ ମିଶ୍ର, କାର୍ଯ୍ୟ ପରିଚାଳକ (ସହରାଞ୍ଚଳ), ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡିଶା, ଆଶୀର୍ବାଦ ପରିଡା ଡେପୁଟି କମିଶନର୍ ପ୍ରମୁଖ ଯୋଗ ଦେଇଥିଲେ । ସୁଶ୍ରୀ ଏ. ଶଯ୍ୟା ରେଡ୍ଡୀ, ଆୟୁକ୍ତ (ଭା.ପ୍ର.ସେ.), ବ୍ରହ୍ମପୁର ମହାନଗର ନିଗମ ଏହି ସମ୍ମିଳନୀର ସଭାପତିତ୍ୱ କରିବା ସହିତ ମୁଖ୍ୟବକ୍ତା ଭାବେ ସୁକାନ୍ତ ମିଶ୍ର, କାର୍ଯ୍ୟ ପରିଚାଳକ (ସହରାଞ୍ଚଳ), ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡିଶା ଯୋଗ ଦେଇଥିଲେ । ଏହି ଅବସରରେ ବ୍ରହ୍ମପୁର ସହରରେ ଥିବା ସମସ୍ତ ୧୭୦ଟି ମହିଳା ଆରୋଗ୍ୟ ସମିତି ଓ ୧୦୯ଟି ଆଶାକର୍ମୀଙ୍କର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯିବା ସହିତ ଭବିଷ୍ୟତର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଥିଲା ଓ ଉକ୍ତ କର୍ମୀଙ୍କର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରାଯାଇଥିଲା ।

## ଶ୍ରୀ ଶ୍ରୀ ଗାଦିଶ୍ୱର ଦେବଙ୍କ ଦଣ୍ଡ ଉତ୍ସବ

କୃଷ୍ଣପ୍ରସାଦ,(ନି ପ୍ର): ଗଡ଼ଜାତ କୃଷ୍ଣପ୍ରସାଦ ବ୍ଲକର ଆରାଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ଗାଦିଶ୍ୱର ଦେବଙ୍କ ପୀଠରେ ମଙ୍ଗଳବାର ଠାରୁ ମା ଦଣ୍ଡକାଳୀଙ୍କ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି । ନିଶାର୍ଦ୍ଧରେ ଠାକୁରଙ୍କୁ କୋଠୀ ଭଗତାମାନଙ୍କ ଦ୍ୱାରା ଆବାହନ କରାଯାଇଥିଲା । ମାନସିକଧାରୀ ଏବଂ ତେର ଭଗତା ନିଷ୍ଠା ଓ କାଷ୍ଠାର ସହ ବ୍ରତ ରଖି ଏହି ମହାନ ପର୍ବରେ ସାମିଲ ହୋଇଛନ୍ତି । ରାଜ ରାଜୁଡ଼ା ଅମଳରୁ ୨୧ ଦିନ ଧରି ପାଳିତ ହୋଇ ଆସୁଥିବା ଏହି ଆଧ୍ୟାତ୍ମିକ ପର୍ବରେ ସାମିଲ ହୋଇଥିବା ଦଣ୍ଡୁଆମାନେ ଅପରାହ୍ଣରେ ପାଣି ତୋଳା କାର୍ଯ୍ୟ ଶେଷ କରିବା ପରେ ଦଣ୍ଡ ଠାକୁରଙ୍କୁ ନେଇ ଗ୍ରାମ ପରିକ୍ରମା କରିଥାନ୍ତି । ପ୍ରଚଳିତ ପ୍ରଥା ଅନୁଯାୟୀ ପାରିକୁଦ ରାଜବାଟି ପରିସରରେ ଦଣ୍ଡ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ ।

# ପରୀକ୍ଷା ଘୁଞ୍ଚାଇବା ଦାବିରେ ନୟାଗଡ଼ କଲେଜରେ ଛାତ୍ର ଆନ୍ଦୋଳନ



ନୟାଗଡ଼,(ନିପ୍ର): ପାଠପଢ଼ା ଶେଷ ହୋଇନି ଅଥଚ ପରୀକ୍ଷା ପାଇଁ ନୋଟିସ୍ । ସିଲାବସରେ ଥିବା ୬ ମାସର ପାଠ୍ୟକ୍ରମକୁ ଯେନତେନ ଭାବେ ୨ମାସରେ ଶେଷକରି ପରୀକ୍ଷା କରିବାକୁ କଲେଜ କର୍ତ୍ତୃପକ୍ଷ ଲାଗିପଡିଥିବା ବେଳେ ଏହାକୁ ଛାତ୍ରଛାତ୍ରୀମାନେ ଘୋର ବିରୋଧ କରିଛନ୍ତି । ଯାହାକୁ ନେଇ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ କଲେଜ ଫାଟକରେ ତାଲା ପକାଇବା ସହିତ ନୟାଗଡ଼ - ଓଡ଼ଗାଁ ରାସ୍ତାକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କୁ ଦାବିପତ୍ର ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଏହାକୁ ଗୁରୁତ୍ୱର ସହିତ ନେଇ ପରୀକ୍ଷା ଘୁଞ୍ଚାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଯାହାକି ଛାତ୍ରଛାତ୍ରୀମାନେ ଆନ୍ଦୋଳନରୁ ନିବୃତ ରହିଥିଲେ । ତେବେ ଯେଉଁପରି ଭାବରେ ପରୀକ୍ଷା ପ୍ରୋଗ୍ରାମ ପ୍ରକାଶ ପାଇଥିଲା ସଂକୁଚିତ ସମୟସୀମାରେ କୋର୍ସ ସମାପ୍ତ କରି ପରୀକ୍ଷା ନେବା ଛାତ୍ରମାନଙ୍କ ପ୍ରତି ନ୍ୟାୟସଙ୍ଗତ ନୁହେଁ ଏବଂ ଏହା ତାଙ୍କର ମାନସିକ ସ୍ଥିତି, ଶିକ୍ଷାର ଗୁଣମାନକୁ ପ୍ରଭାବିତ କରିବ ଛାତ୍ରଛାତ୍ରୀ ମାନେ କହିଥିଲେ । ଏପରି ତରବରିଆ ନିଷ୍ପତିକୁ ପୁନଃବିଚାର କରିବା ଆବଶ୍ୟକ ବୋଲି ଦାବି କରିଥିଲେ । ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କ ୨ୟ ଓ ୪ର୍ଥ ସେମିଷ୍ଟର କୋର୍ସକୁ ମାତ୍ର ଗୋଟିଏ ସପ୍ତାହରେ ଦିନକୁ ୪ରୁ ୫ଘଣ୍ଟା କ୍ଲାସ୍ ନେଇ ଶେଷ କରିବାକୁ କୁଆଡ଼େ ଅଧ୍ୟାପକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଅଭିଯୋଗ ହେଉଛି । ଏପ୍ରିଲ ୨ ରୁ ୧୧ ପର୍ଯ୍ୟନ୍ତ ପ୍ରାକ୍ଟିକାଲ ପରୀକ୍ଷା ଏବଂ ଏପ୍ରିଲ ୧୩ ରୁ ଥିଓରୀ ପରୀକ୍ଷାର ସମୟ ନିର୍ଘଣ୍ଟକୁ ନେଇ ପ୍ରଶ୍ନ ଉଠିଛି । ଛାତ୍ରଛାତ୍ରୀମାନଙ୍କ ସମସ୍ୟାକୁ ଗୁରୁତ୍ୱ ନଦେଇ କମ୍ ସମୟ ସୀମା ଭିତରେ ଏପରି ପରୀକ୍ଷା କରିବାକୁ ୟୁଜିସି ନିୟମ ସମ୍ପୂର୍ଣ୍ଣ ଉଲଂଘନ କରୁଛି ବୋଲି ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ । ତେବେ ପରୀକ୍ଷା ସୂଚୀ ପରିବର୍ତ୍ତନ ସହ ସିଲାବସ ପାଠ୍ୟକ୍ରମ ଶେଷ କରିବାକୁ କଲେଜର ଅଧ୍ୟକ୍ଷଙ୍କୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେବା ସହ ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀମାନଙ୍କ ସହମତିରେ ଠିକ୍ ସମୟରେ ପରୀକ୍ଷା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ଉତ୍ସବ ମୁଖର ଶ୍ରୀରାମ ମନ୍ଦିର



ଭାପୁର,(ନିପ୍ର): ଦ୍ୱିତୀୟ ଅଯୋଧ୍ୟା ମାନ୍ୟତା ପାଇଥିବା ଫତେଗଡ ଶ୍ରୀରାମ ମନ୍ଦିରରେ ଆୟୋଜିତ ହେଉଥିବା ଦ୍ୱିତୀୟ ଅଯୋଧ୍ୟା ମହୋତ୍ସବର ବୁଧବାର ଅଷ୍ଟମ ସନ୍ଧ୍ୟାରେ ଶ୍ରୀରାମ ଚରିତ ନବାହ୍ନ ପାରାୟଣରେ ଶ୍ରୀରାମ ଓ ହନୁମାନ ମିଳନ, ବାଳିବଧ, ସେତୁବନ୍ଧ ପ୍ରତିଷ୍ଠା ଓ ଲଙ୍କା ଦହନ ପ୍ରବଚକ ପଣ୍ଡିତ ନାରାୟଣ ପଣ୍ଡା ମହାରାଜଜୀ ପ୍ରବଚନ ପ୍ରଦାନ କରିଥିଲେ । ଉଲ୍ଲେଖଯୋଗ୍ୟ, ରାମନବମୀ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀରାମ ମନ୍ଦିର ପାଦଦେଶରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ୧୫ ଜଣ ଗାୟକଗାୟିକାଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ । ଏହି ମହୋତ୍ସବରେ ମୀନା ବଜାର , ଦୋଳି,ଦୋକାନ ବଜାର ବସିବ । ଏହି ଉପଲକ୍ଷେ ସୁରକ୍ଷା ଦୃଷ୍ଟିରୁ ଆରକ୍ଷୀ ବିଭାଗ,ଅଗ୍ନିଶମ ବିଭାଗ ସ୍ୱତନ୍ତ୍ର ଫୋର୍ସ ମଗାଇ ଏହାକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ସମସ୍ତ ଉଦ୍ୟମ ଜାରି ରହିଛି । ସଚେତନ ନିମନ୍ତେ ରାମଧୁନ ସହିତ ରାମନବମୀ ଦିନ ସକାଳୁ ଶତାଧିକ ରାମଭକ୍ତମାନଙ୍କ ଏକ ବାଇକ ଶୋଭାଯାତ୍ରା ଫତେଗଡ ମନ୍ଦିର ପରିସରରୁ ବାହାରି ଭାପୁର ,ବାହାଡା, ଖଣ୍ଡପଡା,ବେଣାଗାଡିଆ, କଣ୍ଟିଲୋ, ମାଧପୁର, ବିଜିପୁର ଗ୍ରାମ ପରିକ୍ରମା କରି ଫତେଗଡ ମନ୍ଦିର ପାଦଦେଶରେ ସମାପ୍ତ ହେବ । ଶନିବାର ଦିନ ଯଜ୍ଞ ପୂର୍ଣ୍ଣାହୁତି ସହିତ ପ୍ରସାଦ ସେବନ ର କାର୍ଯ୍ୟକ୍ରମ ରହିଥିବା ଶ୍ରୀରାମ ପରିଷଦ ର ସଭାପତି ବେଣୁଧର ପ୍ରଧାନ ଙ୍କ ଠାରୁ ପ୍ରକାଶ ।

## ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ

ଦାମନଯୋଡି,(ନିପ୍ର): କୋରାପୁଟ ଜିଲ୍ଲା ଦାମନଯୋଡି ଶିଳ୍ପାଞ୍ଚଳ ସ୍ଥିତ ଓଡ଼ିଶାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବ' ଆନୁକୂଲ୍ୟରେ ସେକ୍ଟର -୧ ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବାକୁ ଥିବା ବିଂଶତମ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁଯାୟୀ ଏପ୍ରିଲ ୩ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ମୋଟ ୩୪ଟି ନାଟ୍ୟ ଅନୁଷ୍ଠାନ ପାଣ୍ଡୁଲିପି ସହ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆବେଦନ କରିଥିବା ବେଳେ ୧୮ଟି ନାଟ୍ୟସଂସ୍ଥାକୁ ଚୟନ କରାଯାଇଛି ବୋଲି ସୂଚନା ମିଳିଛି । ପ୍ରତ୍ୟେକ ସନ୍ଧ୍ୟାରେ ଦୁଇଟି ନାଟକ ପ୍ରଦର୍ଶନ ହେବାର କାର୍ଯ୍ୟକ୍ରମ ରହିଛି । ଏତଦ ବ୍ୟତୀତ ସ୍ଥାନୀୟ ଅଂଚଳର ୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ 'ଉନ୍ମେଷ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିଶିଷ୍ଟ ନାଟ୍ୟବିତ ରମାକାନ୍ତ ମିଶ୍ର, ନବଦୀପ ମହାଲିକ ଏବଂ ଦିନେଶ ଦାସ ନିର୍ଣ୍ଣାୟକ ମଣ୍ଡଳୀର ସଦସ୍ୟ ରୂପେ ଦାୟିତ୍ୱ ନିର୍ବାହ କରିବେ ।ଏହି ଅବସରରେ ଓଡ଼ିଶାର ଦୁଇ ଜଣ ସୁନାମଧନ୍ୟ ନାଟ୍ୟବିତଙ୍କୁ ପଞ୍ଚପଟ୍ଟମାଳୀ ନାଟ୍ୟ ସମ୍ମାନରେ ସମ୍ମାନିତ କରାଯିବ । ଆଜିର ଆଧୁନିକ ଯୁଗରେ ଓଡିଶାର କଳା, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ଦର୍ଶକମାନଙ୍କୁ ନାଟକାଭିମୁଖୀ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ସମ୍ପାଦକ ନିର୍ମଳ କୁମାର ରାଉତ ସୂଚନା ଦେଇଥିଲେ । ପୂର୍ବଦିନ ଅର୍ଥାତ୍ ୨ ତାରିଖ ଅପରାହ୍ନରେ ଦାମନଯୋଡିର ଆରାଧ୍ୟା ଦେବୀ ମା' କଣ୍ଟାବାଉଁଶୁଣୀ ଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ମା'ଙ୍କ ଆଜ୍ଞାମାଳ ଓ ସଂସ୍କୃତି ଜ୍ୟୋତି ପାରମ୍ପରିକ ରୀତିନୀତି ରେ ଅଣାଯାଇ ମଞ୍ଚରେ ସ୍ଥାପନ କରାଯିବ ବୋଲି ସୂଚନା ମିଳିଛି ।ଏହି ସାମ୍ବାଦିକ ସମ୍ମିଳନୀରେ ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବର ଉପ ସଭାପତି ରଞ୍ଜୟ କୁମାର କାନୁନଗୋ, ଯୁଗ୍ମ ସମ୍ପାଦକ ଚିତ୍ତ ରଞ୍ଜନ ଦାଶ, କାର୍ଯ୍ୟାଳୟ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ, କାର୍ଯ୍ୟକାରିଣୀ ସଭ୍ୟ ଏନ ରବି କୁମାର, କେ ନାଗେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପୁରୀ(ନିପ୍ର): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ଡେଲାଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୋଟ ୧୧୮ ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ୯୫ ଗୋଟି ବ୍ୟକ୍ତିଗତ, ୨୨ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରୁ ସହାୟତା ସମ୍ପର୍କରେ ରହିଥିଲା । ତତକ୍ଷଣାତ ୧୨ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା ।ଏହି ଶୁଣାଣୀ ରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସପି ସଚିନ ପଟେଲ, ଏଡିଏମଓ ଡା ଲଲାଟେନ୍ଦୁ ମିଶ୍ର,ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ଏସଡିପିଓ ଦେବାଶିଷ ମିଶ୍ର , ଡେଲାଙ୍ଗ ବିଡ଼ିଓ ସମୀର ବେହେରା, ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ଆସନ୍ତା ୩୦ ତାରିଖରେ ଗୋପ ବ୍ଲକ ସମ୍ମିଳନୀ ଗୃହ ରେ ଦିବା ୧୦ ଘଟିକା ରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

## ବ୍ରହ୍ମପୁରରେ ୯୧ତମ ଓଡ଼ିଶା ଦିବସ ପାଳନ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା

ବ୍ରହ୍ମପୁର,(ନିପ୍ର ) ବ୍ରହ୍ମପୁରରେ ୯୧ତମ ଓଡ଼ିଶା ଦିବସ ପାଳନ ନିମନ୍ତେ ବକ୍ତୃତା,ସଙ୍ଗୀତ ଓ ପ୍ରବନ୍ଧ ପ୍ରତିଯୋଗିତା ସ୍ଥାନୀୟ ସହିଦ୍ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା ଠାରେ ଚଳିତ ମାସ ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ୨୫ ତାରିଖ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ୨୬ ତାରିଖରେ ଅନୁଷ୍ଠିତ ହୋଇଥିଲା । ପ୍ରବନ୍ଧ ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନ ଅଂଶୁମାନ ପାଣିଗ୍ରାହୀ, ଦ୍ୱିତୀୟ ଶିବରାମ ଆପଟ୍ଟ ଓ ପ୍ରତିଜ୍ଞା ପୁରୋହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ପୂଜା ଶତପଥୀ ପ୍ରଥମ, ଅଭିପ୍ସା ପଣ୍ଡା ଦ୍ୱିତୀୟ ଓ ରିତୁ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ମହାବିଦ୍ୟାଳୟ ସ୍ତରରେ କେ ବିଶ୍ୱେଶ୍ୱରି ପ୍ରଥମ ଓ ସଂଗୀତା ଦଳବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ।

## ରନ୍ଧନ ଗ୍ୟାସ ସଙ୍କଟ: ଚିନ୍ତାରେ ବ୍ୟବସାୟୀ

ବାଲିପାଟଣା-(ନିପ୍ର): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଏବେ ରନ୍ଧନ ଗ୍ୟାସର ଅଭାବ ଦେଖାଦେଇଛି । ଘରୋଇ ବ୍ୟବହାରକାରି ମାନଙ୍କ ପାଇଁ ନିୟମରେ ପରିବର୍ତନ ହୋଇଛି । ପୂର୍ବରୁ ୨୫ ଦିନ ପରେ ଗ୍ୟାସ ବୁକିଂ କରିବାର ଥିବାବେଳେ ଏବେ ଗ୍ରାମାଞ୍ଚଳ ପାଇଁ ୪୫ ଦିନ ହୋଇଛି । ସହରାଞ୍ଚଳ ପାଇଁ ୨୫ ଦିନ ରହିଛି । ଏହି ଗ୍ୟାସ ସଙ୍କଟ ବେଳେ ଘରୋଇ ବ୍ୟବହାରକାରୀ ଯେଉଁ ମାନଙ୍କର ଛୋଟ ପରିବାର ଚଳି ଯାଉଥିବା ବେଳେ ଗ୍ରାମାଞ୍ଚଳରେ ବଡ଼ ପରିବାରରେ ଏହି ସଙ୍କଟ ଲୋକଙ୍କୁ ବିକଳ୍ପ କାଠ ଚୁଲୀ ପ୍ରତି ବାଧ କରିଛି । ଛୋଟ କଣ ବଡ଼ କଣ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରାୟ କାଠ ଚୁଲୀ ବ୍ୟବହାର କଲେଣି । ହାଟ ବଜାରରେ ମଧ୍ୟ ଏହି କାଠ ଚୁଲିର ଚାହିଦା ବଢ଼ିଲାଣି । ସବୁଠାରୁ ବେଶୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛୋଟବଡ଼ ହୋଟେଲ୍ ଫାଷ୍ଟଫୁଡ ଚାଟ ଚା ଦୋକାନୀ ଆଦି କ୍ଷୁଦ୍ର ମଧ୍ୟମ ବଡ଼ ବ୍ୟବସାୟୀ ମାନେ ଦୋକନ ବନ୍ଦ । ତା ଛଡା ଅନ୍ୟ ଶିଳ୍ପ ଯେଉଁମାନେ କି ଗ୍ୟାସ ବ୍ୟବହାର କରନ୍ତି ସେମାନଙ୍କ ବେପାର ମଧ୍ୟ ବନ୍ଦ ହେବା ଉପରେ ବନ୍ଦ ହେଲାଣି । ସହରରେ ଏହି ବ୍ୟବସାୟୀ ମାନେ ଚୋରା ଗ୍ୟାସ ୩ ରୁ ୪ ହଜାର ଟଙ୍କାରେ ଆଣି ବେପାର କରୁଥିବା ବେଳେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଚନ୍ଦ୍ରଶେଖରପୁର ଏବଂ ଝାରପଡା ଅଂଚଳରୁ ୨୦୦ ରୁ ଅଧିକ ସିଲିଣ୍ଡର ଜବତ ହୋଇଛି । ଗ୍ରାମାଞ୍ଚଳରେ ଏହି ଚୋରା ଗ୍ୟାସ ମିଳିବା କଷ୍ଟ ହେଲେ ମଧ୍ୟ କିଏ କେଉଁଠି ଅଧିକ ଦେଇ ତାଙ୍କ କାର୍ଯ୍ୟ କରୁଛନ୍ତି ।ହଜାର ଜାଗାରେ ଦୁଇ ହଜାର ଦେବାକୁ ପ୍ରସ୍ତୁତ ହେଲେ ଗ୍ୟାସ ନାହିଁ । ଏଠି ଅଭିଯୋଗ କରିବ କିଏ ଆଗ ବେପାର । କେହି କେହି ବିଦ୍ୟୁତ ଚାଳିତ ଇଣ୍ଡକ୍ସନ ଚୁଲୀ ବ୍ୟବହାର କରୁଥିବା ଦେଖାଯାଉଛି । କେବେ ଏହି ଯୁଦ୍ଧ ସରିବ ଗ୍ୟାସ ଯୋଗାଣ ସ୍ୱାଭାବିକ ହେବ ଜାଲେଣି ଗ୍ୟାସ ପରି ଏକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅଭାବରେ ସମସ୍ତେ ଯେମିତି ଚିନ୍ତାରେ ସବୁଠି ଆଲୋଚନା କେବେ ହେବ ଯୋଗାଣ ସ୍ୱାଭାବିକ ।

## ଶ୍ରୀରାମ ନବମୀ ମହୋତ୍ସବ: ୬୦୦୮ ମହିଳାଙ୍କ କଳସ ଶୋଭାଯାତ୍ରା




ଭଦ୍ରକ(ନିପ୍ର): ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ପକ୍ଷରୁ ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ଚଳିତ ବର୍ଷ ରୀତିନୀତି ଅନୁଯାୟୀ ଆଜି କଳସ ଶୋଭାଯାତ୍ରା, ଆଜ୍ଞାମାଳ ଅଣାଯିବା କାର୍ଯ୍ୟ ସହିତ ଯଜ୍ଞ କର୍ମ ଆରମ୍ଭ ହୋଇଛି । ପୂର୍ବାହ୍ଣରେ ୪ ଟି ଆଧ୍ୟାତ୍ମିକ ସ୍ଥଳୀ ଅଯୋଧ୍ୟା ଧାମ, ଆରଡ଼ି ସ୍ଥିତ ବାବା ଆଖଣ୍ଡଳମଣି, ଯାଜପୁରର ମା' ବିରଜା ଓ ଭଦ୍ରକର ମା' ଭଦ୍ରକାଳୀଙ୍କ ପୀଠରୁ ଶତାଧିକ ଭକ୍ତଙ୍କ ଦ୍ୱାରା ଆଜ୍ଞା ମାଳ ଅଣାଯାଇ ଗାନ୍ଧୀପଡ଼ିଆ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା । ଶ୍ରୀରାମ ନବମୀ ମହାଯଜ୍ଞ ନିମନ୍ତେ ସହରର ବାବା ଲୋକନାଥ ମନ୍ଦିରରୁ ଘଟ ଅଣାଯାଇ ଯଜ୍ଞାରମ୍ଭ ହୋଇଥିଲା । ଅପରାହ୍ଣ ୪ ଘଟିକାରେ ୬ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାର ମହିଳାମାନେ ଗାନ୍ଧୀପଡ଼ିଆ ଯଜ୍ଞସ୍ଥଳରୁ ବାହାରି ଅସ୍ତଳ ଗ୍ରାମ ହୋଇ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ସାଳନ୍ଦୀ ନଦୀ ଘାଟରେ ପହଞ୍ଚିଥିଲେ । ସେଠାରେ ରୀତିନୀତି ଅନୁଯାୟୀ ପୂଜା ପରେ ମହିଳାମାନେ ଘଟୋତ୍ତଳନ କରିଥିଲେ ।

## ପବିତ୍ର ଶ୍ରୀରାମ ନବମୀ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ନିମାପଡ଼ା,(ନି.ପ୍ର.): ନିମାପଡ଼ାରେ ହିନ୍ଦୁ ସଂଗଠନକୁ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଅନେକ ଉତ୍ସାହୀ ଯୁବକ ଉଦ୍ୟମ ଜାରି ରଖିଥିଲେ ହେଁ ନିମାପଡ଼ାବାସୀ ଏହାକୁ ସ୍ୱାଗତ ଜଣାଇଛନ୍ତି । ଗତ ମାସରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ୨୭ ତାରିଖ (ଶୁକ୍ରବାର) ଦିନ ଶ୍ରୀରାମ ନବମୀ ମହୋତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ସମର୍ପଣ ହିନ୍ଦୁ ସଂଗଠନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବିଶ୍ୱ ହିନ୍ଦୁ ପରିଷଦ ଉପ-ସଭାପତି ଉମା ଶଙ୍କର ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଚଳିତ ଚୈତ୍ରମାସ ଶୁକ୍ଳପକ୍ଷ ଶ୍ରୀରାମ ନବମୀ ଦିବସରେ ବିଶାଳ ଶୋଭାଯାତ୍ରା ନିମାପଡ଼ା ବଜାର ପରିକ୍ରମା କରିବା ପାଇଁ ସ୍ଥିର ହୋଇଥିବା ଜଣାପଡ଼ିଛି । ବିଶ୍ୱହିନ୍ଦୁ ପରିଷଦ ଏବଂ ଶ୍ରୀରାମ ନବମୀ ମହୋତ୍ସବ ସମିତି ମିଳିତ ସହଯୋଗରେ ଶ୍ରୀରାମଙ୍କ ଜନ୍ମ ମହୋତ୍ସବ ପାଳନ ପାଇଁ ନଗର ପରିକ୍ରମା ସହିତ ପୂର୍ଣ୍ଣେଶ୍ୱରୀ ମନ୍ଦିର ଠାରେ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି । ନିମାପଡ଼ାବାସୀ ସହଯୋଗ କରିବା ପାଇଁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ମଙ୍ଗଳ, ବୁଧବାର ଦିନ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା ।

## ଗଡ଼ଇଟାପୋଖରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟାପୋଖରୀ ଗ୍ରାମରେ ଥିବା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଭାତ କୁମାର ସିଂ, ମୁଖ୍ୟ ବକ୍ତା ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଅମିତା ମିଶ୍ର ,ଜିଲ୍ଲା ମଙ୍ଗଳ ବିଭାଗ ପୁରୀର ପ୍ରଶାନ୍ତ କୁମାର ଶତପଥି ,ଏକେ ବିଦ୍ୟାପୀଠ ନୂଆଗାଁ ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି , କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅଭୟ କୁମାର ମଲ୍ଲ ,ପତିତପାବନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ମିଶ୍ର ,ସମାଜସେବୀ ହରିହର ରାୟ, ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ସୁବାସ ଚନ୍ଦ୍ର ଜେନା ,ସମାଜସେବୀ ସନାତନ ଜେନା , ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜେନା ,ଭୋଦର ସିଆରସିସି ମଧୁସୂଦନ ପଟ୍ଟନାୟକ ,ପରିଚାଳନା କମିଟିର ସଭାପତି ସୁକାନ୍ତ କୁମାର ପାତ୍ର ,ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ରଥ ଯୋଗଦେଇ ଆନୁଷ୍ଠାନିକ ଭାବେ ଉତ୍ସବ ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ସଭାରେ ଉକ୍ତ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ମିଶ୍ର ସଭାପତିତ୍ୱ କରିଥିଲେ । ସଭା କାର୍ଯ୍ୟ ଶେଷରେ କୃତି ଛାତ୍ର ଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ସହିତ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା ।

## ଆମ ପୋଲିସ୍ ସମିତି ବୈଠକ

ଦେବଗଡ଼(ନିପ୍ର): ସ୍ଥାନୀୟ ଜିଲ୍ଲା ରିଆମାଳ ଥାନାରେ ବୁଧବାର ସନ୍ଧ୍ୟା ୫ଟା ବେଳେ ଆମ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଓ.ଆଇ.ସି ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ଶିକ୍ଷକ ପବିତ୍ର ମୋହନ ନାୟକ, ମଲେହିପଡା ସରପଞ୍ଚ ରୁନୁ ବେହେରା, ରିଆମାଳ ସରପଞ୍ଚ ବୀଣାପାଣି ନାୟକ, ସମାଜସେବୀ ଗାନ୍ଧୀ ଚରଣ ନାୟକ, ସାମ୍ବାଦିକ ପ୍ରଣବ କୁମାର ଦେବ, ବରିଷ୍ଠ ସାମ୍ବାଦିକ ନବକିଶୋର ମହାପାତ୍ରଙ୍କ ସମେତ ବହୁ ଭଦ୍ରବ୍ୟକ୍ତି ଯୋଗଦେଇଥିଲେ । ସମସ୍ତ ଅଭିଯୋଗ ସପ୍ତାହିକ ବଜାର ଦିନ ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଚାରି ଚକିଆ ଟ୍ରକ, ବସ ଅନ୍ୟ ରାସ୍ତା ଦେଇ ଯିବାକୁ ବାରମ୍ବାର ଅଭିଯୋଗ ହେଉଛି ।



# କଟକରେ ରନ୍ଧନ ଗ୍ୟାସ ଯୋଗାଣ ସ୍ୱାଭାବିକ ରହିଛି: ଜିଲ୍ଲା ପ୍ରଶାସନ

କଟକ, (ନିପ୍ର): କଟକ ଜିଲ୍ଲାରେ ଘରୋଇ ଓ ବାଣିଜ୍ୟିକ ଉପଭୋକ୍ତାଙ୍କ ପାଇଁ ରନ୍ଧନ ଗ୍ୟାସ (ଏଲପିଜି) ଯୋଗାଣ ସଂପୂର୍ଣ୍ଣ ଭାବେ ସ୍ୱାଭାବିକ ରହିଛି ଏବଂ କୌଣସି ପ୍ରକାରର ଅଭାବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଗ୍ୟାସ ଅଭାବ ନେଇ ଚାଲିଥିବା ଗୁଜବକୁ ବିଶ୍ୱାସ ନକରିବାକୁ କୁହାଯାଇଛି । ସମସ୍ତ ଗ୍ରାହକଙ୍କୁ ସମୟ ଅନୁସାରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦିଆଯାଉଛି । ସହରା□ଳରେ ଗ୍ରାହକମାନେ ଗୋଟିଏ ସିଲିଣ୍ଡର ପାଇବା ପରେ ୨୫ ଦିନ ଅତିକ୍ରାନ୍ତ ହେଲେ ପୁର୍ନବାର ବୁକିଂ କରିପାରୁଛନ୍ତି । ସେହିପରି ଗ୍ରାମାଞ୍ଚଳରେ ଏହି ସମୟସୀମା ୪୫ ଦିନ ଧରାଯାଇଛି । ଏହାଦ୍ୱାରା ଉପଭୋକ୍ତାଙ୍କ ମଧ୍ୟରେ ବଂଟନ ପ୍ରକ୍ରିୟା ଯଥାର୍ଥ ହେଉଛି । ଘରୋଇ ବ୍ୟବହାର ସହିତ, ହୋଟେଲ, ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡ଼ିକୁ ମଧ୍ୟ ଆବଶ୍ୟକ ପରିମାଣରେ ଗ୍ୟାସ ଯୋଗାଣ ହେଉଛି । ବିଶେଷକରି ହସପିଟାଲ, ଛାତ୍ରାବାସ, ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଖାଦ୍ୟ ପ୍ରସ୍ତୁତି/ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି ଏବଂ ଗ୍ୟାସ ଅଭାବଯୋଗୁଁ କୌଣସି ବାଧା ସୃଷ୍ଟି ହୋଇନାହିଁ । ଆବଶ୍ୟକତା ଅନୁଯାୟୀ ସମସ୍ତ ସଂସ୍ଥାକୁ ଠିକ ସମୟରେ ଗ୍ୟାସ ଯୋଗାଇ ଦିଆଯାଉଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ପ୍ରଶାସନ ଏହା ସହିତ ଗ୍ୟାସ ବିତରଣ ବ୍ୟବସ୍ଥା ଉପରେ କଡ଼ା ନଜର ରଖିଛି । କେହି ଯେପରି ଅତିରିକ୍ତ ସିଲିଣ୍ଡର ମହଜୁଦ କରି କୃତିମ ଅଭାବ ସୃଷ୍ଟି ନକରନ୍ତି, ସେଥିପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି । ଏଥିପାଇଁ ଅଧିକାରୀମାନଙ୍କ ସହ ସମୟ ସମୟରେ ବୈଠକ କରାଯାଇ ପରିସ୍ଥିତିର ଆଲୋଚନା କରାଯାଉଛି । ଏହାସହିତ ଗ୍ୟାସର କଳାବଜାରୀ ଓ ଅବୈଧ ଭାବେ ରିପ୍ୟାକେଜିଙ୍ଗ କରି ବିକ୍ରୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି । ଏହି କାର୍ଯ୍ୟକଳାପ ଉପରେ ବିଶେଷ ନଜର ରଖାଯାଉଛି ଏବଂ ଦୋଷୀ ସାବ୍ୟସ୍ତ ହେଲେ ଆଇନ ଅନୁସାରେ କଠୋର ପଦକ୍ଷେପ ନିଆଯିବ । ଜିଲ୍ଲା ପ୍ରଶାସନ ଗ୍ରାହକମାନଙ୍କୁ ଅନାବଶ୍ୟକ ଭାବେ ଗ୍ୟାସ ସିଲିଣ୍ଡର ସଂଗ୍ରହ ନ କରିବାକୁ ଓ ଯୋଗାଣ ତଥା ବୁକିଂ ବାବଦରେ କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ ଅନୁରୋଧ କରିଛି ।

ତିଥି : (ନବମୀ) : (ପୁନର୍ବସୁ ମିଥୁନ)
ଅମୃତବେଳା: ଦିବା ଘ.୭।୨୫ ମଧ୍ୟେ ଘ୮।୧୩ ଗତେ

## ଆଜିର ଅନୁଚିନ୍ତନ

ଯାହାର ଇନ୍ଦ୍ରିୟଗଣ ବଶୀଭୂତ, ଅନ୍ତଃକରଣ ନିର୍ମଳ, ଶରୀର ନିଜ ଦ୍ୱାରା ବଶୀଭୂତ ଏବଂ ସକଳ ପ୍ରାଣୀଙ୍କର ଆତ୍ମା ହିଁ ଯାହାର ଆତ୍ମା, ସେପରି କର୍ମଯୋଗୀ କର୍ମ କରି ମଧ୍ୟ ତହିଁରେ ଲିପ୍ତ ହୁଏ ନାହିଁ।।

।।- ଶ୍ରୀମଦ୍ ଭଗବଦ୍ ଗୀତା

# ନିଃସର୍ତ୍ତରେ ବନ୍ଦ ହେଉ ଯୁଦ୍ଧ

ଦୁଇ ରାଷ୍ଟ୍ର ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଦ୍ୱାରା ଶିକାର ହୋଇଥିବା ଇରାନ ପ୍ରତିଜବାବ ରଖିବା ସ୍ୱାଭାବିକ। ତିନି ସପ୍ତାହରୁ ଅଧିକ ବିତିଲାଣି ଏହି ଯୁଦ୍ଧ। ଯଦିଓ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଘୋଷିତ ୫ ଦିନିଆ ଯୁଦ୍ଧ ବିରତି ଏବେ ଜାରି ରହିଛି। 'ଇରାନ ପରମାଣୁ ବୋମା ପ୍ରସ୍ତୁତ କରିବା ପୂର୍ବରୁ ତାହା ଉପରେ ଆକ୍ରମଣ କରିବାର ସମୟ ଆସିଯାଇଛି।' ଏପରି ମର୍ମରେ ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ଯଥା ପେଣ୍ଟାଗନ ମୁଖ୍ୟ ଗେଟ୍ ହେଗସେଥ ରାଷ୍ଟ୍ରପତି ଟ୍ରମ୍ପଙ୍କୁ କୁଆଡ଼େ ଯୁଦ୍ଧ ପୂର୍ବରୁ ପରାମର୍ଶ ଦେଇଥିଲେ ଏବଂ ଏପରି କହିବା ପରେ ଆମେରିକା ପକ୍ଷରୁ ଯୁଦ୍ଧର ସୂତ୍ରପାତ ହୋଇଥିଲା। ଏନେଇ ଯଦିଓ ବିଶ୍ୱସ୍ତରରେ କୌଣସି ଯୁକ୍ତିଯୁକ୍ତ କାରଣ ନ ଥିଲା। ଇରାନ ଏକ ସାର୍ବଭୌମ ରାଷ୍ଟ୍ର। ଏହା ପରମାଣୁ ବୋମା ପ୍ରସ୍ତୁତ ପୂର୍ବକ କୌଣସି ରାଷ୍ଟ୍ରକୁ ଧମକଚମକ ଦେଇଥିବା କିମ୍ବା ଅନ୍ୟ ରାଷ୍ଟ୍ରରେ ଅହେତୁକ ଭାବରେ ଆତଙ୍କ ରଚିଥିବାର ନଜିର ନାହିଁ। ସୁତରାଂ ପରମାଣୁ ବୋମା ପ୍ରସ୍ତୁତି ଯେ କାରଣ ନୁହେଁ, ତାହା ବାରି ହୋଇପଡୁଛି। ମାତ୍ର ଏହାକୁ ଆଳ କରି ଯେତେ ଦୂର ସମ୍ଭବ ଉକ୍ତ ଦେଶର ତୈଳ ସଂପଦ ହାତେଇବାକୁ ଅପପ୍ରୟାସ କରି ଚଳାଇଥିବା ଯୁଦ୍ଧ ଏବେ ଆମେରିକା ତଣ୍ଟିରେ କଣ୍ଟା ଭଳି ଲାଗିଛି। ଇସ୍ରାଏଲ ପକ୍ଷରୁ ଯେବେ ଇରାନ ତୈଳ ଡିପୋ ଉପରେ ଘନ ଘନ ଆକ୍ରମଣ ଯେବେ ହେଲା, ସେଥିନେଇ ଆମେରିକା ଇସ୍ରାଏଲ ଉପରେ ଖପ୍ପା ହୋଇଥିଲା।

ଯୁଦ୍ଧ ହେଉ କି ଅନ୍ୟ ସମୟ ହେଉ,ଇରାନର ଉପକୂଳରେ ଅବସ୍ଥିତ ମୁଖ୍ୟ ସାମୁଦ୍ରିକ ପଥ ହର୍ମୁଜ ଅନ୍ତର୍ଜାତୀୟ ସ୍ତରରେ ଜାହାଜ ଚଳାଚଳର ଏକ ଜୀବନରେଖା ଭାବେ ପରିଚିତ। ଇନ୍ଧନ ଗ୍ୟାସ, ଅଶୋଧିତ ତୈଳ ଓ ଅନ୍ୟାନ୍ୟ ସାମଗ୍ରୀର ଆବଶ୍ୟକତା ଜାହାଜ ଚଳାଚଳ



ଦ୍ୱାରା ସମ୍ଭବ ହେଉଥିବା ଦୃଷ୍ଟିରୁ ଏହି ସାମୁଦ୍ରିକ ପଥକୁ ବନ୍ଦ କରାଯିବା ଉଚିତ ନୁହେଁ, ଉଭୟ ରାଷ୍ଟ୍ରପତି ଟ୍ରମ୍ପ ଓ ଭାରତ ପ୍ରଧାନମନ୍ତ୍ରୀ ମୋଦି ନିକଟରେ ଟେଲିଫୋନ ଯୋଗେ ପରସ୍ପର କଥାବାର୍ତ୍ତା ହେବା ବେଳେ ଯାହା ସହମତି ପ୍ରକାଶ କରିଛନ୍ତି ସେଥିରେ କେହି ବିରୋଧ କରିବେ ନାହିଁ। କାରଣ ଏହା ସମସ୍ତଙ୍କ ହିତ ପାଇଁ ଉଦ୍ଦିଷ୍ଟ ।

ଇରାନକୁ ନିକଟରେ ଟ୍ରମ୍ପଙ୍କ ପକ୍ଷରୁ ଦିଆଯାଇଥିଲା ୧୫ ସୂତ୍ରୀ ଶାନ୍ତି ପ୍ରସ୍ତାବ। ତେବେ ଇରାନ ଏହାକୁ ପ୍ରତ୍ୟାଖ୍ୟାନ କରିସାରିଛି। ଓଲଟି ୫ଟି ସର୍ତ୍ତ ଉପରେ କଥାବାର୍ତ୍ତା ହେବ ବୋଲି ଆମେରିକା ନିକଟରେ ଇରାନ ରଖିଥିବା ପ୍ରସ୍ତାବ କେତେ ଦୂର ଗ୍ରହଣୀୟ ହେବ ସେଥି ନେଇ ସନ୍ଦେହ ପ୍ରକାଶ ପାଇଛି। ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ନିଜର ସାମରିକ ଘାଟିଗୁଡ଼ିକୁ ଆମେରିକା ବନ୍ଦ କରୁ, ହର୍ମୁଜ ଦେଇ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ପାଇଁ ସ୍ୱତନ୍ତ୍ର ଦେୟ ଧାର୍ଯ୍ୟ କରାଯାଉ, ହର୍ମୁଜ ଉପରେ ଇରାନର ସାର୍ବଭୌମତ୍ୱ ବଜାୟ ରହୁ, ପୁଣି ଯୁଦ୍ଧରେ ହୋଇଥିବା କ୍ଷୟକ୍ଷତି ବାବଦରେ ଆମେରିକା ଆର୍ଥିକ ସହାୟତା ଦେଉ, ହେଜବୁଲ୍ଲା ବିରୋଧରେ ଇସ୍ରାଏଲ ଆକ୍ରମଣ ବନ୍ଦ କରୁ ଇତ୍ୟାଦି ହେଉଛି ଇରାନର ସର୍ତ୍ତମାନ। ଇରାନ ଉପକୂଳରେ ହର୍ମୁଜ ଅଛି ବୋଲି ତାହାକୁ ଇରାନ ତାହା ଉପରେ ହକ୍ ଦାବି କରି ଅନ୍ତର୍ଜାତୀୟ ଜାହାଜ ଚଳାଚଳ ଯଦି ସ୍ୱାଭାବିକ କରିଥାନ୍ତା, ତେବେ ଯୁଦ୍ଧ ଆଗକୁ ଏତେ ବଢିନଥାନ୍ତା। ତାହାଛଡ଼ା ଏବେ ଦେୟ କଷିବା ନେଇ ଯେଉଁ ସର୍ତ୍ତ ରଖାଯାଇଛି କୌଣସି ରାଷ୍ଟ୍ର ଏନେଇ ଆଗ୍ରହୀ ହେବେ ନାହିଁ। ଗଣମାଧ୍ୟମ ଖବର ଅନୁଯାୟୀ ଇରାନ ଏହି ସାମୁଦ୍ରିକ ପଥରେ ଜାହାଜଟିଏ ପାରି ହେବା ପାଇଁ ଟୋଲ୍ ଟିକସ ୧୮କୋଟି ଲେଖାଏଁ ଆଦାୟ କରୁଛି। ଏବେ ଏହି ସାମୁଦ୍ରିକ ପଥ ଦେଇ ଅତିକ୍ରମ କରିବାକୁ ପ୍ରାୟ ୨ହଜାର ଜାହାଜ ଅଟକ ରହିଛନ୍ତି। ଏହାଦ୍ୱାରା ସାଧାରଣ ଲୋକଙ୍କ ଆବଶ୍ୟକତା ମେଣ୍ଟି ନ ପାରିବାରୁ ବହୁ ରାଷ୍ଟ୍ରରେ ଦୁଃସ୍ଥିତି ସୃଷ୍ଟି ହୋଇସାରିଛି। ଇରାନର ୫ ସୂତ୍ରୀ ପ୍ରସ୍ତାବରେ ଟ୍ରମ୍ପ ରାଜି ହେବେ ଏପରି ଆଶା କ୍ଷୀଣ। କୂଟନୈତିକ ଆଲୋଚନା ଜରିଆରେ ଯୁଦ୍ଧର ସମାଧାନ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ବହୁ ପୂର୍ବରୁ ମତାମତ ରଖିଆସିଛନ୍ତି। କେହି ଅସ୍ତ୍ର ଉଠାଇବେ ନାହିଁ। ଅର୍ଥାତ୍, ବିନା ସର୍ତ୍ତରେ ଯୁଦ୍ଧର ପକ୍ଷଭୁକ୍ତ ରାଷ୍ଟ୍ରମାନେ ଯୁଦ୍ଧ ଯଦି ବନ୍ଦ କରିବେ, ତେବେ ପ୍ରାକୃତିକ ଶକ୍ତି ଉତ୍ସ ସୁରକ୍ଷିତ ରହିବ ଏବଂ ଭବିଷ୍ୟତ ପିଢି ପାଇଁ ଏକ ଭଲ ବାର୍ତ୍ତା ମିଳିପାରିବ। ସୁତରାଂ ଯୁଦ୍ଧ ବନ୍ଦ ହେଉ।ଶାନ୍ତି ପ୍ରତିଷ୍ଠା ହେଉ।

# ସାହିତ୍ୟର ଏକ ବିଶ୍ଳେଷଣ

## ଅନୀତା ପଟ୍ଟନାୟକ

ଦିନେ ସରଳା ବହି ବସ୍ତାନି ଫିଙ୍ଗିଦେଇ ତାର ମାକୁ କହିଲା ମୁଁ ଆଉ ସ୍କୁଲକୁ ଯିବି ନାହିଁ। ମା' ବିଦ୍ୟାବତୀ ଏପରି କାହିଁକି କହୁଛୁ ବୋଲି ପଚାରିଲେ । ସରଳା କହିଲା- ମୁଁ ସାର୍‌ଙ୍କୁ ପଚାରିଲି ସାହିତ୍ୟ ଅର୍ଥ କ'ଣ ? ସାର୍ ମତେ କହିଲେ ସବୁର କ'ଣ ଅର୍ଥ ଥାଏ ? ସାହିତ୍ୟ ଏକ ବିଷୟ ଯାହାକୁ ପଢ଼ିବାକୁ ହୁଏ।

ମା କହିଲେ, ସାହିତ୍ୟର ଅର୍ଥ 'ଯିଏ ସତତ୍ ଯାଏ' ଅଜ୍ଞାନ ଅବିଦ୍ୟା ପ୍ରଭୃତି ଦୂର କରିବା ପାଇଁ ଶାସ୍ତ୍ର ଓ ସାହିତ୍ୟ ପଢ଼ାଯାଏ। ବେଦ, ଗୀତା, ଉପନିଷଦ ଏସବୁ ପୁରୁଣା ସାହିତ୍ୟ। କୋରାନ, ବାଇବେଲ, ତ୍ରିପିଟକ, ବିଭିନ୍ନ ଧର୍ମଗ୍ରନ୍ଥ ମଧ୍ୟରେ ସାହିତ୍ୟ। ଏହା ଆମକୁ ଉଚିତ ରାସ୍ତାରେ ଚାଲିବା ପାଇଁ ରାସ୍ତା ଦେଖାଇଥାଏ। ଏହି ସମୟରେ ସରଳାର ପିତା ଅରୁଣବାବୁ ଆସି ପହଞ୍ଚିଲେ । ସେ ମା ଝିଅଙ୍କର କଥୋପକଥନ ଶୁଣି ସେ କହିଲେ ସ୍କୁଲକୁ ଯିବ, ପଢ଼ିବାକୁ ଚେଷ୍ଟା କରିବ। ଦୁର୍ବଳତା ନୁହେଁ ବରଂ ଚେଷ୍ଟା ନ କରିବା ହିଁ ଦୁର୍ବଳତା । ବିଜ୍ଞାନରେ ତଥ୍ୟ ଅଳ୍ପଥାଏ, କିନ୍ତୁ ପ୍ରୟୋଗ ଅଧିକା ଥାଏ। କିନ୍ତୁ ମା ଯେଉଁ ସାହିତ୍ୟ ବିଷୟବସ୍ତୁ ଗୁଡ଼ିକରେ କହୁଥିଲେ ସେଥିରେ ତଥ୍ୟ ଅଧିକ ଥାଏ କିନ୍ତୁ ମଣିଷମାନେ ଏହି ତଥ୍ୟକୁ ଜାଣିବାକୁ ଓ ପ୍ରୟୋଗ କରିବାକୁ କମ୍ ପ୍ରୟାସ କରିଥାନ୍ତି।

ଝିଅକୁ ଗେହ୍ଲାକରି ବାପା କହିଲେ ସାହିତ୍ୟ ଅଧ୍ୟୟନ କଲେ ଜ୍ଞାନ ଅର୍ଜନ ହୁଏ। ଓ ଜ୍ଞାନକୁ ଉଚିତ ମାର୍ଗରେ ପ୍ରୟୋଗ କଲେ ଆନନ୍ଦ ମିଳେ। ସାହିତ୍ୟକୁ ଅଧ୍ୟୟନ ନ କରି ପ୍ରୟୋଗ କରିବା ଏକ ସ୍ଥାଣୁତା। ସେଥିପାଇଁ ମଣିଷ ଦୁଃଖ କଷ୍ଟ ପାଇଥାଏ। ସରଳା ତାର ପିଲାଳିଆ ବୁଦ୍ଧିରେ କହିଲା - ବାପା ! ସାହିତ୍ୟ ସମାଜର କି ଉପକାରରେ ଆସେ ? ତୁମେ ଗୋଟିଏ କଥା କୁହ ଓ ମା ଗୋଟିଏ କଥା କହୁ। ଅରୁଣବାବୁ କହିଲେ, ସାହିତ୍ୟ ଅଧ୍ୟୟନ କଲେ ଜୀବନର ସବୁ କ୍ଷେତ୍ରରେ କିପରି ସାଧୁତା ବଜାୟ ରଖିବାକୁ ହେବ ତାହା ଆମେ ଶିକ୍ଷା କରିପାରିବା। ବିଦ୍ୟାବତୀ କହିଲେ ରାଜନୀତିରେ କିପରି ନିର୍ମଳତା ରକ୍ଷା କରାଯାଇ ପାରିବ ତାହା ସାହିତ୍ୟରୁ ମିଳିପାରିବ ? ଅରୁଣ କହିଲେ, ଏ ଦେଶରେ ଅର୍ଥନୈତିକ ସମାନତା କିପରି ଆସି ପାରିବ ତାହା ଆମେ ସାହିତ୍ୟ ଅଧ୍ୟୟନ କରି ଜାଣିପାରିବା ଓ ଆଣି ପାରିବା। ବିଦ୍ୟାବତୀ କହିଲେ ସମାଜରେ ଏକତ୍ୱବୋଧ କିପରି ବିକଶିତ ହୋଇପାରିବ ତାହା ଆମେ ସାହିତ୍ୟରୁ ଜାଣି ପାରିବା।

ଅରୁଣବାବୁ ଗେଲ କରି ଝିଅକୁ କହିଲେ ସ୍କୁଲକୁ ନଯିବା କଥା କେବେ କହିବୁ ନାହିଁ। ବିଦ୍ୟାବତୀ କହିଲେ ସାହିତ୍ୟ ଅଧ୍ୟୟନର ମୂଳ ମନ୍ତ୍ର ଚରିତ୍ର ଗଠନ। ଅରୁଣ ବାବୁ ତତ୍‌କ୍ଷଣାତ୍ କହି ଉଠିଲେ ସାହିତ୍ୟ ଅଧ୍ୟୟନରେ ଜ୍ଞାନର ପରିସମାପ୍ତି ଘଟେ ଓ ଜୀବନରେ ପ୍ରେମ ବିକଶିତ ହୁଏ। ବିଦ୍ୟାବତୀ କହିଲେ, ସାହିତ୍ୟ ମୋକ୍ଷ ପ୍ରାପ୍ତିର ମାର୍ଗଦର୍ଶକ ହୋଇଥାଏ।

ସିଡ଼ିଏ, କଟକ, ମୋ : ୯୬୯୨୯୮୦୦୨୬

# ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ

“ ଶ୍ରୀରାମଚନ୍ଦ୍ର ହେଉଛନ୍ତି ଭାରତୀୟ ସଂସ୍କୃତିର ଜଣେ ଆଦର୍ଶ ପୁରୁଷ ଓ ଭଗବାନ ବିଷ୍ଣୁଙ୍କର ସପ୍ତମ ଅବତାର। ସେ ଚୈତ୍ର ମାସ ଶୁକ୍ଳ ପକ୍ଷର ନବମୀ ତିଥି ଏବଂ କର୍କଟ ଲଗ୍ନର ପୁନର୍ବସୁ ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ। ଏହି ପବିତ୍ର ସମୟକୁ ସାରା ସଂସାରବାସୀ 'ଶ୍ରୀରାମ ନବମୀ' ରୂପେ ପାଳନ କରି ଆସୁଛନ୍ତି। ମହାପ୍ରଭୁଙ୍କୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ରାମଚନ୍ଦ୍ର, ରାଘବ, ରଘୁନାଥ, ରଘୁପତି,ସୀତାପତି, ସୀତାବଲ୍ଲଭ, କୌଶଲ୍ୟା ନନ୍ଦନ, ଦାଶରଥୀ, ରାଜୀବଲୋଚନ , ପରମପୁରୁଷ ଓ ପୁରୁଷୋତ୍ତମ ଆଦି ଅନେକ ନାମରେ ସ୍ମରଣ କରିଥାନ୍ତି। ଏ ପ୍ରତ୍ୟେକ ନାମର ଯଥାର୍ଥତା ବି ରହିଛି। ଯେପରି ରଘୁବର, ଅର୍ଥାତ୍ ଯେ ରଘୁକୁଳର ଶ୍ରେଷ୍ଠ ଏବଂ ଯେ ସ୍ୱର୍ବଦା କୁଳର ରୀତି-ନୀତିକୁ ଅକ୍ଷୁଣ୍ଣ ରଖନ୍ତି। ରାଘବ ନିଜ ରଘୁକୁଳର ଗରିମାକୁ ରକ୍ଷା କରିବାକୁ ଯାଇ ନିଜେ ଅନେକ ଦୁଃଖ ଓ ଯନ୍ତ୍ରଣା ଭୋଗ କରିଛନ୍ତି। କାରଣ ସୂର୍ଯ୍ୟ ବଂଶୀୟ ରଘୁକୁଳର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବଚନ ରକ୍ଷା କରିବା।

ହେମନ୍ତ କୁମାର ଗନ୍ତାୟତ

ମହର୍ଷି ବାଲ୍ମୀକିଙ୍କ ଦ୍ୱାରା ବିରଚିତ ସଂସ୍କୃତ ରାମାୟଣ ମହାକାବ୍ୟ ସମଗ୍ର ସଂସାରେ ଏକ ଅଦ୍ୱିତୀୟ ଗ୍ରନ୍ଥ, ଯାହା ସତ୍ୟ ଘଟଣା ଉପରେ ପର୍ଯ୍ୟବସିତ। ଏଥିରେ ମହର୍ଷି ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଓ ଶୈଶବ କାଳ ବା ବାଳ କାଣ୍ଡ ଠାରୁ ଆରମ୍ଭକରି ସୀତାପତିଙ୍କ ରାଜ୍ୟାଭିଷେକ ଓ ତା'ର ପରବର୍ତ୍ତୀ କଥାକୁ ନେଇ ଉତ୍ତରକାଣ୍ଡ ଭାବେ ସାତଗୋଟି ଭାଗରେ ବର୍ଣ୍ଣନା କରିଛନ୍ତି। ଯାହା ମାନବ ସମାଜ ନିମନ୍ତେ ଏକ ଆଲୋକବର୍ତ୍ତିକା। ଏହି ଗ୍ରନ୍ଥରେ ଅନେକ ତାତ୍ତ୍ୱିକ ବିଷୟ ଆଲୋଚନା ହୋଇଥିଲେ ମଧ୍ୟ ବିଶେଷ ଭାବରେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ 'ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ' ବର୍ଣ୍ଣନା କରାଯାଇଛି।

ଶ୍ରୀରାମଚନ୍ଦ୍ର ହେଉଛନ୍ତି ଭାରତୀୟ ସଂସ୍କୃତିର ଜଣେ ଆଦର୍ଶ ପୁରୁଷ ଓ ଭଗବାନ ବିଷ୍ଣୁଙ୍କର ସପ୍ତମ ଅବତାର। ସେ ଚୈତ୍ର ମାସ ଶୁକ୍ଳ ପକ୍ଷର ନବମୀ ତିଥି ଏବଂ କର୍କଟ ଲଗ୍ନର ପୁନର୍ବସୁ ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ। ଏହି ପବିତ୍ର ସମୟକୁ ସାରା ସଂସାରବାସୀ 'ଶ୍ରୀରାମ



ନବମୀ' ରୂପେ ପାଳନକରି ଆସୁଛନ୍ତି। ମହାପ୍ରଭୁଙ୍କୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ରାମଚନ୍ଦ୍ର, ରାଘବ, ରଘୁନାଥ, ରଘୁପତି,ସୀତାପତି, ସୀତାବଲ୍ଲଭ, କୌଶଲ୍ୟା ନନ୍ଦନ, ଦାଶରଥୀ, ରାଜୀବଲୋଚନ , ପରମପୁରୁଷ ଓ ପୁରୁଷୋତ୍ତମ ଆଦି ଅନେକ ନାମରେ ସ୍ମରଣ କରିଥାନ୍ତି। ଏ ପ୍ରତ୍ୟେକ ନାମର ଯଥାର୍ଥତା ବି ରହିଛି। ଯେପରି ରଘୁବର, ଅର୍ଥାତ୍ ଯେ ରଘୁକୁଳର ଶ୍ରେଷ୍ଠ ଏବଂ ଯେ ସ୍ୱର୍ବଦା କୁଳର ରୀତି-ନୀତିକୁ ଅକ୍ଷୁଣ୍ଣ ରଖନ୍ତି। ରାଘବ ନିଜ ରଘୁକୁଳର ଗରିମାକୁ ରକ୍ଷା କରିବାକୁ ଯାଇ ନିଜେ ଅନେକ ଦୁଃଖ ଓ ଯନ୍ତ୍ରଣା ଭୋଗ କରିଛନ୍ତି। କାରଣ ସୂର୍ଯ୍ୟ ବଂଶୀୟ ରଘୁକୁଳର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବଚନ ରକ୍ଷା କରିବା।

ତେଣୁ ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି : ' ରଘୁକୁଳ ରୀତି ସଦା ଚଲି ଆଇ, ପ୍ରାଣ ଯାଏ ପର ବଚନ ନ ଜାଇ' ଅର୍ଥାତ୍ ରଘୁକୁଳ ରୀତି ବା ପରମ୍ପରା ସର୍ବଦା ଏପରି ରହିଆସିଛି ଯେ, ପ୍ରାଣ ଚାଲିଗଲେ ମଧ୍ୟ ସେମାନେ ଦେଇଥିବା କଥାକୁ କେବେ ବି ଭଙ୍ଗ କରନ୍ତି ନାହିଁ।

ଭଗବାନ ଶ୍ରୀରାମଙ୍କ ଜୀବନୀ ମୁଖ୍ୟତଃ ଆଦର୍ଶ, ଧର୍ମ ଏବଂ କର୍ତ୍ତବ୍ୟ ପରାୟଣତା ଉପରେ ଆଧାରିତ। ପ୍ରଭୁ ଦାଶରଥୀ ପିତୃଭକ୍ତି ଓ କର୍ତ୍ତବ୍ୟପରାୟଣତାର ମୂର୍ତ୍ତିମନ୍ତ ପ୍ରତୀକ ଅଟନ୍ତି। ସେ ପିତୃ ସତ୍ୟ ରକ୍ଷା କରିବାକୁ ଯାଇ ହସି ହସି ରାଜପ୍ରାସାଦ ତ୍ୟାଗ କରି ୧୪ ବର୍ଷ ବନବାସକୁ ଗ୍ରହଣ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ତୁଳସୀ ଦାସ କହିଛନ୍ତି:

ପ୍ରାତଃକାଳ ସିଧୁ ନରହରି ।
ମଗଧ ରଘୁପତି ସିଂହାସନ ଧରି ।।
ପିତୁ ଆୟସୁ ମାନି ନିଜ ଶିର।
ଚଲିତୁ ରାମ ବନ ଧରି ଗମ୍ଭୀର ।।

ଅର୍ଥାତ୍,ପିତାଙ୍କ ଆଜ୍ଞାକୁ ଅବଜ୍ଞା ନ କରି ରଘୁପତି ମୁଣ୍ଡପାତି ଗ୍ରହଣ କରିଥିଲେ ଏବଂ ସେ ଗମ୍ଭୀର ଭାବରେ ବନବାସ ପାଇଁ ବାହାରିଲେ। ସେ'ପରି ଓଡ଼ିଆ ଭାଗବତର ରଚୟିତା ଅତିବଡି ଜଗନ୍ନାଥ ଦାସ ଲେଖିଛନ୍ତି:

'ରାମ ରୂପରେ ଭଗବାନ ହରିଲେ
ମହୀର କଷଣ।
ସତ୍ୟ ପାଳିଲେ ପିତୃବାକ୍ୟ ସୁଖେ
ବଞ୍ଚିଲେ ବନଯାକ ?'

ପ୍ରଭୁ ଶ୍ରୀରାମ ସିଂହାସନ ଛାଡ଼ିଲେ କିନ୍ତୁ ମର୍ଯ୍ୟାଦା ଛାଡ଼ିଲେ ନାହିଁ। ଯାହା ଜଣେ ଆଦର୍ଶ ପୁତ୍ରର ଦୃଷ୍ଟାନ୍ତ ଦର୍ଶାଏ। ସେଭଳି ନିଜ ଜୀବନର ପ୍ରତିଟି କ୍ଷେତ୍ରରେ ନୀତି, ନିୟମ ଓ ସାମାଜିକ ମର୍ଯ୍ୟାଦାକୁ ସେ ଶ୍ରେଷ୍ଠ ସ୍ଥାନ ଦେଇଥିଲେ । ତେଣୁ ଶାସ୍ତ୍ରରେ କୁହାଯାଇଛି:

ଧର୍ମ ସ୍ୱରୂପ ରାମ, ସତ୍ୟ ସ୍ୱରୂପ
ରାମ ।
ପତିତ ପାବନ ରାମ, ମର୍ଯ୍ୟାଦା
ପୁରୁଷୋତ୍ତମ ରାମ ।।

ଏହି କାରଣରୁ ତାଙ୍କୁ 'ମର୍ଯ୍ୟାଦା ପୁରୁଷୋତ୍ତମ' ବୋଲି କୁହାଯାଏ। ସେ ଧର୍ମ ଓ ସତ୍ୟର ସର୍ବଦା ପଥ ଅନୁସରଣ କରିଥିଲେ ଏବଂ କଠିନ ସମୟରେ ମଧ୍ୟ ଧର୍ମ ଓ ସତ୍ୟରୁ ବିଚ୍ୟୁତ ହୋଇନଥିଲେ। ମହାପ୍ରଭୁ କୋଦଣ୍ଡଧାରୀ ରାବଣ ପରି ଶକ୍ତିଶାଳୀ ଅସୁରକୁ ପରାସ୍ତ କରି ଧର୍ମର ପ୍ରତିଷ୍ଠା କରିଥିଲେ। ତେଣୁ ଶ୍ରୀରାମ ହେଉଛନ୍ତି ଧୈର୍ଯ୍ୟ ଓ ସାହସର ଜ୍ୱଳନ୍ତ ଉଦାହରଣ। ଯାହା ଉକ୍ତ ଶ୍ଳୋକରେ ପ୍ରତିଟି ହୁଏ ଲୋକାଭିରାମଂ ରଣରଙ୍ଗଧୀରଂ ରାଜୀବନେତ୍ରଂ ରଘୁବଂଶନାଥମ୍ । ସେ ଥିଲେ ଜଣେ ନ୍ୟାୟପ୍ରିୟ ତଥା ପ୍ରଜାବତ୍ସଳ ଶାସକ। ସୀତାପତି ନିଜର ପ୍ରଜାଙ୍କ ସ୍ୱାର୍ଥକୁ ସର୍ବୋପରି ମନେ କରୁଥିଲେ। ସେ ପ୍ରଜାଙ୍କ ଭାବନାକୁ ହୃଦୟଙ୍ଗମ କରି ମାତା ସୀତାଙ୍କୁ ମଧ୍ୟ ତ୍ୟାଗ କରି ଦେଇଥିଲେ। ତା'ଙ୍କ ଶାସନ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ କରୁଥିଲେ। ତେଣୁ ଆଜି ବି ଆଦର୍ଶ ଶାସନ କହିଲେ 'ରାମରାଜ୍ୟ'କୁ ବୁଝାଏ। ରଘୁନାଥ ଅନାଥର ନାଥ ମଧ୍ୟ ଥିଲେ। ସେ ଶତ୍ରୁ ପକ୍ଷ ଲଙ୍କାପତି ରାବଣର ଭାଇ ବିଭୀଷଣ, ବନ୍ଧୁ ସୁଗ୍ରୀବଙ୍କୁ ମଧ୍ୟ ଦୟା ଭାବ ଦେଖାଇ ଆଶ୍ରୟ ପ୍ରଦାନ କରିଥିଲେ। ତେଣୁ ତା'ଙ୍କୁ ଶରଣାଗତ ବତ୍ସଳ କୁହାଯାଏ। ସେ ଜାତି ବର୍ଣ୍ଣ ନିର୍ବିଶେଷରେ ଗୁହକ ରାଜା, କୈବର୍ତ୍ତ ତଥା ଶବରୀର ଅଇଁଠା କୋଳି ଖାଇ ସମସ୍ତଙ୍କୁ ଆପଣାଇ ନେଇଥିଲେ। ଯାହା ଉଦାରତା ଓ ପ୍ରେମର ଏକ ଅତୁଳନୀୟ ନିଦର୍ଶନ। କୌଶଲ୍ୟା ନନ୍ଦନ ଜଣେ ଆଦର୍ଶ ପୁତ୍ରଭାବେ ମାତା କୈକେୟୀଙ୍କ କଥାକୁ ଗ୍ରହଣ କରି ଭାଇ ଭରତଙ୍କୁ ରାଜ ସିଂହାସନ ପ୍ରଦାନ କରିଥିଲେ ଏବଂ ଆଦର୍ଶ ଶିଷ୍ୟ ଭାବେ ଗୁରୁ ବିଶ୍ୱାମିତ୍ରଙ୍କ ଆଜ୍ଞା ପାଳନ କରି ଅସୁର ସଂହାର କରିଥିଲେ। ଆଦର୍ଶ ଭ୍ରାତୃଭାବେ ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କ ପ୍ରତି ତାଙ୍କର ଅତୁଟ ସ୍ନେହ ରହିଥିଲା। ଆଦର୍ଶ ସ୍ୱାମୀ ରୂପେ ଏକପତ୍ନୀ ବ୍ରତ ପାଳନ କରିଥିଲେ ଏବଂ ମାତା ସୀତାଙ୍କ ପ୍ରତି ରହିଥିଲା ତା'ଙ୍କର ନିଷ୍ଠା ଓ ସମ୍ମାନ। ଆଦର୍ଶ ପିତା ଏବଂ ଜଣେ ଆଦର୍ଶ ମିତ୍ର ଭାବରେ ସାରା ବିଶ୍ୱ ପାଇଁ ସେ ପ୍ରେରଣାର ଉତ୍ସ ଅଟନ୍ତି। ତେଣୁ କୁହାଯାଉଛି ଯେ, ରାମ ସ୍ୱଭାବୁ ସବହି ସନ ପ୍ରୀତି । ସବହି ବହୁତ ପିୟୁ ପ୍ରିୟା ପ୍ରତୀତି ।। ଏହାର ଅର୍ଥ: ଶ୍ରୀରାମଙ୍କ ସ୍ୱଭାବ ଏଭଳି ଯେ ସେ ସମସ୍ତଙ୍କୁ ବିନା ସର୍ତ୍ତରେ ପ୍ରେମ କରନ୍ତି। ତେଣୁ ସେ ସମସ୍ତଙ୍କର ଅତି ପ୍ରିୟ ଅଟନ୍ତି।ଏପରି ଦୈବୀ ଗୁଣ ଓ ଆଦର୍ଶ ଆଜିର ସମାଜ ପାଇଁ ନିତାନ୍ତ ଆବଶ୍ୟକ।

ଖମେଶ୍ୱରୀ ପାଟଣା
ଆସିକା, ଗଞ୍ଜାମ

# ଚାଷୀଙ୍କ 'ଜୀବନରେଖା' ଶୀତଳ ଭଣ୍ଡାର: ସମସ୍ୟା ଓ ସମାଧାନ

“ ଆମେ ଜାଣୁ ଯେ କେବଳ କୃଷି ରଣ ଛାଡ଼ କିମ୍ବା କାଳିଆ ଯୋଜନା ଭଳି ସାହାଯ୍ୟ ଦ୍ୱାରା ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ଯେତେ ପର୍ଯ୍ୟନ୍ତ ଉପଯୁକ୍ତ ଭିତ୍ତିଭୂମି ଓ ବଜାର ସଂଯୋଗର ବ୍ୟବସ୍ଥା ନହୋଇଛି, ସେତେ ପର୍ଯ୍ୟନ୍ତ ଚାଷୀଙ୍କ ଅବସ୍ଥା ଏହିପରି ରହିଥିବ। ସରକାର ଓ ଜିଲ୍ଲା ପ୍ରଶାସନ ଏହି ସମସ୍ୟାକୁ ଏକ ମାନବିକ ସଂକଟ ଭାବେ ଗ୍ରହଣ କରିବା ଉଚିତ। କେବଳ କାଗଜପତ୍ରରେ ସବ୍‌ସିଡିର ହିସାବ ନ ଦେଖାଇ, କ୍ଷେତ୍ର ସ୍ତରରେ ପ୍ରକୃତ ସମସ୍ୟାର ସମାଧାନ କରିବା ଆବଶ୍ୟକ। ସ୍ଥାନୀୟ ଅଞ୍ଚଳରେ ଯଦି ଟମାଟୋ ପ୍ରକ୍ରିୟାକରଣ କାରଖାନା ସ୍ଥାପନ କରାଯାଏ, ଯେଉଁଠାରେ ଟମାଟୋ ସସ୍, କେଚ୍‌ଅପ୍ କିମ୍ବା ପାଉଡର ପ୍ରସ୍ତୁତ ହୋଇପାରିବ, ତେବେ ସ୍ଥାନୀୟ ଚାଷୀଙ୍କ ପାଇଁ ଏକ ସ୍ଥାୟୀ ବଜାର ସୃଷ୍ଟି ହେବ।

ପ୍ରତାପ ନାୟକ

ଦେଶର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମିର ପ୍ରକୃତ ନାୟକ ହେଉଛନ୍ତି ଚାଷୀ। ଯେଉଁମାନେ ଖରା, ବର୍ଷା ଓ ଶୀତକୁ ଖାତିର ନକରି ନିଜର ରକ୍ତକୁ ପାଣି କରି ସମାଜ ପାଇଁ ଅନ୍ନ ସଂସ୍ଥାନ କରନ୍ତି, ସେମାନଙ୍କୁ ଆମେ 'ଅନ୍ନଦାତା' ବୋଲି ସମ୍ବୋଧନ କରିଥାଉ। କିନ୍ତୁ ବାସ୍ତବରେ ଆଜିର ଅନ୍ନଦାତାଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ ଏବଂ ସେମାନଙ୍କ ଜୀବନ ସଂଗ୍ରାମ ଖୁବ୍ କଷ୍ଟକର। ବିଶେଷ କରି ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଝାରେଡି ରାଧାଗୋବିନ୍ଦପୁର, ସାନରାମଚନ୍ଦ୍ରପୁର ଓ ସୁବଳୟା ପଞ୍ଚାୟତର ଟମାଟୋ ଚାଷୀମାନେ ଯେଉଁ ଅତି ଦୟନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି, ତାହା ସମଗ୍ର ରାଜ୍ୟର କୃଷି ବ୍ୟବସ୍ଥା ପ୍ରତି ଏକ ବୃହତ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚାଷୀଟିଏ ଅନେକ ସ୍ୱପ୍ନ ନେଇ, ସାହୁକାର ପାଖରୁ ଋଣ କରି କିମ୍ବା ନିଜର ସଞ୍ଚିତ ସ୍ୱଳ୍ପ ପୁଞ୍ଜିକୁ ବିନିଯୋଗ କରି ଟମାଟୋ ଚାଷ କରିଥାଏ। କାହାର ଲକ୍ଷ୍ୟ ଥାଏ ଫସଲ ବିକ୍ରି କରି ଝିଅର ବାହାଘର କରିବ ତ କାହାର



ପିଲାଙ୍କ ପାଠପଢ଼ା ଖର୍ଚ୍ଚ ତୁଲାଇବା ସହ ପରିବାର ପ୍ରତିପୋଷଣ କରିବାର ବୋଝ। କିନ୍ତୁ ବଜାରରେ ଟମାଟୋ ଦର ହଠାତ୍ ପତନ ହେବା ଫଳରେ ସେମାନେ ନ୍ୟାୟସଙ୍ଗତ ମୂଲ୍ୟ ପାଇବା ପରିବର୍ତ୍ତେ ସର୍ବସ୍ୱାନ୍ତ ହେଉଛନ୍ତି। ଏହି ପରିସ୍ଥିତି ଏତେ ଭୟଙ୍କର ଯେ ଅନେକ ସ୍ଥାନରେ ଚାଷୀ ନିଜର କଠିନ ପରିଶ୍ରମର ଫଳକୁ ତୋଳି ବଜାରକୁ ନେବା ଅପେକ୍ଷା କ୍ଷେତରେ ମିଶାଇଦେବାକୁ ଶ୍ରେୟସ୍କର ମଣୁଛନ୍ତି। ଏହା କେବଳ ଏକ ଆର୍ଥିକ କ୍ଷତି ନୁହେଁ, ବରଂ ଜଣେ ମଣିଷର ଆତ୍ମସମ୍ମାନ ଓ ଶ୍ରମ ପ୍ରତି ଏକ ଚରମ ଅପମାନ।

ଏହି ସଙ୍କଟର ମୂଳ କାରଣଗୁଡ଼ିକୁ ଯଦି ଆମେ ଅନୁଧ୍ୟାନ କରିବା, ତେବେ ବଜାର ନିୟନ୍ତ୍ରଣର ସମ୍ପୂର୍ଣ୍ଣ ଅଭାବ ଏବଂ ମଧ୍ୟସ୍ଥ ବା ଦଲାଲମାନଙ୍କ ଦୌରାତ୍ମ୍ୟ ସ୍ପଷ୍ଟ ଭାବେ ବାରି ହୋଇପଡ଼େ। ଚାଷୀ ଦିନରାତି ଏକ କରି ଫସଲ ଉତ୍ପାଦନ କରୁଥିବା ବେଳେ ଲାଭର ସିଂହଭାଗ ମଧ୍ୟସ୍ଥମାନେ ଚୋରାଇ ନେଉଛନ୍ତି। ଚାଷୀଙ୍କ ପାଖରୁ ଶସ୍ତା ଦରରେ କିଣି ସେମାନେ ସହରୀ ବଜାରରେ ଚଢ଼ା ଦରରେ ବିକ୍ରି କରୁଛନ୍ତି, କିନ୍ତୁ ଯିଏ ଖରାରେ ପୋଡ଼ି ହେଉଛି ତା' ପକେଟକୁ ଶୂନ୍ୟ ହିଁ ମିଳୁଛି। ଏହା ସହିତ ଟମାଟୋ ପରି ଏକ ପଚାସଡ଼ା ଦ୍ରବ୍ୟ ପାଇଁ କୌଣସି ନିମ୍ନତମ ସମର୍ଥନ ମୂଲ୍ୟ ନ ଥିବାରୁ ବେପାରୀମାନେ ଚାଷୀଙ୍କ ଅସହାୟତାର ସୁଯୋଗ ନେଉଛନ୍ତି। ଯେତେବେଳେ ସବୁ ଚାଷୀଙ୍କର ଫସଲ ଏକାସାଙ୍ଗରେ ବଜାରକୁ ଆସୁଛି, ସେତେବେଳେ ଚାହିଦା ତୁଳନାରେ ଯୋଗାଣ ଅଧିକ ହେଉଛି ବୋଲି ବାହାନା କରି ଦରକୁ ଅତି ତଳକୁ ଖସାଇ ଦିଆଯାଉଛି। ଏପରି ପରିସ୍ଥିତିରେ ଚାଷୀ ନିଜର ଉତ୍ପାଦନ ଖର୍ଚ୍ଚ, ସାର ଓ ବିହନ ପାଇଁ କରିଥିବା ଖର୍ଚ୍ଚ ମଧ୍ୟ ଉଠାଇ ପାରୁନାହିଁ।

ଗଞ୍ଜାମର ଏହି ଅଞ୍ଚଳଗୁଡ଼ିକ ପାଇଁ ଏକ ବୃହତ୍ ଶୀତଳ ଭଣ୍ଡାରର ପ୍ରତିଷ୍ଠା ଆଜି ସମୟର ଦାବି। ଯଦି ସରକାର ସେହି ଅଞ୍ଚଳରେ ଏକ ଶୀତଳ ଭଣ୍ଡାର କରିଦିଅନ୍ତେ, ତେବେ ଚାଷୀ ନିଜ ଫସଲକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସାଇତି ରଖିପାରନ୍ତେ। ବଜାର ଦର ଶସ୍ତା ଥିବା ବେଳେ ତରବରିଆ ଭାବେ କ୍ଷତିରେ ବିକ୍ରି ନକରି, ଚାଷୀ ଦର ସୁଧୁରିବା ପର୍ଯ୍ୟନ୍ତ ଅପେକ୍ଷା କରିପାରନ୍ତେ। ଏହାଦ୍ୱାରା ବର୍ଷସାରା ଟମାଟୋର ଦର ମଧ୍ୟ ସ୍ଥିର ରୁହନ୍ତା। ଶୀତଳ ଭଣ୍ଡାର କେବଳ ଚାଷୀଙ୍କୁ ଆର୍ଥିକ ସୁରକ୍ଷା ଦେବ ନାହିଁ, ବରଂ ଖାଦ୍ୟ ନଷ୍ଟ ହେବାରୁ ଦେଶକୁ ରକ୍ଷା କରିବ। ଆମେ ଜାଣୁ ଯେ କେବଳ କୃଷି ଋଣ ଛାଡ଼ କିମ୍ବା କାଳିଆ ଯୋଜନା ଭଳି ସାହାଯ୍ୟ ଦ୍ୱାରା ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ଯେତେ ପର୍ଯ୍ୟନ୍ତ ଉପଯୁକ୍ତ ଭିତ୍ତିଭୂମି ଓ ବଜାର ସଂଯୋଗର ବ୍ୟବସ୍ଥା ନ ହୋଇଛି, ସେତେ ପର୍ଯ୍ୟନ୍ତ ଚାଷୀଙ୍କ ଅବସ୍ଥା ଏହିପରି ରହିଥିବ। ସରକାର ଓ ଜିଲ୍ଲା ପ୍ରଶାସନ ଏହି ସମସ୍ୟାକୁ ଏକ ମାନବିକ ସଙ୍କଟ ଭାବେ ଗ୍ରହଣ କରିବା ଉଚିତ। କେବଳ କାଗଜପତ୍ରରେ ସବ୍‌ସିଡିର ହିସାବ ନ ଦେଖାଇ, କ୍ଷେତ୍ର ସ୍ତରରେ ପ୍ରକୃତ ସମସ୍ୟାର ସମାଧାନ କରିବା ଆବଶ୍ୟକ। ସ୍ଥାନୀୟ ଅଞ୍ଚଳରେ ଯଦି ଟମାଟୋ ପ୍ରକ୍ରିୟାକରଣ କାରଖାନା ସ୍ଥାପନ କରାଯାଏ, ଯେଉଁଠାରେ ଟମାଟୋ ସସ୍, କେଚ୍‌ଅପ୍ କିମ୍ବା ପାଉଡର ପ୍ରସ୍ତୁତ ହୋଇପାରିବ, ତେବେ ସ୍ଥାନୀୟ ଚାଷୀଙ୍କ ପାଇଁ ଏକ ସ୍ଥାୟୀ ବଜାର ସୃଷ୍ଟି ହେବ। ଏଥିସହିତ ଜିଲ୍ଲାପାଳଙ୍କ ସ୍ତରରେ ବଜାର ଦର ଉପରେ କଡ଼ା ନଜର ରଖାଯିବା ସହ ବେପାରୀ ଓ ଦଲାଲଙ୍କ କଳାବଜାରୀକୁ ରୋକାଯିବା ଆବଶ୍ୟକ। ସରକାରୀ ସମବାୟ ସମିତି ଜରିଆରେ ସିଧାସଳଖ ଚାଷୀଙ୍କ ଠାରୁ ଫସଲ କିଣି ବଡ଼ ବଡ଼ ସହରକୁ ରପ୍ତାନି କରିବାର ବ୍ୟବସ୍ଥା ହେଲେ ଚାଷୀ ଉପକୃତ ହୋଇପାରିବେ। ଆଜି ଯଦି ଚାଷୀଟିଏ ହତାଶ ହୋଇ ଚାଷ କାର୍ଯ୍ୟରୁ ମୁହଁ ଫେରାଇ ନିଏ, ତେବେ ଆଗାମୀ ଦିନରେ ଏହା ସମାଜରେ ଏକ ଭୟଙ୍କର ଖାଦ୍ୟ ସଙ୍କଟ ସୃଷ୍ଟି କରିବ। ଯୁବପିଢ଼ି ଚାଷକୁ ବୃତ୍ତି ଭାବେ ଗ୍ରହଣ କରିବାକୁ ଭୟ କରିବେ, ଯାହା ଦେଶର ଭବିଷ୍ୟତ ପାଇଁ ଏକ ଅଶୁଭ ସଙ୍କେତ।

ଶେଷରେ, ଚାଷୀର ଉନ୍ନତି ହିଁ ପ୍ରକୃତରେ ଦେଶର ଉନ୍ନତି। ଯଦି ଚାଷୀ ହସିବ, ତେବେ ହିଁ ଆମର ଗାଁ ଓ ସହର ହସିବ। ଆମେ ସମସ୍ତେ ମନେ ରଖିବା ଉଚିତ ଯେ ଚାଷୀ କେବଳ ଜଣେ ଶ୍ରମିକ ନୁହେଁ, ସେ ହେଉଛି ଏହି ଧରଣୀର ପ୍ରାଣକେନ୍ଦ୍ର ଓ ଆମ ଜୀବନର ମୁଖ୍ୟ ଆଧାର। ଜଣେ ଚାଷୀର ଲୁହ ଯଦି ଧରଣୀ ମା'କୁ ଭିଜାଏ, ତେବେ ସେହି ସଭ୍ୟତା କେବେ ସମୃଦ୍ଧ ହୋଇପାରିବ ନାହିଁ। ତେଣୁ ପ୍ରଶାସନ, ସ୍ଥାନୀୟ ନେତୃବୃନ୍ଦ ଏବଂ ସମାଜର ସଚେତନ ନାଗରିକମାନେ ଏକଜୁଟ ହୋଇ ଗଞ୍ଜାମର ଏହି ଟମାଟୋ ଚାଷୀଙ୍କୁ ନ୍ୟାୟ ଦେବା ପାଇଁ ଆଗେଇ ଆସିବା ଉଚିତ। 'ଚାଷୀ ବଞ୍ଚିଲେ ଦେଶ ବଞ୍ଚିବ' - ଏହି ବାଣୀ ଯେପରି କେବଳ ଏକ ସ୍ଲୋଗାନରେ ସୀମିତ ନ ରହେ, ସେଥିପାଇଁ ଆମକୁ କାର୍ଯ୍ୟ କରିବାକୁ ହେବ। ଶୀତଳ ଭଣ୍ଡାରର ସ୍ଥାପନ ଓ ଟମାଟୋର ନ୍ୟାୟସଙ୍ଗତ ମୂଲ୍ୟ ପ୍ରଦାନ ହିଁ ହେବ ଚାଷୀଙ୍କ ପ୍ରତି ପ୍ରକୃତ ସମ୍ମାନ। ଏହାଦ୍ୱାରା ହିଁ ଆମେ ଏକ ସୁସ୍ଥ ଓ ସମୃଦ୍ଧ କୃଷି ଅର୍ଥନୀତି ଗଠନ କରିପାରିବା।

ପ୍ରବାସୀ ଭାରତୀୟ, ସାଉଦି ଆରବ
ଏଚ.ବୁରୁଡ଼ି, ଗଞ୍ଜାମ

# ରାସ୍ତା ଉପରେ ପାଚେରି ନିର୍ମାଣକୁ ନେଇ ଉତ୍ତେଜନା

ପିପିଲି,(ନିପ୍ର): ଚକ ବଳଙ୍ଗା ଗ୍ରାମରେ ମୁଖ୍ୟ ରାସ୍ତା ଉପରେ ଜନୈକ ପାଚେରି ନିର୍ମାଣକୁ କେନ୍ଦ୍ରକରି ଗ୍ରାମରେ ଉତ୍ତେଜନା ଦେଖାଦେଇଛି । ଗ୍ରାମବାସୀମାନେ ପାଚେରି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ମୁତାବକ ଗ୍ରାମର ଅଜିତ୍ ଚାନ୍ଦ ଦାସ ଥାନରେ କରିଥିବା ଅଭିଯୋଗ ଅନୁଯାୟୀ ଗ୍ରାମରେ ବଳଙ୍ଗା - ଗବକୁଣ୍ଡ ରାସ୍ତାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଜନୈକ ଗୃହ ନିର୍ମାଣ କରିଛନ୍ତି । ମଙ୍ଗଳବାର ଏହି ଘର ଆଗରେ ପାଚେରି ନିର୍ମାଣ ପାଇଁ ପିଲରଖୁଣ୍ଟି ନିର୍ମାଣ କରାଯାଉଥିଲା । ପାଚେରି ନିର୍ମାଣ ହେଲେ ଏହି ସ୍ଥାନରେ ରାସ୍ତା ସଙ୍କୁଚିତ ହେବା ସହ ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହେଉଛି । ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଘଟଣାସ୍ଥଳରେ ପହଁଚି ଗ୍ରାମବାସୀମାନେ ନିର୍ମାଣ କାର୍ଯ୍ୟକୁ ବନ୍ଦ କରି ଥାନାରେ ଅଭିଯୋଗ କରିଛନ୍ତି ।

# ଭ୍ୟାସିଡେସନ ଆକ୍ଟ -୨୫ର ପ୍ରତ୍ୟାହାର ଦାବି

ଆସିକା,(ନିପ୍ର): ସର୍ବଭାରତୀୟ ରାଜ୍ୟ ପେନସନର୍ସ ଫେଡେରେସନ ଆହ୍ୱାନ କ୍ରମେ ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଆସିକା ଶାଖାର ଭ୍ୟାଲିଡେସନ ଏକ୍ଟ ପ୍ରତ୍ୟାହାର ଦାବିରେ ଏକ ପ୍ରତିବାଦ ସଭା ସଭାପତି ପୀତବାସ ମହାପାତ୍ରଙ୍କ ସଭାପତିତ୍ୱରେ ତହସିଲ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶତାଧିକ ପେନସନ ଭୋଗୀ କଳା ବ୍ୟାଜ ପିନ୍ଧି



ଯୋଗଦେଇଥିଲେଲ ଜିଲ୍ଲା ଶାଖାର ଉପସଭାପତି ସୁବାଷ ଚନ୍ଦ୍ର ମିଶ୍ର ସଭାର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ । ଉକ୍ତ ସଭାରେ ଗଞ୍ଜାମ ଶାଖାର ସହ ସମ୍ପାଦକ ମିହିର କାନ୍ତ ମହାପାତ୍ର, ଆସିକା ଶାଖାର ସମ୍ପାଦକ ଉପେନ୍ଦ୍ର ନାୟକ,ଉପଦେଷ୍ଟା ଦେବହରି ମହାନ୍ତି, ମହେଶ୍ୱର ନାହାକ, ରାଜେଶ୍ୱର ପାତ୍ର, ନିରଞ୍ଜନ ନାୟକ, ପଞ୍ଚାନନ ସ୍ୱାଇଁ, ବିଶ୍ୱ ନାଥ ଲେଙ୍କା, କୁଶ ନାଇଡୁ, ପ୍ରଦୀପ କୁମାର ରାଉତ ନିଜ ନିଜ ବକ୍ତବ୍ୟରେ କହିଥିଲେ ଯେ ଏହି ଏକ୍ଟ ଲୋକସଭାରେ ପାରିତ ଫଳରେ ଜାନୁଆରୀ ୨୬ପୂର୍ବରୁ ଅବସର ନେଇଥିବା କର୍ମଚାରୀଙ୍କ ପେନସନ ନିର୍ଦ୍ଧାରଣ କ୍ଷମତା ସରକାରଙ୍କ ହାତରେ ରହିବ । ନିଯୁକ୍ତି ତାରିଖକୁ ନେଇ ଭିନ୍ନ ଭିନ୍ନ ହାରରେ ପେନସନ ନିର୍ଦ୍ଧାରଣ କରିପାରିବେ । ପୁରୁଣା ପେନସନର୍ସ ଅଷ୍ଟମ ବେତନ କମିଶନ ସୁବିଧାରୁ ବଂଚିତ ହେବାର ଆଶଙ୍କା ରହିଛି । ଏଣୁ ପେନସନ ବିରୋଧୀ ଭ୍ୟାଲିଡେସନ ଆକ୍ଟ ୨୫କୁ ବାତିଲ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେବା ସହ ଏହି କଳା ଆଇନାକୁ ଚିରି ପୋଡିଦେଇଥିଲେ । ପୂର୍ବପରି ସମସ୍ତ ପେନସନର୍ସଙ୍କୁ ବେତନ କମିଶନ ଲାଗୁ କରିବା ପାଇଁ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଧାନମନ୍ତ୍ରୀ ନିକଟକୁ ପ୍ରେରଣ କରାଗଲା । ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଜେନା, ଲମ୍ବୋଦର ଦାସ, ଉମେଶ ନାୟକ, ଦିଲୀପ ପରିଡା, ଅରୁ ଚରଣ ପ୍ରଧାନ, ଲବ ନାଇଡୁ, ହରପ୍ରିୟା ଉପାଧ୍ୟାୟ, କୀର୍ତନ ଲେଙ୍କା,, ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଚିନିକଳ ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ

## ଆଖୁଚାଷରୁ ମୁହଁ ଫେରାଉଛନ୍ତି ଭାପୁର ଚାଷୀ

ଭାପୁର,(ନିପ୍ର): ଅତୀତରେ ଆଖୁଚାଷ ଓ ଆଖୁ ଉତ୍ପାଦନ ପାଇଁ ନୟାଗଡ଼ ଜିଲ୍ଲାର ଭାପୁର ବ୍ଲକ ଏକ ନମ୍ବରରେ ରହିଥିବାବେଳେ କିଛି ବର୍ଷ ଧରି ଆଖୁଚାଷରୁ ମୁହଁ ଫେରାଉଛନ୍ତି ଚାଷୀ । ନୟାଗଡ଼ ଚିନି କାରଖାନା ବନ୍ଦ ହେବା ପରେ ପ୍ରୋତ୍ସାହନ ଅଭାବରୁ ଭାପୁର ବ୍ଲକର ଚାଷୀମାନେ ଆଖୁଚାଷ କରିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି ।ଭାପୁର ବ୍ଲକର ମହାନଦୀ କୂଳିଆ କରବର,ଗୁଡୁପଡା, ଟିକିରିପଡା,ପଦ୍ମବତୀ,ହନୁମନ୍ତପ୍ରସାଦ ଆଦି ଗାଁ ଗୁଡିକର ଚାଷୀ ମାନେ ଆଖୁଚାଷ କରି ବେଶ ଲାଭବାନ ହୋଇଥାନ୍ତି । ବର୍ତ୍ତମାନ ଏଭଳି ସମୟ ଆସି ପହଞ୍ଚିଛି ଆଗାମୀ ଦିନରେ ଆଖୁଚାଷ ସମ୍ପୂର୍ଣ ବନ୍ଦ ହୋଇଯିବାର ଆଶଙ୍କା ଉପୁଜିଛି । ଯେପରି ମାର୍ଗଶିର ମାସ ମହାଲକ୍ଷ୍ମୀ ପୂଜାରେ ଆଖୁ ଖଣ୍ଡେ ମିଳିବା କଷ୍ଟକର ହୋଇପଡ଼ିଛି ।



ଅତୀତରେ ଭାପୁର ବ୍ଲକରେ ୭୦୦ ରୁ ୮୦୦ ହେକ୍ଟର ପର୍ଯ୍ୟନ୍ତ ଜମିରେ ଆଖୁଚାଷ ହେଉଥିଲା, କିନ୍ତୁ ବର୍ତ୍ତମାନ ୭/୮ ବର୍ଗଫୁଟ ଜମିରେ ଆଖୁଚାଷ ଦେଖିବା ସ୍ୱପ୍ନ ହୋଇଯାଇଛି । ବିଶେଷକରି,ଦୀର୍ଘ ଦିନ ହେଲା ବନ୍ଦ ହୋଇ ପଡ଼ିଥିବା ନୟାଗଡ଼ ଜିଲ୍ଲା ପାଣିପୋଇଲାସ୍ଥ ଚିନି କଳର ପ୍ରଭାବ ସିଧାସଳଖ ଆଖୁଚାଷୀଙ୍କ ଉପରେ ପଡିଛି । ଆଖୁଚାଷ ଏକ ଲାଭଜନକ ଚାଷ ହୋଇଥିବାବେଳେ ବର୍ତ୍ତମାନ ଆଖୁ ବିକ୍ରୟ କରିବା ପାଇଁ ଚାଷୀମାନେ ବହୁ ସମସ୍ୟା ଭୋଗୁଥିବାରୁ ଆଖୁଚାଷ କରିବା ପାଇଁ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି । ସେହି ଜମିରେ ଧାନ ଓ ପନିପରିବା ଚାଷ କରିଲେ ଭଲ ଦୁଇ ପଇସା ରୋଜଗାର ହେଉଥିବା ନେଇ ଚାଷୀ କାର୍ତ୍ତିକ ଜେନା, ରବୀନ୍ଦ୍ର ପରିଡା, ପ୍ରଫୁଲ୍ଲ ପରିଡା, ମାଗି ରାଉତ ସନେଇ ରାଉତ, ରଘୁନାଥ ରାଉତ ପ୍ରକାଶ କରିଛନ୍ତି । ବର୍ତ୍ତମାନ ନୟାଗଡ଼ସ୍ଥ ବାଲୁଗାଁ ନିକଟ ପାଣିପୋଇଲା ଚିନିକଳକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯାଉଛି । ସେଥିପାଇଁ ଭାପୁର ବ୍ଲକରେ ଆଖୁଚାଷକୁ ଫେରେଇ ଆଣିବା ପାଇଁ କୃଷି ବିଭାଗ ତରଫରୁ ଚାଷୀମାନଙ୍କୁ ସଚେତନ କରାଯିବା ପାଇଁ ଉଦ୍ୟମ ଆରମ୍ଭ ହେଉଥିବା ଜଣାପଡିଛି । ନୟାଗଡ଼ ଜିଲ୍ଲାର ଏକମାତ୍ର ଶିଳ୍ପ ଚିନି କଳକୁ ପୁନଃରୁଦ୍ଧାର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଶନିବାର ଚିନିକଳ ପ୍ରତିଷ୍ଠା ଦାୟିତ୍ୱରେ ରହିଥିବା ବିଶେଷଜ୍ଞ ଟିମ୍ ଇଣ୍ଡିଆନ ପୋଟାସ ଲି଼.ର ଅଧିକାରୀମାନେ ଆସି ସ୍ଥାନ ଦେଖି ଫେରିଛନ୍ତି । ପାଣିପୋଇଲାରେ ଥିବା ୭୦ ଏକର ବିଶିଷ୍ଟ ପୁରୁଣା ଚିନିକଳ ପାରିପାର୍ଶ୍ୱିକ ସ୍ଥାନ ବୁଲି ଦେଖିବା ସହିତ ଗୁମି ନିକଟରେ ଥିବା ଆଉ ଏକ ସ୍ଥାନ ପରିଦର୍ଶନ କରି ଫେରିଛନ୍ତି । ଯେଉଁ ସ୍ଥାନଟି ଉତ୍କୃଷ୍ଟ ହେବ ସେହି ସ୍ଥାନଟି ରାଜ୍ୟ ସରକାରଙ୍କୁ ଏହି ଟିମ ରିପୋର୍ଟ ପ୍ରଦାନ କରିବ ବୋଲି ଜଣାପଡିଛି । ଫଳରେ, ସରକାର ପ୍ରୋତ୍ସାହନ ଦେଲେ ଭାପୁର ବ୍ଲକରେ ପୁଣିଥରେ ଆଖୁଚାଷ କରିବା ପାଇଁ ଚାଷୀମାନେ ଆଗ୍ରହୀ ହେବେ ବୋଲି ବ୍ଲକ କୃଷିବିଭାଗ ଆଶା ସଂଚାର କରିଛି ।

# ଏନ୍‌ଜେସିଏସ୍ ଚୁକ୍ତିନାମା ଦାବିରେ ସିଆଇଟିୟୁର ବିକ୍ଷୋଭ

ରାଉରକେଲା,(ନିପ୍ର): ବିର୍ସା ଛକ ଠାରେ ସିଆଇଟିୟୁର ସାଧାରଣ ସମ୍ପାଦକ ବସନ୍ତ ନାୟକ ଏବଂ ଆରସିଡବ୍ଲୁୟୁର ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ନେତୃତ୍ୱରେ ତୁରନ୍ତ ଏନଜେସିଏସ୍ ଚୂକ୍ତିନାମା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ୧ଲକ୍ଷ ୧୦ ହଜାର କୋଟି ଟଙ୍କାର ଆର୍ଥିକ କାରବାର ସତ୍ତ୍ୱେ ଦୀର୍ଘ ୧୦ ବର୍ଷପରେ ମଧ୍ୟ ଏନଜେସିଏସ୍ ଚୂକ୍ତିନାମା ହୋଇପାରି ନାହିଁ ଏବଂ ୩୯ ମାସର ବକେୟା ପ୍ରଦାନ କରାଯାଇନାହିଁ । ଆଜିର ଏହି ବିକ୍ଷୋଭରେ ଶ୍ରୀମନ୍ତ ବେହେରା, ରନ୍ଧାକର ନାୟକ, ବି.ପି ମହାପାତ୍ର, ଯଜ୍ଞେଶ୍ୱର ସାହୁ, ରାଜକିଶୋର ପ୍ରଧାନ, ଜୀବନ ବାରିହା, ଲକ୍ଷ୍ମୀଧର ନାୟକ, ଏନ.ଏନ. ପାଣିଗ୍ରାହୀ, ଅଜୟ ଶର୍ମା ଓ ଦିବାକର ମହାରଣା ପ୍ରମୁଖ ଏହି ବିକ୍ଷୋଭରେ ପ୍ରକାଶ କରିଥିଲେ ଯେ, ଏନଜେସିଏସ ବୈଠକରେ ଏସଇଏସବିଏଫ ପ୍ରସଙ୍ଗରେ ସହମତରେ ନିଷ୍ପତ୍ତି ନିଆଯିବା ସହ ସେଲ କର୍ମରୀଙ୍କ ୩୯ ମାସର ବକେୟା (ଏରିୟର) ପ୍ରଦାନ କରିବା ସହିତ ଏନଜେସିଏସ ଚୁକ୍ତିନାମା ତୁରନ୍ତ କରାଯାଉ, ସେଲ୍‌ର ଘରୋଇକରଣ ବନ୍ଦ କରାଯିବାକୁ ଦାବି କରାଯାଇଛି । ଏଥିସହିତ ଆଏସପିର ଶିକ୍ଷା, ସହରସେବା ଓ ଆଇଟିଏଚ୍‌ର ଘରୋଇକରଣ ଚକ୍ରାନ୍ତକୁ ବନ୍ଦ କରାଯାଉ, ଠିକା ଶ୍ରମିକଙ୍କୁ କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା ସହ ଚାକିରୀର ସୁରକ୍ଷା ସୁନିଶ୍ଚିତ କରାଯାଉ, ୨୦ ପ୍ରତିଶତ ଠିକା ଶ୍ରମିକ ଛଟେଇ ବନ୍ଦ କରିବା ସହିତ ଅନ୍ୟାନ୍ୟ ଦାବି କରିଥିଲେ ।




ସିଆଇଟିୟୁର ବିରୋଧ ସତ୍ତ୍ୱେ ସଂଖ୍ୟାଧିକ ଆଧାରରେ ଗତ ଫେବୃଆରୀ ୨ ତାରିଖରେ ଏସଇଏସବିଏଫ୍ ବୈଠକରେ ସମସ୍ତ ୟୁନିୟନ ଓ କର୍ତ୍ତୃପକ୍ଷ ଏସଇଏସବିଏଫ୍ ଫଣ୍ଡକୁ ଭଙ୍ଗକରି ସମସ୍ତ ଅର୍ଥକୁ ଏନପିଏସରେ ଜମା ପାଇଁ ନିଷ୍ପତ୍ତି ନିଆଯାଇଛି । ଦୀର୍ଘଦିନର ଆନ୍ଦୋଳନ ଓ ଦାବି କରି ୧୯୯୪ ମସିହାରେ ସେଲ୍, ଅଫିସର ସଂଘ ତଥା ଏନଜେସିଏସ୍‌ରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନଙ୍କ ଦ୍ୱାରା ଟ୍ରଷ୍ଟି ସହ ଏସଇଏବିଏଫ୍ କରାଯାଇଥିଲା । ଶ୍ରମିକମାନେ ବେସିକ୍ ଓ ଡିଏର ୨ ପ୍ରତିଶତ ତଥା ସେଲ୍ ପିଏଲ୍‌ବିଏସ୍ ନାମରେ ୨ ପ୍ରତିଶତ ପ୍ରଦାନ କରାଯାଇଥିଲା । ଏହାପରେ ଇପିଏସ୍ ୯୫ ପରେ ସେଲ୍ ୨ ପ୍ରତିଶତ ଅନୁଦାନ ବନ୍ଦ କରିଦେଇଥିଲା । ଏହା ସତ୍ତ୍ୱେ ବର୍ତ୍ତମାନ ଏସଇଏସବିଏଫ୍ ଫଣ୍ଡରେ ପ୍ରାୟ ଶ୍ରମିକଙ୍କ ହାରାହାରି ୧୦ଲକ୍ଷ ଟଙ୍କା ଅଛି । ଏହାଛଡା ସମସ୍ତ ପ୍ରକାର ଦ୍ୱିପାକ୍ଷିକ ଚୁକ୍ତିନାମା ଓ ଆଇନଗତ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି କର୍ତ୍ତୃପକ୍ଷଙ୍କ ହାତ ବାରିସୀ ହୋଇ ଶ୍ରମିକ ସଂଗଠନମାନେ କାର୍ଯ୍ୟ କରୁଛନ୍ତି । ଏହାପରେ ଆଇଜିଏଚ୍ ଓ ଟାଉନସିପକୁ ଘରୋଇକରଣ କରାଯିବାର ମସୁଧା ରହିଛି । ପରବର୍ତ୍ତୀ ଅବସ୍ଥାରେ ବିନା ବାଧାରେ ଖଣି ଓ ଇସ୍ପାତ କାରଖାନାକୁ କର୍ପୋରେଟ ମାଲିକଙ୍କ ହାତରେ ପ୍ରଦାନ କରି ସେଲର ଅସ୍ତିତ୍ୱକୁ ଶେଷ କରିଦିଆଯିବ ବୋଲି ଏହି ବିକ୍ଷୋଭରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

ଆଜିର ବିକ୍ଷୋଭରେ ପ୍ରଦୋଶ ପରିଡା, ପ୍ରଭାତ୍ ମହାନ୍ତି, ପର୍ଶୁରାମ ଜେନା, ବିଶ୍ୱଜିତ୍ ମାଝୀ, ପିକେ ଶଡଙ୍ଗୀ, ଜେକେ ସାହୁ, ଅଶୋକ ଦାସ, ଚନ୍ଦ୍ରଭାନୁ ଦାସ, କୁଳମଣୀ ରାଉତ, କବି ପ୍ରଧାନ, ଅରୁଣ ମହାରଣା, ଜନ୍ମଜୟ ଘୋଷ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଡ୍ରାଗନ ଫଳ ଚାଷ: ଜଳ ଅଭାବରୁ ନଷ୍ଟ

## ଋଣ ଶୁଝିବା ଚିନ୍ତାରେ ସ୍ୱୟଂ ସହାୟିକା ଗୋଷ୍ଠୀ

ରାୟଗଡା,(ନିପ୍ର): ନିଜେ ରୋଜଗାର କରି ଆର୍ଥିକ ଭାବେ ଆତ୍ମନିର୍ଭରଶିଳ ହେବା ପାଇଁ ଚାଲିଥିଲା ପ୍ରୟାସ ଆଉ ପରିଶ୍ରମ । ପ୍ରଥମ କରି ଆରମ୍ଭ କରିଥିଲେ ଡ୍ରାଗନ ଫ୍ରୁଟ ଚାଷ । ଏହି ଚାଷ କରିବା ପାଇଁ ପାଇଥିଲେ ସରକାରୀ ସହାୟତା । କିନ୍ତୁ ଜଳସେଚନ ଅଭାବରୁ ଗଛଗୁଡ଼ିକ ଦରମଲା ଅବସ୍ଥାରେ । ସବୁ ନଷ୍ଟ ହୋଇଯିବା ନେଇ ନିରାଶା ବଢ଼ିବାରେ ଲାଗିଛି, ଦିନକୁ ଦିନ । ଏହି ଡ୍ରାଗନଫ୍ରୁଟ ଚାଷ ପାଇଁ ସେମାନଙ୍କୁ ମିଳିଥିଲା ସରକାରୀ ସହାୟତା । ହେଲେ ପାଣି ଅଭାବରୁ ମଉଳିଯାଇଛି ସବୁ ଆଶା । କ'ଣ କରିବେ ବୁଦ୍ଧିବାଟ ପାଉନାହାନ୍ତି ।ଏବେ ନିଜ ହାତରୁ ଖର୍ଚ୍ଚ କରିଥିବା ଟଙ୍କା କିପରି ଶୁଝିବେ ସେନେଇ ମୁଣ୍ଡରେ ହାତଦେଇ ବସିଛନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ମହିଳା । ଏପରି ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକର ଧୋବାଗୁଡ଼ି ଗ୍ରାମରେ । ଫସଲ ନଷ୍ଟ ହେବାନେଇ ଚିନ୍ତାରେ । ଭଲ ପଇସା ମିଳିବାର ଆଶା ନେଇ ଆରମ୍ଭ କରିଥିଲେ ୫ ଏକର ଜମିରେ ଡ୍ରାଗନଫଳ ଚାଷ । ପ୍ରଥମେ ଆଦିବାସୀ ଅଧୁଷିତ ଅଞ୍ଚଳରେ ଏହି ଚାଷ କରିବା ପାଇଁ ଉତ୍ସାହିତ କରାଯାଇଥିଲା ଓଡ଼ିଶା ଜୀବିକା ମିଶନ ତରଫରୁ । ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯାଇଥିଲା । ବିକ୍ରି ଭଲ ହେଲେ ସେହି ତୁଳନାରେ ଭଲ ଦୀପଇସା ଆୟ ମଧ ହେବବୋଲି ଆଶା ମଧ ଥିଲା ଫଳରେ ମହିଳାମାନଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ ହେବ ବୋଲି ଆଶ୍ୱାସନା ମଧ୍ୟ ପ୍ରଦାନ କରାଯାଇଥିଲା । ଏବିଷୟରେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ରାୟଗଡା ଜିଲ୍ଲା ପ୍ରକଳ୍ପ ପରିଚାଳକ କହିଛନ୍ତି ।

# ବିଭିନ୍ନ ଦାବି ନେଇ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର

ରାୟଗଡ଼ା,(ନିପ୍ର): ଭାରତୀୟ ମଜଦୁର ସଙ୍ଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଙ୍ଘ ପକ୍ଷରୁ ବିଭିନ୍ନ ଦାବିକୁ ନେଇ ରାୟଗଡ଼ା ମାଁ କାଳୀ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଙ୍ଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ଓ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମ କୁମାର ପଟ୍ଟନାୟକ, ଜୟଦେବ ସେଠ, ନିରଞ୍ଜନ ସେନାପତି ଯୋଗ ଦେଇ ରାୟଗଡା ଜିଲ୍ଲାରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ସିକ୍ୟୁରିଟି, ସଫେଇ, ହାଉସ କିପିଙ୍ଗ ଏଟେଣ୍ଡର , ଡାଟା ଏଣ୍ଟ୍ରି, ପ୍ଲମ୍ବର, କର୍ମଚାରୀଙ୍କ ସମସ୍ୟାକୁ ନେଇ ବାରମ୍ବାର ଲିଖିତ ଅଭିଯୋଗ କରି




ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାର କୌଣସି ସମାଧାନ ହୋଇପାରିଲାନାହିଁ । ତେଣୁ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରି ସମାଧାନ କରିବା ପାଇଁ ଦାବି ପତ୍ର ପ୍ରଦାନ କରାଯାଇଛି । ତୁରନ୍ତ ଏହାର ସମାଧାନ କରାନଯାଏ ତାହେଲେ ଆସନ୍ତା ଦିନରେ ସମସ୍ତ କର୍ମଚାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ସହ ରାଜ ରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଶ୍ରମିକ ନେତା ଯୋଗେଶ୍ୱର ଦାସ ପ୍ରକାଶ କରିଛନ୍ତି । ଦାବି ଗୁଡ଼ିକ ମଧ୍ୟରେ ମୁଖ୍ୟତଃ କର୍ମଚାରୀମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ଇପିଏଫ ଏବଂ ଇଏସଆଇ ପ୍ରତ୍ୟେକ ମାସରେ ଜମା କରିବା । ପ୍ରତି ମାସରେ ଠିକ ସମୟରେ ଦରମା ଦେବା । ଦରମା ଦୁଇ ମାସ, ତିନି ମାସ, ଆଉ କିଛି ଚାରି ମାସକୁ ଥରେ ଅଲଗା ଅଲଗା ଦରମା ନଦେଇ ଠିକ୍ ସମୟରେ ଜିଲ୍ଲାରେ ସମସ୍ତଙ୍କୁ ଏକାଥରେ ଦରମା ଦେବା । ଉକ୍ତ କାର୍ଯ୍ୟକ୍ରମକୁ କସ୍ତୁରୀ ନାୟକ, ସୁରେଶ ଚନ୍ଦ୍ର ସାହୁ , ମାଣିକ ରାଓ ମଣ୍ଡଙ୍ଗି, ଗୋବିନ୍ଦ କଣ୍ଡାଗିରୀ, କାହ୍ନୁ ଲାବଲା, ସୁରୀୟା କାନ୍ତି ବାଗ, ରବୀନ୍ଦ୍ର ମାଝୀ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହୁଲ ସଂଗ୍ରହକାରୀଙ୍କୁ ମିଳୁନି ଉପଯୁକ୍ତ ଦର, କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁ

ରାୟଗଡ଼ା୨୫/୩(ନି:ପ୍ର ): ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନିୟମଗିରି ପାହାଡ଼ ଘେରା, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ, ଏଠାକାର ଲୋକମାନେ ପ୍ରାୟ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ନିଜର ଆବଶ୍ୟକତା ମେଣ୍ଟାଇଥାନ୍ତି । ଗରିବ ଆଦିବାସୀ ମାନେ ରାତି ପାହିଲେ ଜଙ୍ଗଲରୁ ମହୁଲ, ଲାଖ, ଝୁଣା, ମହୁ, ଶାଳପତ୍ର, ଶାଳକାଠି ଅତ୍ୟାଦି ଦ୍ରବ୍ୟ ସଂଗ୍ରହ କରି ନିକଟରେ ଥିବା ହାଟ ବଜାରରେ ବିକ୍ରୟ କରି ନିଜର ଜୀବିକା ନିର୍ଭର କରିଥାନ୍ତି । ବର୍ତ୍ତମାନ ଚୈତ୍ରମାସ ଆଗମନ ରୁ ମହୁଲ ଫୁଲର ସଂଗ୍ରହ କରିବାର ସମୟ, ମହୁଲ ଫୁଲ ଆଦିବାସୀଙ୍କ ପେଟକୁ ଦାନା ଯୋଗାଇଥାଏ ।ମହୁଲକୁ ଶୁଖାଇ ଏହାକୁ ଖାଦ୍ୟ ସହିତ ବ୍ୟବହାର କରିବା ଏବଂ ଔଷଧୀୟ ଗୁଣ ଥିବାରୁ ବିଭିନ୍ନ ପ୍ରକାର ଔଷଧରେ ମଧ ବ୍ୟବହୃତ ହୋଇଥାଏ । ବିଶେଷ ଭାବେ ଦେଶୀ ମଦ ତିଆରିରେ ଆବଶ୍ୟକ ରହିଥିବାରୁ ଏହାର ଚାହିଦା ଢେର୍ ଅଧିକା ରହିଛି, ଏହା କିଲୋ ପ୍ରତି ୨୫ ରୁ ୩୦ ଟଙ୍କାରେ ବିକ୍ରି ହେଉଥିବା ଦେଖୁବାକୁ ମିଳିଛି । ମାତ୍ର ଏହି ଅଞ୍ଚଳକୁ ବାହାର ଦଲାଲ ବେପାରୀ ମାନେ ଆସି କମ୍ ଦାମରେ କିଣି ମଟା ଅଙ୍କର ଫାଇଦା ଉଠାଇ ମାଲାମାଲ ହେଉଛନ୍ତି । ମୁଣ୍ଡ ଝାଳ ତୁଣ୍ଡରେ ମାରି ମହୁଲ ଗୋଟାଳି ଉଚିତ ମୂଲ୍ୟ ପାଇଁ ପାରୁନାହାନ୍ତି ।

ସରକାର ମହୁଲ ପାଇଁ କୌଣସି ଉଚିତ ମୂଲ୍ୟ ଧର୍ଯ୍ୟ କରି ନଥିବାରୁ ବଜାରରେ ବ୍ୟବସାୟୀମାନେ ମହୁଲ ସଂଗ୍ରହକାରୀଙ୍କୁ ଠକି ମାଲା ମାଲ ହେଉଛନ୍ତି । ଏହା ଛଡା ଅନୁମତି ପ୍ରାପ୍ତ ମହୁଲ ବ୍ୟବସାୟୀମାନେ ଅନୁମତି ପାଇନଥିବା ଅଞ୍ଚଳରୁ ମହୁଲ କ୍ରୟ ନ କରି ଅନ୍ୟ ଅଞ୍ଚଳରୁ ଦଲାଲଙ୍କ ସାହାଯ୍ୟରେ କ୍ରୟ କରୁଛନ୍ତି । କିଛି ଜିଲ୍ଲା ବାହାର ଦଲାଲ ଏହି ଅଞ୍ଚଳକୁ ଆସି ଗାଁ ଗାଁ ବୁଲି ମହୁଲ କ୍ରୟ କରୁଥିବା ଦେଖୁବାକୁ ମିଳିଛି । ଜିଲ୍ଲା ପ୍ରଶାସନର ବିବାଗୀୟ ଅଧିକାରୀ ମାନେ ଜାଣି ଶୁଣି ଚୁପ ରହୁଛନ୍ତି । ଯାହାକୁ ନେଇ ମୋଟା ଅଙ୍କର ଅର୍ଥ କାରବାର ହେଉଥିବା ଅଞ୍ଚଳରେ ଅଭିଯୋଗ ହେଉଛି । ସରକାର ମହୁଲ ଦର ଧାର୍ଯ୍ୟ ନିର୍ଦ୍ଧାରିତ କଲେ ନିକଟରେ ହାଟ ବଜାରରେ ବିକ୍ରି କରି ଉପଯୁକ୍ତ ପାରିଶ୍ରମିକ ମୂଲ୍ୟ ପାଇପାରି ଆଦିବାସୀଙ୍କ ଆର୍ଥିକ ଅବସ୍ଥା ସୁଧାର ଆସିବ । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳରେ ଦାବି ହେଉଛି ।

# ପୁରୁଷ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ

ଆସିକା,(ନିପ୍ର): ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ପୁରୁଷ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଆସିକା ବ୍ଲକ ଅଧୀନ ଚଢ଼େୟାପଲ୍ଲୀ ପଞ୍ଚାୟତ ଅଧୀନ ଚଢ଼େୟାପଲ୍ଲୀ ଆମ୍ବ ତୋଟା ଠାରେ ସୁମନ୍ତ କୁମାର ସାହୁଙ୍କ ପ୍ରଚେଷ୍ଟା ରେ ଦୀର୍ଘ ୫ବର୍ଷ ହେବ ପ୍ରତିବର୍ଷ ଅନୁଷ୍ଠିତ ହେଉଛି । ଚଳିତ ବର୍ଷ ମଧ ଅନୁରୂପ ଏହି ପ୍ରତିଯୋଗିତା ଆସନ୍ତା ଦୁଇ ଦିନ ଧରି ଚାଲିବ । ପ୍ରତିଯୋଗିତାରେ ମୋଟ ୧୬ ଗୋଟି ଦଳ ଭାଗ ନେଇଛନ୍ତି । ଦଳଗୁଡିକ ହେଲା ଆର୍ଯ୍ୟପଲ୍ଲୀ,ଆସିକା, ନାଉଳି କନିଷ୍ଠ,ଚଢେୟାପଲ୍ଲୀ, କବିସୂର୍ଯ୍ୟନଗର,ଏନବି କବାଡି କ୍ଲବ, ଶେରଗଡ, ବାଲ୍ୟସରା, ଏସ ଏନ ପି ଡେଭିଲସ୍, ଯୟନ୍ତପୁର, ଗୋବିନ୍ଦପୁର, ରାମଚନ୍ଦ୍ରପୁର,ହିଞ୍ଜଳିକାଟୁ, ଭେଙ୍କେଟରାୟପଲ୍ଲୀ,ବ୍ରହ୍ମପୁର,ନାଉଳି ବରିଷ୍ଠ ।

# ସେନା ପକ୍ଷରୁ ବାର୍ଷିକ ଉତ୍ସବ

ପିପିଲି,(ନିପ୍ର): ଉତ୍ତରା ନିକଟ ନିଜସ୍ୱ କାର୍ଯ୍ୟାଳୟରେ ଆସାମ ରାଇଫଲସର ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କ ପକ୍ଷରୁ ୧୯୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମାର୍ଚ୍ଚ ୨୪ ତାରିଖରେ ଆସାମ ରାଇଫଲସର ଅବସରପ୍ରାପ୍ତ ସେନା କର୍ମଚାରୀମାନେ ପତାକା ଉତ୍ତୋଳନ କରି ବାର୍ଷିକ ଉତ୍ସବ ପାଳନ କରିଛନ୍ତି । ତେବେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲେଫ୍ଟନାଣ୍ଟ କର୍ନେଲ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ଓଡ଼ିଶାର କୋଣ ଅନୁକୋଣରୁ ଆସାମ ରାଇଫଲରେ କାର୍ଯ୍ୟ କରି ଅବସର ନେଇଥିବା ଅନେକ ଅଧିକାରୀ ଓ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଯୋଗ ଦେଇଥିଲେ । ପରେ ସଙ୍ଘ ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଅବସର ପରେ ହେଉଥିବା ନାନା ସମସ୍ୟା ଉପରେ ଆଲୋଚନା କରାଯାଇ ତାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ସମସ୍ତେ ସଙ୍ଘରେ ପଞ୍ଜୀକୃତ ହୋଇଥିଲେ । ତେବେ ଆସାମ ରାଇଫଲସରେ ଦୀର୍ଘ ଦିନ କାର୍ଯ୍ୟ କରି ଅବସର ପରେ ହେଉଥିବା ସମସ୍ୟାର ସମାଧାନ ପାଇଁ ଏହି ସଙ୍ଘ ସହାୟକ ହେବ ବୋଲି ସଙ୍ଘର ସଭାପତି ଓ ସମ୍ପାଦକ କହିଛନ୍ତି ।

# ଭ୍ୟାଲିଡେସନ ବିଲ୍ ପ୍ରତ୍ୟାହାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଉଦୟ ନାଥ ମହାନ୍ତି, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକଙ୍କ ନେତୃତ୍ୱରେ ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ, ହିସାବ ସମୀକ୍ଷକ ମୁକ୍ତିକାନ୍ତ ମହାପାତ୍ରଙ୍କ ସଂଯୋଜନା ଓ ପରିଚାଳନାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ୨୦୨୫ ମସିହାରେ ଭ୍ୟାଲିଡ଼େସନ ବିଲ୍ ପ୍ରତ୍ୟାହାର ପାଇଁ ପ୍ରଧାନ ମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ଭଦ୍ରକ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରା ଯାଇଅଛି । ଏହି ଭ୍ୟାଲିଡ଼େସନ ବିଲ୍ ଯୋଗୁଁ କେନ୍ଦ୍ର ସରକାର ଓ ଭାରତବର୍ଷର ସମସ୍ତ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟକରି ସେବା ନିବୃତ୍ତ ସମସ୍ତ କର୍ମଚାରୀ ଅଷ୍ଟମ ବେତନ କମିଶନରେ ପୂର୍ବବେତନ କମିଶନ ଭଳି ପେନ୍‌ସନ ଅଭିବୃଦ୍ଧିରୁ ବଞ୍ଚିତ ହେବେ । ଏହି ଆଇନ ବଳରେ ୨୦୨୬ ମସିହା ପୂର୍ବରୁ ଅବସର ନେଇଥିବା ଭାରତର ସମସ୍ତ ବର୍ଗ ଓ ପ୍ରକାରର କର୍ମଚାରୀ ପେନ୍‌ସନ ଅଭିବୃଦ୍ଧି ଅର୍ନ୍ତଭୁକ୍ତ ହୋଇ ପାରିବେ ନାହିଁ । ଦରଦାମ ବୃଦ୍ଧି, ଜୀବନ ଜୀବିକା ନିର୍ବାହ ପାଇଁ ଲିଭିଙ୍ଗ୍ କଷ୍ଟ ବୃଦ୍ଧି ଦୃଷ୍ଟେ ବେତନ କମିଶନ ବେତନ ବୃଦ୍ଧି ପାଇଁ ଫିଟ୍‌ମେଣ୍ଟ ବ୍ୟବସ୍ଥା କରାଇ ସରକାରଙ୍କୁ ପ୍ରଦାନ କରିଥାଆନ୍ତି । ମାତ୍ର ଉପରୋକ୍ତ ଭ୍ୟାଲିଡେସନ ଆକ୍ଟ କେନ୍ଦ୍ର ସରକାର ପାରିତ କରାଇଥିବାରୁ ଅଷ୍ଟମ ବେତନ କମିଶନ୍



୨୦୨୬ ମସିହା ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀଙ୍କର ପେନ୍‌ସନ୍ ଅଭିବୃଦ୍ଧି ତାଙ୍କର ଫିଟ୍‌ମେଣ୍ଟରେ ଅର୍ନ୍ତଭୁକ୍ତ କରାଇବେ ନାହିଁ । ଫଳରେ ଦୀର୍ଘ ବର୍ଷଧରି ଭାରତବର୍ଷରେ ସେବା ଯୋଗାଇ ଅବସରପ୍ରାପ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ନ୍ୟାଯ୍ୟ ଦାବୀ ମାନ୍ୟବର ସୁପ୍ରିମ୍ କୋଟଙ୍କ ପୂର୍ବ ରାୟକୁ ବିଚାରକୁ ନ ନେଇ ଅନ୍ତରାୟ ସୃଷ୍ଟି କରିଛି । ସର୍ବଭାରତୀୟ ଷ୍ଟେଟ୍ ପେନ୍‌ସନରସ୍ ଫେଡ଼େରସନ ଓ ରାଜ୍ୟ ପେନ୍‌ସନ୍‌ରସ୍ ଫେଡ଼େରସନ୍‌ର ସର୍ବ ସମ୍ମତି ନିଷ୍ପତ୍ତିକ୍ରମେ ଭାରତର ସମସ୍ତ ରାଜ୍ୟର ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କୁ ପ୍ରେରିତ ସ୍ମାରକ ପତ୍ରରେ ଏକବର୍ଷ ପୂର୍ବେ ୨୦୨୫ ମସିହା ଭ୍ୟାଲିଡ଼େସନ୍ ଆକ୍ଟ ପ୍ରତ୍ୟାହାର ସହ ୨୦୨୬ ମସିହା ପୂର୍ବରୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନ୍‌ସନ୍ ଅଭିବୃଦ୍ଧି ପାଇଁ ଅଷ୍ଟମ ବେତନ କମିଶନଙ୍କୁ ନିର୍ଦ୍ଦେଶ ପ୍ରଦାନ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଉଲ୍ଲେଖ କରା ଯାଇଛି । କେନ୍ଦ୍ର ଓ ରାଜ୍ୟମାନେ ବହୁ ଜନ କଲ୍ୟାଣର ଯୋଜନା ମାଧ୍ୟମରେ ଆର୍ଥିକ ଅନୁଦାନ ପ୍ରଦାନ ସ୍ୱାଗତ ଯୋଗ୍ୟ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ସେହିପରି ଅବସରପ୍ରାପ୍ତ କର୍ମଚାରୀଙ୍କର ନ୍ୟାଯ୍ୟ ଦାବିକୁ ମଧ୍ୟ ଜନ କଲ୍ୟାଣ ଯୋଜନାରେ ଏକ ଅଂଶ ବିଶେଷ ରୂପେ ଅନ୍ତର୍ଗତ କରାଇବା ପାଇଁ ସ୍ମାରକ ପତ୍ର ମାଧ୍ୟମରେ ଦାବି କରାଯାଇଅଛି । କାର୍ଯ୍ୟକ୍ରମରେ ମଦନ ମୋହନ ନାୟକ, ରମାକାନ୍ତ ନାୟକ, ରମେଶ ଚନ୍ଦ୍ର ଦାସ, ଆଦିତ୍ୟ କୁମାର ନାୟକ, ଅରୁଣ ମିତ୍ର, ବାଳକୃଷ୍ଣ ସେନାପତି, ପ୍ରଦୀପ୍ତ କୁମାର ଦାସ, ଶମ୍ଭୁନାଥ ପାଣିଗ୍ରାହୀ, ଇଂ ସୁରେନ୍ଦ୍ର ପ୍ରସାଦ ଦାସ, ଦୟାନିଧି ରାଉଳ, ପୁରୁଷୋ□ମ ନନ୍ଦୀ, ବାଇଧର ମହାପାତ୍ର, ବାବୁଲା ରାଉତ, ଅଶୋକ ମହାପାତ୍ର ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ବିଦ୍ୟାଳୟରେ ଆବର୍ଜନାରୁ ମୂଲ୍ୟବାନ ସମ୍ପଦ ପ୍ରସ୍ତୁତି ଶିବିର ଉଦ୍‌ଯାପିତ

କେନ୍ଦୁଝର,(ନିପ୍ର): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋବିନ୍ଦପୁର ଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହଯୋଗରେ ପରିବେଶୀୟ ଶିକ୍ଷା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଆବର୍ଜନାରୁ ମୂଲ୍ୟବାନ ବସ୍ତୁ ପ୍ରସ୍ତୁତି ଶିବିର ଉଦ୍‌ଯାପିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଯୋଗ ଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଘରୋଇ ଆବର୍ଜନାରୁ ପ୍ରସ୍ତୁତ ମୂଲ୍ୟବାନ୍ ବସ୍ତୁ ଆମର ଏକ ଅମୂଲ୍ୟ ସମ୍ପଦ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶୈକ୍ଷିକ ସଂଯୋଜକ ମାନସ ରଞ୍ଜନ ଦାଶ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦୀର୍ଘ ତିନି ମାସ ଧରି ହୋଇଥିବା ଆବର୍ଜନାରୁ ମୂଲ୍ୟବାନ ବସ୍ତୁ ପ୍ରସ୍ତୁତି ଶିବିରର ଉଦ୍ଦେଶ୍ୟ ମହତ୍ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୁନା ଚନ୍ଦ୍ର ଜେନା ଯୋଗ ଦେଇଥିଲେ ।



ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଇକୋ କ୍ଲବ୍ ଶିକ୍ଷକ ବିଜୟ କୁମାର ମିଶ୍ର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଆବର୍ଜନାର ସୁପରିଚାଳନା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଜଣାଇଥିଲେ । ଶିକ୍ଷୟିତ୍ରୀ ସୁସ୍ମିତା ପ୍ରିୟମ୍ବଦା ରାଉତ୍ ଧନ୍ୟବାଦ୍ ଅର୍ପଣ କରିଥିଲେ । ତିନି ମାସ ଧରି ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ନିଜ ଘରୁ ବିଭିନ୍ନ ଆବର୍ଜନା ସଂଗ୍ରହ କରି ପୃଥକ୍ କରି ଭିନ୍ନ ଭିନ୍ନ ମୂଲ୍ୟବାନ୍ ଜିନିଷ ପ୍ରସ୍ତୁତ କରୁଥିଲେ । ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଫୁଲଦାନି, ପେନ୍ ଷ୍ଟାଣ୍ଡ , ବିଭିନ୍ନ ପ୍ରକାରର ଖେଳନା, କଣ୍ଢେଇ , ଫୋଟ ଫ୍ରେମ୍ , ପେପର୍ ବ୍ୟାଗ୍ , କାଗଜ ଠୁଙ୍ଗା , କପଡ଼ା ମ୍ୟାଟ୍ , ଥଳି , ପୁରୁଣା ଟାୟାରରୁ ଗଛ କୁଣ୍ଡ , ଚେୟାର , ବିଭିନ୍ନ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ, ଜୈବ ଆବର୍ଜନାରୁ କମ୍ପୋଷ୍ଟ ଆଦି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ଆବର୍ଜନା ସୁପରିଚାଳନା ନିମନ୍ତେ ବିଭିନ୍ନ ସମୟରେ ଶ୍ରେଣୀ ଶିକ୍ଷାଦାନ ପ୍ରଦାନ କରାଯାଇଛି ବୋଲି ଶିକ୍ଷୟିତ୍ରୀ ରଞ୍ଜିତା ରାଣୀ ମଲ୍ଲିକ କହିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ନାୟକ, ଶୁଭଶ୍ରୀ ରାଉତ୍, ଶୁଭଶ୍ରୀ ମହାନ୍ତ ଓ ଶୁଭଲକ୍ଷ୍ମୀ ସାହୁ ସହଯୋଗ କରିଥିଲେ ।

CMYK



## ଏଡିଆର ରିପୋର୍ଟ

# ୨୦୨୪-୨୫ରେ ବିଜେପିକୁ ମିଳିଛି ସର୍ବାଧିକ ଚାନ୍ଦା



ନୂଆଦିଲ୍ଲୀ, ୨୬ ।୩ : ଆର୍ଥିକ ବର୍ଷ ୨୦୨୪-୨୫ରେ ଦେଶର ପ୍ରମୁଖ ରାଜନୈତିକ ଦଳର ଚାନ୍ଦାରେ ଆୟ ହୋଇଥିବା ସଂଖ୍ୟା ସାମନାକୁ ଆସି ସାରିଛି । ବିଜେପି ପୁଣିଥରେ ଦେଶରେ ସବୁଠାରୁ ଅଧିକ ଚାନ୍ଦା ପାଇଥିବା ଦଳ ଭାବରେ ପ୍ରଥମ ସ୍ଥାନରେ ରହିଛି । ସେଭଳି ଦ୍ୱିତୀୟ ସ୍ଥାନରେ ରହିଛି କଂଗ୍ରେସ । ସବୁଠାରୁ ଚକିତ କଲା ଭଳି କଥା ହେଲା ଯେ,ଭାରତ ଏକ ନମ୍ବରର ରାଜନୈତିକ ଦଳ ଏବଂ ଦ୍ୱିତିୟ ନମ୍ବରର ରାଜନୈତିକ ଦଳକୁ ମିଳିଥିବା ଚାନ୍ଦାରେ ଖୁବ୍ ପ୍ରାର୍ଥକ୍ୟ ରହିଛି । କଂଗ୍ରେସଠାରୁ ବିଜେପି ପ୍ରାୟ ୧୨ ଗୁଣା ଅଧିକ ଚାନ୍ଦା ପାଇଛି । କଂଗ୍ରେସ ତୁଳନାରେ ବିଜେପିର ଦାନକର୍ତ୍ତାଙ୍କ ସଂଖ୍ୟା ମାତ୍ର ଦୁଇଗୁଣ ଅଧିକ । ଏଥିରୁ ସ୍ପଷ୍ଟ ଯେ, ବିଜେପିକୁ ମିଳୁଥିବା ଚାନ୍ଦା ବହୁତ ଅଧିକ । ବିଜେପି ଏବଂ କଂଗ୍ରେସ ବ୍ୟତୀତ, ଅନ୍ୟ ଅନେକ ଦଳ ମଧ୍ୟ ୨୦୨୪-୨୫ ରେ ପ୍ରାପ୍ତ ଚାନ୍ଦା ପରିମାଣ ପ୍ରକାଶ କରିଛନ୍ତି । ନିୟମ ଅନୁଯାୟୀ, ଜାତୀୟ ଦଳଗୁଡ଼ିକୁ ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ନିର୍ବାଚନ କମିଶନଙ୍କ ନିକଟରେ ୨୦ ହଜାର ଟଙ୍କାରୁ ଅଧିକ ଦାନର ରେକର୍ଡ ଦାଖଲ କରିବାକୁ ପଡିଥାଏ । ଏହି ପୁରା ରେକର୍ଡ ୩୦ ସେପଟ୍ମେବର ୨୦୨୫ ପର୍ଯ୍ୟନ୍ତ ନିର୍ବାଚନ କମିଶନଙ୍କ ପାଖକୁ ପଠାଯାଇଥିଲା । ଏପରି ପରିସ୍ଥିତିରେ, ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ ୨୦୨୪-୨୫ ରେ ବିଭିନ୍ନ ଦଳ କେତେ ଚାନ୍ଦା ପାଇଥିଲେ । ସମସ୍ତ ଜାତୀୟ ରାଜନୈତିକ ଦଳ ମୋଟ ଭାବରେ ୧୧,୩୪୩ ଦାନକର୍ତ୍ତାଙ୍କଠାରୁ ୬୬୪୮.୫୬୩ କୋଟି ଟଙ୍କା ଚାନ୍ଦାରେ ପାଇଛନ୍ତି । ବିଜେପି ସାରା ଦେଶରେ ରାଜନୈତିକକ ଦଳକୁ ଯେତିକି ଚାନ୍ଦା ମିଳିଛି, ତା'ର ମୋଟ ରାଶି ୯୨ ପ୍ରତିଶତରୁ ଅଧିକ ବିଜେପିକୁ ମିଳିଛି । ବିଜେପି ୨୦୨୪-୨୫ ପାଇଁ ୬୦୭୪.୧୫ କୋଟି ଟଙ୍କା ଦାନ ପାଇଛି । ଏହି ଦାନ ୫୫୨୨ ଦାନଦାତାଙ୍କ ଜରିଆରେ ମିଳିଛି । ଯଦି ଏହି ରାଶି ବିଜେପି ପରେ ଚାନ୍ଦା ଏକାଠି କରିଥିବା ୪ ଜାତୀୟ ଦଳକୁ ମିଳିଥିବା ମୋଟ ଚାନ୍ଦାରୁ ୧୦ ଗୁଣାରୁ ଅଧିକ ରହିଛି । ସେହିପରି କଂଗ୍ରେସ ନିଜର ଦାନ ୫୧୭.୩୯୪ କୋଟି ଟଙ୍କା ଦେଖାଇଛି । ଯାହାକି ତାକୁ ୨୫୦୧ ଦାତାଙ୍କଠାରୁ ମିଳିଛି । କଂଗ୍ରେସକୁ ମିଳିଥିବା ଏହି ରାଶି ବିଜେପି ତୁଳନାରେ ୧୦୦୦ ପ୍ରତିଶତ କମ୍ । ଆମ ଆଦମୀ ପାର୍ଟି୨୦୨୪-୨୫ରେ ୩୮.୧୦୬ କୋଟି ଟଙ୍କା ଦାନ ମିଳିଛି,ଯାହାକି ୭୪୧ ଦାତାଙ୍କ ନିକଟରୁ ମିଳିଛି ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିକୁ୨୦୨୪-୨୫ ରେ ୧୬.୯୫୭ କୋଟି ଟଙ୍କାର ଦାନ ମିଳିଛି,ଯାହାକି ୭୪୧ ଦାତାଙ୍କଠାରୁ ଏକାଠି କରାଯାଇଛି । ନ୍ୟାସନାଲ ପିପୁଲ୍ସ ପାର୍ଟି ଏନସିପି ପୂର୍ବୋତ୍ତରର ଏହି ପ୍ରମୁଖ ଦଳ ନିଜର ଦାନ ୨.୦୯୧ କୋଟି ଟଙ୍କା ଦେଖାଇଛି,ଯାହାକି ତାକୁ ୨୫ ଦାନକର୍ତ୍ତାଙ୍କ ନିକଟରୁ ମିଳିଛି । ବହୁଜନ ସମାଜ ପାର୍ଟି ଯେଉଁ ଦଳରୁ ଚାନ୍ଦା ମିଳିଛି, ସେଥିରେ ଚକିତ କଲା ଭଳି ସଂଖ୍ୟା ରହିଛି । ବିଏସପି ଗତ ୧୯ ବର୍ଷ ଭଳି ଏଥର ମଧ୍ୟ ନିଜର ଚାନ୍ଦାରେ ଦର୍ଶାଇଛି ଯେ, ତାକୁ ୨୦ ହଜାର ଟଙ୍କାରୁ ଅଧିକ ଚାନ୍ଦା ମିଳିନି । ନିର୍ବାଚନ କମିଶନଙ୍କୁ ଦିଆଯାଇଥିବା ସଂଖ୍ୟାରେ ପାର୍ଟି ୨୦ ହଜାର ଟଙ୍କାରୁ ଅଧିକ ଦାନକୁ ଶୂନ୍ୟ ଦେଖାଇଛି । ତେବେ ବିଜେପିର ଚାନ୍ଦାରେ ୧୭୧% ବୃଦ୍ଧି ଘଟିଛି । ୨୦୨୪-୨୫ ବେଳେ ରାଷ୍ଟ୍ରୀୟ ଦଳର ମୋଟ ଚାନ୍ଦାରେ ପ୍ରାୟ ୪୧୦୪.୨୮୫ କୋଟି ଟଙ୍କା(୧୬୧%)ର ବୃଦ୍ଧି ଦେଖିବାକୁ ମିଳିଛି । ୨୦୨୩-୨୪ ରେ ଦଳକୁ ୨୨୪୩.୯୪୭ କୋଟି ଟଙ୍କା ମିଳିଥିଲା । ଯାହାକି ୨୦୨୪-୨୫ ରେ ବଢିକି ୬୦୭୪.୦୧୫ କୋଟି ହୋଇଯାଇଛି । ତା ପରେ ରହିଛି ଆପ୍ । ଦଳୀୟ ଚାନ୍ଦାରେ ୨୭.୦୪୪ କୋଟି ଟଙ୍କା ବୃଦ୍ଧି ହୋଇଛି । ଯାହାକି ୨୦୨୩-୨୪ ତୁଳନାରେ ୨୪୪% ଅଧିକ । ଏହା ପୂର୍ବରୁ ଆର୍ଥିକ ବର୍ଷରେ ଦଳକୁ ୧୧.୦୬୨ କୋଟି ଟଙ୍କା ଚାନ୍ଦା ମିଳିଥିଲା । ଏନ୍ପିପିରେ ସର୍ବାଧିକ ୧୩୧୩% ବୃଦ୍ଧି ଘଟିଛି । ଗତ ବର୍ଷ, ଏନ୍ପିପି ୧୪ ଲକ୍ଷ ୮୦ କୋଟି ଟଙ୍କା ମିଳିଥିଲା, ଯାହାକି ୨୦୨୪-୨୫ ରେ ବୃଦ୍ଧି ପାଇ ୧.୯୪୩ କୋଟି ହୋଇଛି । ଦେଶର ମୁଖ୍ୟ ବିରୋଧୀ କଂଗ୍ରେସ ଦଳ ଏବଂ ଦ୍ୱିତୀୟ ସ୍ଥାନରେ ରହିଛି । ଦାନରେ ୮୪% ବୃଦ୍ଧି ପାଇଛି । ଦଳ ୨୦୨୩-୨୪ ରେ ୨୮୧.୪୮୦ କୋଟି ପାଇଥିଲା, ଯାହା ୨୦୨୪-୨୫କୁ ୫୧୭.୩୯୪ କୋଟିକୁ ବୃଦ୍ଧି ପାଇଛି । ମାକପା ଗତ ବର୍ଷ ୭, ୬୪୧ କୋଟି ଟଙ୍କା ତୁଳନାରେ ଚଳିତ ବର୍ଷ ଚାନ୍ଦା ବଢି ୧୬,୯୫୭ କୋଟି ଟଙ୍କା ହୋଇଛି । ଏହି ଚାନ୍ଦାରେ ୧୦୦% ଅଧିକ ବୃଦ୍ଧି ହୋଇଛି ।

# ନଦୀକୁ ଖସିଲା ବସ୍, ୨୬ ମୃତ



ଢ଼ାକା, ୨୬।୩ : ବାଂଲାଦେଶର ରାଜବାଡରରେ ହୋଇଥିବା ବସ୍ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୬ ରେ ପହଂଚିଛି । ଏହି ଦୁର୍ଘଟଣା ସେତେବେଳେ ଘଟିଥିଲା ଯେତେବେଳେ ବସଟି ଦାଓଲତାଦିଆ ଘାଟ ନିକଟରେ ପଦ୍ମା ନଦୀକୁ ଖସିପଡ଼ିଥିଲା । ଅଗ୍ନିସମବାହିନୀର ସୂଚନା ମୁତାବକ ୨୩ ଜଣଙ୍କ ମୃତଦେହ ବସ୍ ଭିତରୁ ବାହାର କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୮ ଜଣ ପୁରୁଷ, ୧୧ ଜଣ ମହିଳା ଓ ୫ ଜଣ ଶିଶୁ ରହିଛନ୍ତି । ଏହାସହ ୮ ଜଣଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି । ହେଲେ ସେମାନଙ୍କ ମଧ୍ୟରୁ ମେଡିକାଲରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ଏବେ ବି ନଦୀ ଭିତରେ କିଛି ଲୋକ ନିଖୋଜ ରହିଛନ୍ତି । ୨୨ ମୃତକଙ୍କ ଶବ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ବସରେ ପାଖାପାଖି ୪୦ଜଣ ଯାତ୍ରୀ ଥିବା କଥା କୁହାଯାଉଛି । ବୁଧବାର ରାତିରେ ଦୁର୍ଘଟଣା ହୋଇଥିଲା । ବାଂଲାଦେଶରେ ବସ୍ ଓ ଗାଡ଼ିଗୁଡିକୁ ନଦୀ ପାର କରିବା ପାଇଁ ଫେରୀର ବ୍ୟବହାର କରାଯାଇଥାଏ । ଏହି ଫେରୀ ଏକ ବିରାଟ ଡଙ୍ଗା ଭଳି । ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ତାରିକ ରହମାନ ଯାଞ୍ଚ ଆଦେଶ ଦେଇଛନ୍ତି ।

## ଯାନ୍ତ୍ରିକ ତ୍ରୁଟି ହେତୁ ଲଣ୍ଡନଗାମୀ ଏୟାର୍ ଇଣ୍ଡିଆ ବିମାନ ଦିଲ୍ଲୀ ଫେରିଲା

ନୂଆଦିଲ୍ଲୀ, ୨୬।୩: ଲଣ୍ଡନର ହିଥ୍ରୋ ଅଭିମୁଖେ ଯାଉଥିବା ଏୟାର୍ ଇଣ୍ଡିଆର ଏ୩୫୦ ବିମାନ ଗୁରୁବାର ଅପରାହ୍ଣରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଜାତୀୟ ରାଜଧାନୀକୁ ଫେରିଛି । ମାର୍ଚ୍ଚ ୧୫ରେ ସେହି ଏ୩୫୦-୯୦୦ ବିମାନ ଭିଟି-ଜେଆରଏଫ୍ ବୈଷୟିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା, ଯାହା ପରେ ନ୍ୟୁୟର୍କରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ବିମାନକୁ ଆୟର୍ଲାଣ୍ଡର ଶାନନ୍ ସହରକୁ ପଠାଇ ଦିଆଯାଇଥିଲା । ଏୟାର୍ ଇଣ୍ଡିଆର ମୁଖପାତ୍ର କହିଛନ୍ତି ଯେ, ଗୁରୁବାର ଦିଲ୍ଲୀରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ବିମାନ ଏଆଇ୧୧୧ ଯାନ୍ତ୍ରିକ ତ୍ରୁଟି ସନ୍ଦେହ ହେବା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଜାତୀୟ ରାଜଧାନୀକୁ ଫେରିଛି । ବିମାନଟି ନିରାପଦରେ ଅବତରଣ କରିଛି ଏବଂ ଉଚ୍ଚ ନିରାପତ୍ତା ମାନଦଣ୍ଡ ଅନୁଯାୟୀ ଏହାର ଯାଞ୍ଚ କରାଯାଉଛି ।

## ଦେଶରେ କେଉଁଠି ବି ପେଟ୍ରୋଲ – ଡିଜେଲ କିମ୍ବା ଏଲପିଜିର ଅଭାବ ନାହିଁ



ନୂଆଦିଲ୍ଲୀ, ୨୬।୩ : ଇରାନ – ଆମେରିକା ଯୁଦ୍ଧ ମଧ୍ୟରେ କିଛି ସହରର ପେଟ୍ରୋଲ ପମ୍ପରେ ହଠାତ୍ ଭିଡ଼ ଲାଗି ରହିଛି । ଏହା ବ୍ୟତୀତ, ଏଲପିଜି ସିଲିଣ୍ଡର ଗୁଡ଼ିକରେ ମଧ୍ୟ ସଙ୍କଟର ଦାବି କରାଯାଉ ଥିବା ଅଭିଯୋଗ ହେଇଛି । ଏହି ମଧ୍ୟରେ, ଏହି ଦାବିକୁ ସରକାର ଭୁଲ କହିଛନ୍ତି । ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ କହିଛି ଯେ, ଭାରତରେ ପେଟ୍ରୋଲିୟମ ଓ ଏଲପିଜିର ସପ୍ଲାଇର ସ୍ଥିତି ସଂପୂର୍ଣ୍ଣ ରୂପେ ସୁରକ୍ଷିତ ଓ ନିୟନ୍ତ୍ରଣରେ ଅଛି । ସବୁ ଖୁଚୁରା ଇନ୍ଧନ ଆଉଟଲେଟରେ ପର୍ଯ୍ୟାପ୍ତ ଉପଲବ୍ଧ ରହିଛି । ଦେଶରେ କେଉଁଠି ବି ପେଟ୍ରୋଲ , ଡିଜେଲ କିମ୍ବା ଏଲପିଜିର କୌଣସି ଅଭାବ ନାହିଁ । ମନ୍ତ୍ରଣାଳୟ ଜନତାଙ୍କୁ ଅପିଲ୍ କରିଛି ଯେ, ସେମାନେ ଜାଣିଶୁଣି ଚାଲିଥିବା ଏକ ମିଛ ଓ ସୁପରିକଳ୍ପିତ ଦୁଷ୍ପ୍ରଚାର ଅଭିଯାନରେ ଭ୍ରମିତ ନହୁଅନ୍ତୁ , ଯାହାର ଉଦ୍ଦେଶ୍ୟ ବିନା କାରଣରେ ଲୋକଙ୍କୁ ଅସୁବିଧା କରିବା । ଭାରତ ବିଶ୍ୱର ୪ର୍ଥ ସବୁଠୁ ବଡ଼ ରିଫାଇନର ଓ ପେଟ୍ରୋଲିୟମ ରପ୍ତାନୀକାରୀ , ଯିଏକି ୧୫୦ରୁ ଅଧିକ ଦେଶକୁ ରିଫାଇନ ତୈଳ ସପ୍ଲାଇ କଲେ । କାରଣ ଭାରତ ବିଶ୍ୱ ପାଇଁ ଏକ ଶୁଦ୍ଧ ରପ୍ତାନୀକାରୀ,ଏଥିପାଇଁ ଘରୋଇ ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ସରଞ୍ଚନାତ୍ମକ ଭାବେ ସ୍ପଷ୍ଟ ଅଛି । ପୂରା ଦେଶରେ ଏକ ଲକ୍ଷରୁ ଅଧିକ ଖୁଚୁରା ଇନ୍ଧନ ଆଉଟଲେଟ୍ ଖୋଲିଛି ଏବଂ ବିନା କୌଣସି ପ୍ରତିବନ୍ଧକରେ ଇନ୍ଧନ ଦିଆଯାଉଛି । କୌଣସି ବି ଆଉଟଲେଟରେ ସପ୍ଲାଇର ରାଶନିଂ କରିବା ପାଇଁ କୁହାଯାଇ ନାହିଁ । ପୂରା ବିଶ୍ୱରେ , ଦେଶ ମୂଲ୍ୟ ବୃଦ୍ଧି , ରାଶିନିଂ , ଅଡ୍-ଇଭିନ ଯାନ ପ୍ରତିବନ୍ଧକ ଓ ଷ୍ଟେସନ ଗୁଡ଼ିକର ବନ୍ଦ କରିବା ଭଳି ସ୍ଥିତି ଗୁଡ଼ିକର ସାମ୍ନା କରୁଛି । ମନ୍ତ୍ରଣାଳୟ ନିଜର ବିବୃତ୍ତିରେ କହିଛି, କିଛି ଦେଶ ରାଷ୍ଟ୍ରୀୟ ଶକ୍ତି ଏମର୍ଜେନ୍ସି ଘୋଷଣା କରି ଦେଇଛନ୍ତି । ଭାରତକୁ ଏମିତି କୌଣିସି ବି ଉପାୟର ଆବଶ୍ୟକ ଅନୁଭବ ହେଉ ନାହିଁ । ଯେଉଁଠି ଅନ୍ୟ ଦେଶ ରାଶନିଂ କରୁଛନ୍ତି , ସେଠାରେ ଭାରତରେ ସପ୍ଲାଇର କୌଣସି ଅଭାବ ନାହିଁ ।

## କୃଷ୍ଣ ସାଗରରେ ରୁଷୀୟ ତୈଳ ବୋଝେଇ ତୁର୍କୀ ଟ୍ୟାଙ୍କର ଉପରେ ଆକ୍ରମଣ

ଅଙ୍କାରା, ୨୬।୩: ଗୁରୁବାର କୃଷ୍ଣସାଗରରେ ଗଭୀର ଜଳରାଶି ତଳେ ତୁର୍କୀ ଦ୍ୱାରା ପରିଚାଳିତ ଏକ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ହୋଇଛି । ଏକ ମାନବବିହୀନ ସର୍ଫେସ୍ ଯାନ ଦ୍ୱାରା ଏହି ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି ବୋଲି ତୁର୍କୀ ପରିବହନ ମନ୍ତ୍ରୀ ଅବଦୁଲକଦିର ଉରାଲୋଗଲୁ କହିଛନ୍ତି । ଏକ ଟେଲିଭିଜନ ସାକ୍ଷାତକାରରେ ମନ୍ତ୍ରୀ ଅବଦୁଲକଦିର କହିଛନ୍ତି, ତୁର୍କୀ କମ୍ପାନି ଦ୍ୱାରା ପରିଚାଳିତ ଏକ ବିଦେଶୀ ଜାହାଜ ଯେଉଁଥିରେ ରୁଷ୍ର ଅଶୋଧିତ ତୈଳ ଥିଲା ତା'ର ଇଞ୍ଜିନ ରୁମରେ ନିଆଁ ଲାଗି ଯାଇଛି । ସେ କହିଛନ୍ତି, ଆମେ ବିଶ୍ୱାସ କରୁଛୁ ଯେ ଆକ୍ରମଣ ଦ୍ୱାରା ନିର୍ଦ୍ଦିଷ୍ଟ ଭାବେ ଇଞ୍ଜିନ ରୁମକୁ ଟାର୍ଗେଟ୍ କରାଯାଇଥିଲା । ତେବେ ଡ୍ରୋନ୍ ଦ୍ୱାରା ଏହି ଆକ୍ରମଣ ପରିଚାଳନା କରାଯାଇନଥିଲା ବରଂ ଏକ ମାନବବିହୀନ ସର୍ଫେସ ଯାନ ଦ୍ୱାରା ଏହି ଆକ୍ରମଣ କରାଯାଇଥିବା ମନ୍ତ୍ରୀ କହିଛନ୍ତି । ବୋସଫରସ ପ୍ରଣାଳୀ ଠାରୁ ୩୦ କିମି ଦୂରରେ ଏହି ଆକ୍ରମଣ ହୋଇଛି ବୋଲି ଜଣାପଡ଼ିଛି । ଜାହାଜରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି ଏବଂ ନିର୍ଦ୍ଦିଷ୍ଟ ଭାବେ ଇଞ୍ଜିନ ରୁମକୁ ଟାର୍ଗେଟ୍ କରାଯାଇଛି ।

## ବନ୍ଦେ ଭାରତ ଏକ୍ସପ୍ରେସ୍ ଦହିରେ ପୋକ କ୍ୟାଟରିଂ କମ୍ପାନିକୁ ୫୦ ଲକ୍ଷ ଟଙ୍କା ଜରିମାନା



ନୂଆଦିଲ୍ଲୀ, ୨୬।୩: ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନରେ ଯାତ୍ରୀଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟର ଦହିରେ ପୋକ ମିଳିବା ଅଭିଯୋଗ ଆସିବା ପରେ ଭାରତୀୟ ରେଳ ମନ୍ତ୍ରଣାଳୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ମନ୍ତ୍ରଣାଳୟ ଆଇଆରସିଟିସି ଉପରେ ୧୦ ଲକ୍ଷ ଏବଂ କ୍ୟାଟରିଂ କମ୍ପାନି ଉପରେ ୫୦ ଲକ୍ଷ ଜରିମାନା ଲଗାଇଛି । ପାଟନାରୁ ଟାଟାନଗର ଯାଉଥିବା ଜଣେ ଯାତ୍ରୀ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରିଥିଲେ । ଭିଡିଓରେ ରାତ୍ରୀ ଭୋଜନ ସହିତ ଖାଇବାକୁ ଦିଆଯାଉଥିବା ଦହିରେ ପୋକ ଥିବା ଦେଖିବାକୁ ମିଳିଥିଲା । ଯାତ୍ରୀ ଜଣକ ଏହା ମଧ୍ୟ ଦାବି କରିଥିଲେ ଯେ, ଅନ୍ୟ ଯାତ୍ରୀମାନଙ୍କୁ ଦିଆଯାଇଥିବା ଦହିରେ ମଧ୍ୟ ପୋକ ମିଳିଛି । ଯାତ୍ରୀଙ୍କୁ ଦିଆଯାଇଥିବା ଅମୂଲ ଦହିରେ ପୋକ ଭାସୁଥିବାର ଦେଖିବାକୁ ମିଳିଥିଲା । ଯାତ୍ରୀ ରିତେଶ କୁମାରଙ୍କ ଅଭିଯୋଗ ଆଧାରରେ, ରେଳ ମନ୍ତ୍ରଣାଳୟ କଡ଼ା ପଦକ୍ଷେପ ଗ୍ରହଣ କରିଛି । ରେଳ ମନ୍ତ୍ରଣାଳୟ କହିଛି, ୧୫ ମାର୍ଚ୍ଚ, ୨୦୨୬ରେ ଟ୍ରେନ ନମ୍ବର ୨୧୮୯୬ ପାଟନା-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସରେ ମିଳିଥିବା ଖାଦ୍ୟର ଗୁଣବତ୍ତା ସମ୍ବନ୍ଧୀୟ ଅଭିଯୋଗକୁ ଗମ୍ଭୀରତାର ସହ ନିଆଯାଇଛି । କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଅଭିଯୋଗ ପାଇଁ ଦାୟୀ ମାନଙ୍କର ଚୁକ୍ତିନାମା ମଧ୍ୟ ବାତିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାତ୍ରୀ ସୁରକ୍ଷା ଏବଂ ଗୁଣବତ୍ତା ଆମର ପ୍ରାଥମିକତା । ଭାରତୀୟ ରେଳବାଇର ଜଣେ ମୁଖପାତ୍ର ମଧ୍ୟ କହିଛନ୍ତି ଯେ ଏହି ବିଷୟକୁ ହାଲୁକା ଭାବରେ ନିଆଯିବ ନାହିଁ । ଗୁଣାତ୍ମକ ସେବା ବଜାୟ ରଖିବା ଏକ ପ୍ରାଥମିକତା । ସେ ବ୍ୟାଖ୍ୟା କରିଥିଲେ ଯେ ଯାତ୍ରୀମାନେ ଉନ୍ନତ ସୁବିଧା ଆଶା କରୁଥିବାରୁ, ବିଶେଷକରି ବନ୍ଦେ ଭାରତ ଭଳି ପ୍ରିମିୟମ୍ ଟ୍ରେନଗୁଡ଼ିକରେ ଉଚ୍ଚମାନର ସେବା ଏବଂ ପରିଷ୍କାର ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ କଠୋର ନିୟମ ରହିଛି ।

## ମଧ୍ୟପ୍ରାଚ୍ୟ ଯୁଦ୍ଧ ନେଇ ମୁହଁ ଖୋଲିଲେ ପୁଟିନ୍

# କୋଭିଡ୍- ୧୯ ଠାରୁ ବି ଭୟଙ୍କର ହୋଇପାରେ

ନୂଆଦିଲ୍ଲୀ, ୨୬।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ପରବର୍ତ୍ତୀ ସମୟରେ କ'ଣ ହେବ ତାହା କେହି ଭବିଷ୍ୟବାଣୀ କରିପାରିବେ ନାହିଁ । ଏଭଳି କିଛି କହିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ଗୁରୁବାର ସେ କହିଛନ୍ତି ଯେ ଇରାନ ଯୁଦ୍ଧର ପରିଣାମ କୋଭିଡ-୧୯ ମହାମାରୀ ପରି ଭୟଙ୍କର ହୋଇପାରେ । ମସ୍କୋରେ ଏକ ବ୍ୟବସାୟ ଫୋରମକୁ ସମ୍ବୋଧିତ କରି ପୁଟିନ କହିଛନ୍ତି, ଏହି ଯୁଦ୍ଧ କାରଣରୁ ଲଜିଷ୍ଟିକ୍, ଉତ୍ପାଦନ ଏବଂ ସପ୍ଲାଇ ଚେନ୍ ବାଧାପ୍ରାପ୍ତ କରିଛି । ଏହା ସହ ହାଇଡ୍ରୋକାର୍ବନ, ଧାତୁ ଏବଂ ସାର କ୍ଷେତ୍ର ଉପରେ ଚାପ ବୃଦ୍ଧି କରିଛି । ପୁଟିନ କହିଛନ୍ତି ଯେ ଯୁଦ୍ଧରେ ସାମିଲ ଦେଶମାନେ ଆଗକୁ କ'ଣ ହେବ ତାହା ପୂର୍ବାନୁମାନ କରିପାରିବେ ନାହିଁ । ସେ କହିଛନ୍ତି, ଏହି ସଙ୍କଟ, ଠିକ୍ କରୋନା ଭାଇରସ୍ ଝଟକା ପରି, ଅନେକ ଦେଶର ବିକାଶକୁ ମନ୍ଥର କରିପାରେ । ବିଶ୍ୱ ଅର୍ଥନୀତି ଭୁଶୁଡ଼ି ପଡୁଛି । ମୁଁ ଭାବୁଛି ଏହି



ସଂଘର୍ଷରେ ଜଡିତ ଲୋକମାନେ ମଧ୍ୟ କିଛି ପୂର୍ବାନୁମାନ କରିପାରିବେ ନାହିଁ । ଆମ ପାଇଁ ଏହା ଆହୁରି କଷ୍ଟକର ।'

## ପ୍ରଧାନମନ୍ତ୍ରୀ ମୋଦି, ନିର୍ବାଚନ କମିଶନଙ୍କ ଏଆଇ ଭିଡିଓ ଭାଇରାଲ ଏକ୍ସ ବିରୋଧରେ ମାମଲା ରୁଜୁ

ନୂଆଦିଲ୍ଲୀ, ୨୬।୩: କେରଳ ପୋଲିସର ସାଇବର ଶାଖା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ଏବଂ ଏହାର ଏକ ହ୍ୟାଣ୍ଡେଲ ବିରୋଧରେ ଏକ ମାମଲା ରୁଜୁ କରିଛି । ଅଭିଯୋଗ ହୋଇଛି ଯେ ପ୍ରଧାନମନ୍ତ୍ରୀ ଏବଂ ନିର୍ବାଚନ କମିଶନଙ୍କୁ 'ବିଭ୍ରାନ୍ତିକର ଏବଂ ମାନହାନିକାରକ' ଭାବରେ ଦର୍ଶାଯାଇଥିବା ଏକ ଏଆଇ ଜେନେରେଟେଡ ଭିଡିଓ ଭାଇରାଲ ହୋଇଛି । ପୋଲିସର କହିବା ଅନୁଯାୟୀ, ସେମାନେ ନିର୍ବାଚନ କମିଶନ ସମେତ ସରକାରୀ ଚ୍ୟାନେଲ ମାଧ୍ୟମରେ ଏହି ଆପତ୍ତିଜନକ ବିଷୟବସ୍ତୁ ବିଷୟରେ ସୂଚନା ପାଇଥିଲେ । ତଦନ୍ତ ପରେ, ପୋଲିସ ଜାଣିପାରିଲା ଯେ ଭିଡିଓଟି ଲୋକଙ୍କୁ ଭ୍ରମିତ କରିପାରେ ଏବଂ ସାମ୍ବିଧାନିକ ପ୍ରତିଷ୍ଠାନର ବିଶ୍ୱସନୀୟତାକୁ କ୍ଷୁର୍ଣ୍ଣ କରିପାରେ । ପୋଲିସ କହିଛି ଯେ ଏପରି ବିଷୟବସ୍ତୁ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ, ତେଣୁ କାର୍ଯ୍ୟାନୁଷ୍ଠାନକୁ ଗମ୍ଭୀରତାର ସହ ନିଆଯାଇଛି । ପୋଲିସ କହିଛି ଯେ ବୁଧବାର ବିଳମ୍ବିତ ରାତିରେ ତିରୁଭାନନ୍ତପୁରମ ସହରର ସାଇବର ଅପରାଧ ପୋଲିସ ଷ୍ଟେଶନରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଦୋଷୀଙ୍କୁ ଚିହ୍ନଟ କରିବା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତଦନ୍ତ ଆରମ୍ଭ କରାଯାଇଛି ।

## ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଡେଇଁଲା ଇରାକ

### ବଢ଼ିଲା ଆମେରିକା-ଇସ୍ରାଏଲର ଚିନ୍ତା

ନୂଆଦିଲ୍ଲୀ, ୨୬।୩: ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ଇରାକ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ଜାତୀୟ ସୁରକ୍ଷା ପରିଷଦ ପପୁଲାର ମୋବିଲାଇଜେସନ୍ ଫୋର୍ସ (ପିଏମ୍ଏଫ୍) ଏବଂ ଅନ୍ୟାନ୍ୟ ସାମରିକ ତଥା ସୁରକ୍ଷା ବାହିନୀକୁ ଯେକୌଣସି ଆକ୍ରମଣର ଜବାବ ଦେବା ପାଇଁ ଅଧିକାର ଦେଇଛି । ଇରାକର ଏହି ନିଷ୍ପତ୍ତି ଆମେରିକା ଏବଂ ଇସ୍ରାଏଲ ପାଇଁ ନୂଆ ସଙ୍କଟ ସୃଷ୍ଟି କରିପାରେ ବୋଲି କୁହାଯାଉଛି । ଏପରି କରି ଇରାକ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଡେଇଁବାର ସଙ୍କେତ ଦେଉଛି । ଇରାକ ଆମେରିକୀୟ ଦୂତାବାସର ଚାର୍ଜ ଡି' ଆଫେୟର୍ସଙ୍କୁ ଡକାଇ ଏକ ସରକାରୀ ପ୍ରତିବାଦ ପତ୍ର ଦାଖଲ କରିଥିଲା । ଏଥିରେ ଦୁଇଟି କଥା କୁହାଯାଇଥିଲା । ପ୍ରଥମତଃ, ଇରାକ ନିଜର ସାର୍ବଭୌମତ୍ୱର କୌଣସି ଉଲ୍ଲଂଘନକୁ ସହ୍ୟ କରିବ ନାହିଁ । ଦ୍ୱିତୀୟତଃ, ଦେଶ ବର୍ତ୍ତମାନ ସିଧାସଳଖ ପ୍ରତିକ୍ରିୟା ଦେବାକୁ ପ୍ରସ୍ତୁତ । ଏହି ନିଷ୍ପତ୍ତି ଆଂଶିକ ଭାବରେ ଇରାକ ସରକାରଙ୍କ ବିରୋଧରେ ହୋଇଥିବା ପ୍ରତିବାଦ ଯୋଗୁଁ ହୋଇଛି । ବିଦେଶୀ ଆକ୍ରମଣକୁ ନେଇ ସରକାରଙ୍କ ବିରୋଧରେ ବଡ଼ ପ୍ରଦର୍ଶନ ସରକାରଙ୍କୁ ଏହି କଠୋର ମନୋଭାବ ଗ୍ରହଣ କରିବାକୁ ବାଧ କରିଥିବା କୁହାଯାଉଛି । ଏହି ନିଷ୍ପତ୍ତିକୁ ଦେଶ ଭିତରେ ମଧ୍ୟ ଦୃଢ଼ ସମର୍ଥନ ମିଳିଛି । ଏହି ନିଷ୍ପତ୍ତି ସହିତ, ଇରାକ ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଏକ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଯାଉଛି । ଇରାକର ନିଷ୍ପତ୍ତି ଅଞ୍ଚଳରେ ପ୍ରତିରୋଧ ପଦ୍ଧତିକୁ ଯଥେଷ୍ଟ ପରିବର୍ତ୍ତନ କରିପାରେ । ପୂର୍ବରୁ, ସରକାର ପ୍ରାୟତଃ ଇରାକରେ ପ୍ରତିରୋଧ ବାହିନୀ ଉପରେ ଆକ୍ରମଣର ସିଧାସଳଖ ପ୍ରତିକ୍ରିୟା ଦେଉନଥିଲେ । ଏହି ନିଷ୍ପତ୍ତି ଯୋଗୁଁ ଇରାକ ଏବେ ବିଦେଶୀ ଆକ୍ରମଣର ସିଧାସଳଖ ଜବାବ ଦେଇପାରେ । ଏହା ବ୍ୟତୀତ, ଭିକ୍ଟୋରିଆ ବେସରୁ ଆମେରିକୀୟ ଏବଂ ନାଟୋ ସେନା ପ୍ରତ୍ୟାହାର କରାଯାଉଥିବାର ସୂଚନା ରହିଛି ।

## ହର୍ମୁଜ ଜଗିଥିବା ଇରାନ କମାଣ୍ଡର ନିପାତ



ନୂଆଦିଲ୍ଲୀ, ୨୬।୩: ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆହୁରି ଗମ୍ଭୀର ସଂଘର୍ଷରେ ପରିଣତ ହୋଇପାରେ । ଜଣେ ଇସ୍ରାଏଲୀ ଅଧିକାରୀ କହିଛନ୍ତି ଯେ ଦକ୍ଷିଣ ଇରାନରେ ହୋଇଥିବା ଏକ ଆକ୍ରମଣରେ ଇରାନର ଏଲିଟ୍ ନୌସେନା ବାହିନୀର କମାଣ୍ଡର ଆଲିରେଜା ତାଙ୍ଗସିରିଙ୍କ ମୃତ୍ୟୁ ହୋଇଛି । ଇରାନର ଶକ୍ତିଶାଳୀ ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କୋର୍ପର ନୌସେନା ମୁଖ୍ୟ ତାଙ୍ଗସିରି ବନ୍ଦର ସହର ବନ୍ଦର ଆବାସରେ ହୋଇଥିବା ଆକ୍ରମଣରେ ପ୍ରାଣ ହରାଇଛନ୍ତି । ଅଧିକାରୀ କହିଛନ୍ତି ଯେ କମୋଡୋର ତାଙ୍ଗସିରି ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବା ତଦାରଖ କରିବା ପାଇଁ ଦାୟୀ ଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ଉପରେ ଇରାନର ନିୟନ୍ତ୍ରଣ ମଧ୍ୟପ୍ରାଚ୍ୟରୁ ତେଲ ଏବଂ ଗ୍ୟାସ ଯୋଗାଣକୁ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ କରିଛି । ଯଦି ଏହା ନିଶ୍ଚିତ ହୁଏ, ତେବେ ଏହି ଆକ୍ରମଣ ଇରାନର ସାମରିକ ନେତୃତ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଘାତ ହେବ, ବିଶେଷକରି ଏହାର ନୌସେନା ପାଇଁ ।

# ମିସାଇଲ ତିଆରି କରିବାରେ ରୁଷ ନମ୍ବର ୧ ଦେଶ



ନୂଆଦିଲ୍ଲୀ, ୨୬।୩: ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଯୁଦ୍ଧରେ ମିସାଇଲ ବିନାଶ କରୁଛି । ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଇଛି ଯେ ଇରାନ ଯୁଦ୍ଧରେ ୪୦୦୦ କିଲୋମିଟର ଦୂରତା ବିଶିଷ୍ଟ କ୍ଷେପଣାସ୍ତ୍ର ବ୍ୟବହାର କରିଥିଲା । ସାଧାରଣତଃ ମିସାଇଲ ଓ ହତିଆରକୁ ବିକ୍ରି କରିବା ପାଇଁ ଆମେରିକାର ନାଁ ସାମନାକୁ ଆସିଛି, କିନ୍ତୁ ମିସାଇଲକୁ ତିଆରି କରିବାରେ ସବୁଠାରୁ ଅଧିକ ଆଗରେ ରହିଛି ରୁଷ । ସେ ହେଉଛି ବିଶ୍ୱର ସର୍ବବୃହତ କ୍ଷେପଣାସ୍ତ୍ର ନିର୍ମାତା ଦେଶ । ମିସାଇଲ ଟେକ୍ନୋଲୋଜି ଓ ଉତ୍ପାଦନରେ ଭାରତର ସହଯୋଗ ରୁଷର ସବୁଠାରୁ ଉପରେ ରହିଛି । ରୁଷ ପାଖରେ ସବୁଠାରୁ ବଡ଼ ଆନ୍ତଃମହାଦେଶୀୟ ବାଲାଷ୍ଟିକ୍ ମିସାଇଲ (ଆଇସିବିଏମ୍) ଓ ସବୁଠାରୁ ହାଇଟେକ୍ ହାଇପରସୋନିକ୍ ଟେକ୍ନୋଲୋଜି । ପରମାଣୁ ଅସ୍ତ୍ରଶସ୍ତ୍ରରେ ମଧ୍ୟ ରୁଷ ବିଶ୍ୱର ନେତୃତ୍ୱ ନେଉଛି । ଏହା ପାଖରେ ୫୫୦୦ ରୁ ଅଧିକ ପରମାଣୁ କ୍ଷମତାସମ୍ପନ୍ନ କ୍ଷେପଣାସ୍ତ୍ର ଅଛି । ଏହି ଦେଶର ଏହାର କ୍ଷେପଣାସ୍ତ୍ର ଭଣ୍ଡାରରେ ପରମାଣୁ ମିସାଇଲ, କ୍ରୁଜ୍ ମିସାଇଲ ଏବଂ କୌଶଳଗତ ଯୁଦ୍ଧକ୍ଷେତ୍ର ପ୍ରଣାଳୀ ରହିଛି । ତେବେ ରୁଷ ପାଖରେ ଥିବା ଶକ୍ତିଶାଳୀ କ୍ଷେପଣାସ୍ତ୍ର ମଧ୍ୟରେ ସରମାଟ: ଏହା ଦ୍ୱୀପରୁ ଦ୍ୱୀପକୁ ଆକ୍ରମଣ କରେ । ଏହା ଏହାର ବିପଦର ସମ୍ଭାବନାକୁ ବ୍ୟାଖ୍ୟା କରେ । ଏହି ନିର୍ଦ୍ଦିଷ୍ଟ କ୍ଷେପଣାସ୍ତ୍ରକୁ ସତାନ-୨ ମଧ୍ୟ କୁହାଯାଏ । ଏହା ଅନନ୍ୟ କାରଣ ଏହା କମ୍ ସମୟ ମଧ୍ୟରେ ଆକ୍ରମଣ କରିବାକୁ ସକ୍ଷମ, କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ସହିତ ମଧ୍ୟ ଏହାକୁ ଅଟକାଇବା କଷ୍ଟକର । ସେହିପରି କ୍ରୁଜ୍ କ୍ଷେପଣାସ୍ତ୍ର: ଏହାର ପରିସର ସାର୍ବଜନୀନ ଭାବରେ ଉପଲବ୍ଧ ନୁହେଁ, କିନ୍ତୁ ଏହାକୁ ଏକ ବିଶେଷ ପ୍ରକାରର ରଣନୈତିକ କ୍ଷେପଣାସ୍ତ୍ର ଭାବରେ ବିବେଚନା କରାଯାଏ । କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ସହିତ ଏହାକୁ ଅଟକାଇବା କଷ୍ଟକର । ପୁଟିନ ଦାବି କରିଛନ୍ତି ଯେ ଏହା ଅସୀମ ଦୂରତାରେ ଆକ୍ରମଣ କରିପାରିବ । ଏଥିସହ ପାଣି ତଳେ କ୍ଷେପଣାସ୍ତ୍ର: ରୁଷ ଏହି ନିର୍ଦ୍ଦିଷ୍ଟ କ୍ଷେପଣାସ୍ତ୍ରର ନାମ ଏପର୍ଯ୍ୟନ୍ତ ସ୍ଥିର କରିନାହିଁ, କିନ୍ତୁ ଏହା ପାଣି ତଳେ ଲକ୍ଷ୍ୟଭେଦ କରିବା ପାଇଁ ଡିଜାଇନ୍ କରାଯାଇଛି । ହାଇପରସୋନିକ୍ କ୍ଷେପଣାସ୍ତ୍ର: ରୁଷ ରାଷ୍ଟ୍ରପତି ଏହାର ନାମ କିଞ୍ଜାଲ୍ ରଖିଛନ୍ତି । ଏହାକୁ ଆକାଶରୁ ନିକ୍ଷେପ କରାଯାଇପାରିବ । ଏହାର ଉଚ୍ଚ ଗତି ଏହାକୁ ଅଟକାଇବା କଷ୍ଟକର କରିଥାଏ । ଏହା ୨୦୦୦ କିଲୋମିଟରରୁ ଅଧିକ ଦୂରତାରେ ଲକ୍ଷ୍ୟଭେଦ କରିପାରିବ । ଆଭାନଗାର୍ଡ: ଏହି କ୍ଷେପଣାସ୍ତ୍ର ଏକ ନୂତନ ପ୍ରକାରର ଅସ୍ତ୍ର । ଏହାର ପରୀକ୍ଷଣ ସଫଳ ହୋଇଛି ଏବଂ ଏହା ଘଣ୍ଟା ପ୍ରତି ୨୫,୦୦୦ କିଲୋମିଟର ବେଗରେ ଏକ ଦ୍ୱୀପରୁ ଅନ୍ୟ ଦ୍ୱୀପକୁ ଯାତ୍ରା କରିପାରିବ ।ତେବେ ସର୍ବାଧିକ କ୍ଷେପଣାସ୍ତ୍ର ତିଆରି କରିବାରେ ରୁଷ ପରେ ଆମେରିକା ଦ୍ୱିତୀୟ ସ୍ଥାନରେ ଅଛି । ଆମେରିକା ବିଶ୍ୱର ସବୁଠାରୁ ଉନ୍ନତ କ୍ଷେପଣାସ୍ତ୍ର ନିର୍ମାତ । ଏହା ପାଖରେ ପାଟ୍ରିଅଟ୍ ମିସାଇଲ ସିଷ୍ଟମ, ଟମହକ୍ କ୍ରୁଜ୍ ମିସାଇଲ ଭଳି ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ଅଛି । ଆମେରିକା ପାଖରେ ପ୍ରାୟ ୩୦୦୦କ୍ଷେପଣାସ୍ତ୍ର ଅଛି, ଯେଉଁଥିରେ ବହୁ ସଂଖ୍ୟକ କ୍ରୁଜ୍ କ୍ଷେପଣାସ୍ତ୍ର, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଆକାଶରୁ ନିକ୍ଷେପିତ ଅସ୍ତ୍ରଶସ୍ତ୍ର ଅନ୍ତର୍ଭୁକ୍ତ । ଅନେକ ରିପୋର୍ଟ ଦାବି କରୁଛି ଯେ ଆମେରିକାର ଅସ୍ତ୍ରାଗାରରେ କ୍ଷେପଣାସ୍ତ୍ର ସଂଖ୍ୟା ୫୦୦୦ ପର୍ଯ୍ୟନ୍ତ ପହଞ୍ଚିପାରେ । ରୁଷ ଏବଂ ଆମେରିକା ପରେ ଚୀନ୍ ତୃତୀୟ ସ୍ଥାନରେ ଅଛି । ଏହା ଡିଏଫ-୨୧ କ୍ଷେପଣାସ୍ତ୍ର, ଡିଏଫ-୨୬ କ୍ଷେପଣାସ୍ତ୍ର ଏବଂ ଡିଏଫ-୧୭ ହାଇପରସୋନିକ୍ କ୍ଷେପଣାସ୍ତ୍ର ଭଳି ପ୍ରଣାଳୀ ତିଆରି କରିଛି । ଏହି କାରଣରୁ ଚୀନ୍ ବିଶ୍ୱର ସବୁଠାରୁ ବଡ଼ କ୍ଷେପଣାସ୍ତ୍ର ଭଣ୍ଡାର ଥିବା ଦେଶମାନଙ୍କ ମଧ୍ୟରେ ସ୍ଥାନ ପାଇଛି । ଭାରତ, ଫ୍ରାନ୍ସ, ଇରାନ ଏବଂ ଉତ୍ତର କୋରିଆ ଭଳି ଦେଶ ଭିନ୍ନ ଭିନ୍ନ ରେଞ୍ଜ ସହିତ ହଜାର ହଜାର ମିସାଇଲ ଦୃଷ୍ଟିରୁ ଶ୍ରେଷ୍ଠ ୧୦ ମଧ୍ୟରେ ଅଛନ୍ତି । ଭାରତର ପ୍ରମୁଖ ମିସାଇଲ ସିଷ୍ଟମଗୁଡ଼ିକ ମଧ୍ୟରେ ଅଗ୍ନି ମିସାଇଲ, ବ୍ରହ୍ମୋସ ମିସାଇଲ ଏବଂ ଆକାଶ ମିସାଇଲ ସିଷ୍ଟମ ରହିଛି । ଫ୍ରାନ୍ସର ମୋଟିୟୋର ମିସାଇଲ, ସ୍କେଲପ୍ ମିସାଇଲ ଏବଂ ଏମ୫୧ ମିସାଇଲ ଭଳି ହାଇଟେକ୍ ସିଷ୍ଟମ ରହିଛି ।

CMYK

# ପୋଲିସ ପଞ୍ଝାରେ ୩ ଚେନ୍ ଲୁଟେରା

- ଲକ୍ଷାଧିକ ଟଙ୍କାର ସୁନା ଜବତ
- ପ୍ରାତଃଭ୍ରମଣ କରୁଥିବା ମହିଳାଙ୍କୁ ଟାର୍ଗେଟ କରୁଥିଲେ

ଭୁବନେଶ୍ୱର(ନିପ୍ର): ପ୍ରାତଃ ଭ୍ରମଣ କରୁଥିବା ମହିଳାଙ୍କୁ ଟାର୍ଗେଟ କରି ତାଙ୍କ ବେକରୁ ଚେନ ଲୁଟ୍ କରୁଥିବା ଏକ ଲୁଟେରା ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଛି ନୟାପଲ୍ଲୀ ଥାନା ପୋଲିସ। ଏନେଇ ଜୋନ ୫ ଏସିପି ବିଶ୍ୱରଞ୍ଜନ ସେନାପତି ପ୍ରେସ୍‌ମିଟ୍ ଜରିଆରେ ଗୁରୁବାର ସୂଚନା ଦେଇଛନ୍ତି। ଗିରଫ ୩ ପେଶାଦାର ଲୁଟେରା ହେଉଛନ୍ତି, ଭରତପୁର ଥାନା ଅଞ୍ଚଳରେ ରହୁଥିବା ଶୁକ୍ଳ ପାତ୍ର (୨୬),କ୍ୟାପିଟାଲ ଥାନା ଅନ୍ତର୍ଗତ ପିଚୁକୁଳି ବସ୍ତିର ସୁମନ ମଲ୍ଲିକ (୨୦) ଓ ଖଣ୍ଡଗିରି ଥାନା ଆଇଗିଣିଆର ବିକାଶ ଦାଶ (୩୦)। ଗିରଫ ୩ ଚେନ ଲୁଟେରାଙ୍କ ନାମରେ ରାଜଧାନୀର ବିଭିନ୍ନ ଥାନାରେ ୧୦ରୁ ଊର୍ଦ୍ଧ୍ୱ ଲୁଟ୍ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ପୋଲିସ ସୁନା ମଙ୍ଗଳସୂତ୍ର, ୨ଟି ସୁନା ଚେନ, ୫୦ଟି ମୋବାଇଲ ଫୋନ ଏବଂ ଲୁଟ୍‌ର ବ୍ୟବହାର ହେଉଥିବା ବାଇକ (ଓଡି ୦୨ ବିଡବ୍ଲୁ ୨୯୦୬)କୁ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ ୧୬ ତାରିଖ ସକାଳେ ଗୀତାଞ୍ଜଳି ସାହୁ ନାମକ ଜଣେ ମହିଳା ଥାନାରେ ପହଞ୍ଚି ପ୍ରାତଃଭ୍ରମଣ କରୁଥିବା ସମୟରେ ତାଙ୍କ ବେକରୁ ଦୁଇଜଣ ଲୁଟେରା ସୁନା ଚେନ ଲୁଟ୍ କରି ନେଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଦୁଇ ଲୁଟେରାଙ୍କୁ ଏନ୩ ସ୍ଥିତ ପାର୍କ ନିକଟରୁ ଗିରଫ କରିବାରେ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ପ୍ରାତଃଭ୍ରମଣ କରୁଥିବା ମହିଳାଙ୍କୁ ଟାର୍ଗେଟ କରି ସେମାନେ ପିନ୍ଧୁଥିବା ସୁନା ଚେନ ଲୁଟ୍ କରି ଫେରାର ହୋଇଯାଉଥିବା ନେଇ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

### ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଲା ବୋର୍ଡ଼

# ଜନଗଣନା ପ୍ରଶିକ୍ଷଣ ପାଇଁ ପ୍ରଭାବିତ ହୋଇପାରେ ମାଟ୍ରିକ ପରୀକ୍ଷା ଖାତାଦେଖା !

କଟକ(ନିପ୍ର): ଜନଗଣନାରେ ନିୟୋଜିତ ଶିକ୍ଷକଙ୍କୁ ପ୍ରତି ଜିଲ୍ଲାରେ ପ୍ରଶିକ୍ଷଣ ଦିଆଯାଉଛି । ଏଥିପାଇଁ ମାଟ୍ରିକ ପରୀକ୍ଷା ଖାତା ଦେଖା ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ଦେଖାଦେଇଛି । ସଂପୃକ୍ତ ଶିକ୍ଷକମାନେ ଖାତାଦେଖା ଅଧାରୁ ଛାଡ଼ି ଜନଗଣନା ପ୍ରଶିକ୍ଷଣ ନେବାକୁ ଯାଇପାରନ୍ତି ବୋଲି ଜଣାପଡ଼ିଛି । ଯେଉଁଥିପାଇଁ ୩୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ପକ୍ଷରୁ ଚିଠି କରାଯାଇଛି । ସଂପୃକ୍ତ ଶିକ୍ଷକଙ୍କ ପ୍ରଶିକ୍ଷଣ ଶେଷ ପର୍ଯ୍ୟାୟରେ ରଖିବା ନିମନ୍ତେ ପଦକ୍ଷେପ ନେବାକୁ ବୋର୍ଡ଼ କର୍ତ୍ତୃପକ୍ଷ ନିବେଦନ କରିଛନ୍ତି । ସୂଚନାଯୋଗ୍ୟ, ମାର୍ଚ୍ଚ ୧୯ରୁ ମାଟ୍ରିକ ପରୀକ୍ଷା ଉତ୍ତରଖାତା ମୂଲ୍ୟାୟନ ଆରମ୍ଭ ହୋଇଛି । ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ୧୫ହଜାର ଶିକ୍ଷକ ଓ ଶିକ୍ଷୟତ୍ରୀ ଖାତା ଦେଖୁଛନ୍ତି । ପ୍ରାୟ ୭ ଦିନ ଧରି ପ୍ରକ୍ରିୟା ଚାଲିଥିବାବେଳେ ଏପ୍ରିଲ ୨ ତାରିଖରେ ଖାତା ଦେଖା ସରିବ । କିନ୍ତୁ ଏବେ ଏହା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । କାରଣ ରାଜ୍ୟରେ ଆଗାମୀ ଜନଗଣନା ନିମନ୍ତେ ଜିଲ୍ଲାସ୍ତରରେ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଖାତା ଦେଖାରେ ନିୟୋଜିତ ହୋଇଥିବା ବହୁ ବରିଷ୍ଠ ଶିକ୍ଷକଙ୍କ ନାମ ଜନଗଣନାକାରୀ ତାଲିକାରେ ରହିଛି । ତେଣୁ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଯାହା ଫଳରେ ସେମାନେ ଖାତା ଦେଖା ଅଧାରୁ ଛାଡ଼ି ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟରେ ସାମିଲ ହୋଇପାରନ୍ତି । ଏହାକୁ ଦୃଷ୍ଟିରେ ରଖି ବୋର୍ଡ଼ ସଭାପତି ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ଯଦି ସଂପୃକ୍ତ ଶିକ୍ଷକ ଖାତା ଦେଖା ଅଧାରୁ ଯାଆନ୍ତି, ତାହେଲେ ନିର୍ଦ୍ଧାରିତ ମେ ଦ୍ୱିତୀୟ ସପ୍ତାହ ସୁଧା ଫଳ ପ୍ରକାଶ ପାଇପାରିବ ନାହିଁ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେବେ । ସେମାନଙ୍କ ଫଳ ଠିକ ସମୟରେ ପ୍ରକାଶ ନପାଇଲେ ସେମାନେ ନାମଲେଖାଇବାରେ ସମସ୍ୟା ଭୋଗିବେ । ତେଣୁ ଏପ୍ରିଲ ୨ ପରେ ସଂପୃକ୍ତ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବାକୁ ବୋର୍ଡ଼ ସଭାପତି ସବୁ ଜିଲ୍ଲାପାଳଙ୍କୁ ଚିଠି ଦ୍ୱାରା ନିବେଦନ କରିଥିବା ଜଣାପଡ଼ିଛି ।

## ୨ ଲକ୍ଷ ଟଙ୍କାର ଗଂଜେଇ ଜବତ, ବେପାରୀ ଫେରାର



କଟକ(ନିପ୍ର): କଟକ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ମାଲଗୋଦାମ ଥାନା ଅନ୍ତର୍ଗତ କଟକ ରେଲୱେ ପ୍ଲାଟଫର୍ମ ନମ୍ବର ୧ ସ୍ଥିତ ଆରଆରଆଇ ବିଲ୍ଡିଂ ନିକଟରୁ ଚଢ଼ାଉ କରି ୨୧କେଜି ଗଂଜେଇ ଜବତ କରିଛି। ହେଲେ ଗଂଜେଇ ବେପାରୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଅବକାରୀ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଜବତ ଗଂଜେଇ ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଆରପିଏଫ ଏସଆଇ ମୟଙ୍କ କୁମାର ଏବଂ ଅବକାରୀ ଇନ୍‌ସ୍ପେକ୍ଟର କମଳ ଲୋଚନ ପାଇକରାୟ, ଅବକାରୀ ଓଆଇସି ତରୁଣ ପାତ୍ର, ଏଏସଆଇ ବିଷ୍ଣୁ ପ୍ରସାଦ ମାଝି, କନେଷ୍ଟବଳ ବାସନ୍ତି ସଲିମା ଓ ଦୀପକ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

## ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା ଏସସିବିରେ ଡାକ୍ତରଙ୍କୁ ମାଡ଼ ଅଭିଯୋଗ

କଟକ(ନିପ୍ର): ରୋଗୀ ମୃତ୍ୟୁକୁ ନେଇ କଟକ ବଡ଼ ମେଡ଼ିକାଲରେ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି । ଡାକ୍ତରଙ୍କୁ ରୋଗୀଙ୍କ ସଂପର୍କୀୟ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ନେଫ୍ରୋଲୋଜି ବିଭାଗରେ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଯାଇଥିଲା । ଭୁବନେଶ୍ୱରରୁ ଆସିଥିବା ଜଣେ ରୋଗୀଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତେବେ ଚିକିତ୍ସା ଅବହେଳାରୁ ରୋଗୀର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବାରମ୍ବାର ଡାକିବା ପରେ ମଧ୍ୟ ଡାକ୍ତର ଆସିନଥିବା ରୋଗୀଙ୍କ ସଂପର୍କୀୟମାନେ କହିଛନ୍ତି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ମା’ ଉଗ୍ରତାରାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଘୁ. ନୂଆଗାଁ ଓ ଧୁମୁଛାଇ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ନବନିର୍ମିତ ଶ୍ରୀ ଶ୍ରୀ ଶ୍ରୀ ମା’ ଉଗ୍ରତାରାଙ୍କ ମନ୍ଦିର ପ୍ରତିଷ୍ଠା ଓ ବତିଶି ପ୍ରହର ଅଖଣ୍ଡ ନାମଯଜ୍ଞ ମହାସମାରୋହରେ ଜାରି ରହିଛି । ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି । କାର୍ଯ୍ୟକ୍ରମର ପ୍ରଥମ ଦିନରେ ଖୋର୍ଦ୍ଧା ଜିଲ୍ଲା ଭୁଷଣ୍ଡପୁରସ୍ଥିତ ମା’ ଉଗ୍ରତାରାଙ୍କ ପୀଠରୁ ଆଜ୍ଞାମାଳ ଅଣାଯାଇ ବେଲଗୁଣ୍ଠା ସହର ସମେତ ଘୁ.ନୂଆଗାଁ ଓ ଧୁମୁଛାଇ ଗ୍ରାମ ପରିକ୍ରମା କରାଯାଇ ବଡ଼ନଦୀ ସେତୁ ପାଦଦେଶରେ ନିର୍ମିତ ନୂତନ ମନ୍ଦିରରେ ସ୍ଥାପନ କରାଯାଇଥିଲା। ପରେ ରୀତିନୀତି ମୁତାବକ ଗ୍ରାମରେ ସୋମବାର ସକାଳୁ ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ମନ୍ଦିରରେ ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ ଓ ଚଣ୍ଡୀପାଠ ଆଦି ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ଅପରାହ୍ଣରେ ମହାସ୍ନାନ, ଯଜ୍ଞ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହୋଇ ବୁଧବାର ନାନା ଦେବଦେବୀ ହବନ ଓ ଜୀବନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୁରୁବାର ମା’ଙ୍କୁ ବନ୍ଦାପନା କରାଯାଇ ନୂଆଁଗାଁ ଏବଂ ଧୂମୂଛାଇରେ ମାଆଙ୍କ ନଗର ପରିକ୍ରମା କରାଯାଇଥିଲା । ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ମାଆଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିବା ବେଳେ ମାଆଙ୍କ ସିଂହାସନ ଆରୋହଣ କରାଯାଇଛି ।

## ମହାଗୌରୀ ବେଶରେ ମା’ ବନଦୁର୍ଗା



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ, ଶାରଦୀୟ ଷୋଳପୂଜାର ପଞ୍ଚଦଶ ଓ ନବରାତ୍ରିର ଅଷ୍ଟମ ଦିବସରେ ମହାଗୌରୀ ବେଶରେ ମା ଦର୍ଶନ ଦେଇଛନ୍ତି। ସକାଳୁ ମା’ଙ୍କର ମଙ୍ଗଳ ଆଳତି, କଳଶ ପୂଜା, ସୂର୍ଯ୍ୟ ପୂଜା ପଞ୍ଚ ଦେବତା ପୂଜା, ପରେ ମା’ଙ୍କର ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଆଧରପଣା ଓ ଶ୍ରୀ ମହାପ୍ରସାଦ ମା’ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଛି । ଡଃ କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ଓ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀ, ପଣ୍ଡିତ ସୀତାକାନ୍ତ ଦାଶ ଓ ବେଦ ବିଦ୍ୟାର୍ଥୀ ମାନେ ସହଯୋଗ କରିଥିଲେ ଏବଂ ଗ୍ରାମର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା’ଙ୍କର ଦିବ୍ୟ ବେଶକୁ ଦର୍ଶନ କରିଥିଲେ।

## ବର୍ଜ୍ୟ ପରିଚାଳନା ପାଇଁ ଜିଲ୍ଲା ସଞ୍ଚାଳନ ସମିତି ବୈଠକ

ଭଦ୍ରକ(ନିପ୍ର): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ମିଳିତ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲା ସ୍ତରୀୟ ବର୍ଜ୍ୟ ପରିଚାଳନା ସଞ୍ଚାଳନ ସମିତିର ବୈଠକ ଜିଲ୍ଲାପାଳ ଦିଲ୍ଲିପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ଚାରିଗୋଟି ବ୍ଲକର ମୋଟ ୨୧୮ଟି ଗ୍ରାମ ପଞ୍ଚାୟତରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ସଂଗ୍ରହ ହେଉଥିବା ଶୁଖିଲା ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ସିଧାସଳଖ ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ନଗର ପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ସଂଗ୍ରହ କରାଯିବା ପାଇଁ ଆଲୋଚନା ହୋଇଥିଲା। ଏହା ସହ ଜିଲ୍ଲାର ଭଦ୍ରକ ପୌରପାଳିକା, ବାସୁଦେବପୁର ପୌରପାଳିକା, ଚାନ୍ଦବାଲି ଓ ଧାମନଗର ବିଜ୍ଞାପିତ ଅଞ୍ଚଳରେ ନିର୍ମିତ ପଦାର୍ଥ ପୁନରୁଦ୍ଧାର କେନ୍ଦ୍ର (ଏମ.ଆର.ଏଫ୍)ଗୁଡିକୁ ବ୍ୟବହାର କରି ସୁଚାରୁ ପରିଚାଳନା ପାଇଁ ରୁଟ୍ ଚାର୍ଟ ପ୍ରସ୍ତୁତି ଉପରେ ମଧ୍ୟ ଚର୍ଚ୍ଚା କରାଯାଇଥିଲା। ବୈଠକରେ ଜିଲ୍ଲାର ୧୧ଟି ପର୍ଯ୍ୟଟନ ସ୍ଥଳୀ ଏବଂ ସଂଲଗ୍ନ ମୁଖ୍ୟ ରାସ୍ତା ପାର୍ଶ୍ୱ ଗ୍ରାମ, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କରେ ଦିନକୁ ଦିନ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ପରିମାଣର ସର୍ଭେ କରି ନିୟମିତ ସଂଗ୍ରହ ବ୍ୟବସ୍ଥା କରିବା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ପଞ୍ଚାୟତିରାଜ, ନଗର ଉନ୍ନୟନ ଓ ପର୍ଯ୍ୟଟନ ବିଭାଗର ମିଳିତ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ମା’ ଉତ୍ତରାଚଣ୍ଡୀଙ୍କ ପ୍ରସିଦ୍ଧ ଝାମୁଯାତ୍ରା

ଆଠଗଡ଼(ନିପ୍ର): ଆଠଗଡ଼ର ଗଡ଼ଚଣ୍ଡୀ ମା’ ଉତ୍ତରାଚଣ୍ଡୀଙ୍କ ପ୍ରସିଦ୍ଧ ଝାମୁଯାତ୍ରା ଆଜି ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସକାଳ ସମୟରେ ମାର୍ଜନା ସହ ମଙ୍ଗଳ ଆଳତୀ ଓ ମଧ୍ୟାହ୍ନ ସମୟରେ ମା’ଙ୍କ ସମ୍ମୁଖରେ ହୋଇଥିବା ହୋମରୁ ଅଗ୍ନି ନିଆଯାଇ ମାନସିକଧାରୀଙ୍କ ଝାମୁରେ ଅଗ୍ନି ସଂଯୋଗ କରାଯାଇଥିଲା । ପରେ କାଳେସୀ ଝାମୁରେ ଚାଲିବାକୁ ଥିବା ମାନସିକଧାରୀମାନଙ୍କୁ ସାଙ୍ଗରେ ନେଇ ଭାଗିରଥୀ ସାଗର (ବଡ଼ ପୋଖରୀ)କୁ ସ୍ନାନ କରିବାକୁ ଯାଇଥିଲେ । ସ୍ନାନ ସାରି ଫେରିବା ବାଟରେ ଦୁର୍ଗା ବଜାର ନିକଟ ସର୍ପେଶ୍ୱର ଛକରେ ପଣା ଦିଆଯାଇଥିଲା । ବାଜା, ଘଣ୍ଟ ସହ କାଳେସୀ ସହିତ ମାନସିକଧାରୀମାନେ ମନ୍ଦିର ନିକଟ ଝାମୁ ପଡ଼ିଆରେ ଏକତ୍ରିତ ହୋଇଥିଲେ । ସେଠାରେ ନୀତି ସମ୍ପନ୍ନ ହେବା ପରେ ୧୦ ଜଣ ମାନସିକଧାରୀ ଝାମୁରେ ଅଗ୍ନି ଉପରେ ଚାଲିଥିଲେ । ହଜାର ହଜାର ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳିରେ ମା’ଙ୍କ ଝାମୁ ପଡ଼ିଆ ପ୍ରକମ୍ପିତ ହେବା ସହ ଏକ ଭକ୍ତି ଭାବମୟ ପରିବେଶ ସୃଷ୍ଟି ହୋଇଥିଲା । ସମସ୍ତ ଶ୍ରଦ୍ଧାଳୁଙ୍କୁ ମନ୍ଦିରରେ ଭୋଗ ହୋଇଥିବା ପଣା ସେବନ କରିବାକୁ ଦିଆଯାଇଥିଲା । ଝାମୁଯାତ୍ରାରେ ମା’ଙ୍କ ସମସ୍ତ ନୀତି ମନ୍ଦିରର ପୂଜକ ମନୋରଞ୍ଜନ ମହାପାତ୍ର ଓ ଜ୍ଞାନରଞ୍ଜନ ମହାପାତ୍ରଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇଥିଲା । ସନ୍ଧ୍ୟା ସମୟରେ ଚାଚେରୀ ଭୋଗ ଲାଗି ହେଉଥିବା ଘଟ ଜଳରେ ବିସର୍ଜିତ କରାଯାଇଥିଲା ।



## ଗାଁରେ ଗଣ୍ଡଗୋଳ କରି ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଗାଁରେ ଗଣ୍ଡଗୋଳ କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ପପୁନ ସ୍ୱାଇଁ ଓରଫ ବାବୁ। ଏନେଇ ମହେନ୍ଦ୍ର ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀ ଏବଂ ଅଭିଯୁକ୍ତ ଉଭୟ ବାଲିଅନ୍ତା ଥାନା ଅନ୍ତର୍ଗତ ପଟୁପଡା ଗ୍ରାମ ନିବାସୀ । ଅଭିଯୁକ୍ତ ଜଣକ ନିୟମିତ ରାତିରେ ଉକ୍ତ ଗାଁ ରେ ବିଶୃଙ୍ଖଳା ସୃଷ୍ଟିକରି ଜନସାଧାରଣଙ୍କୁ ହଇରାଣ ହରକତ କରୁଥିଲେ । ଯଦି କେହି ତାଙ୍କର ବିରୋଧ କରୁଥିଲେ, ତ ସେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ନାନା ପ୍ରକାର ଧମକଚ଼ମକ ଦେଉଥିଲେ। ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ଜଣକ ପୂର୍ବ ଦିନଗୁଡିକ ପରି ରାସ୍ତା ଉପରେ ଠିଆ ହୋଇ ବଡ ପାଟିରେ ଗାଳିଗୁଲଜ କରୁଥିଲେ । ଏହା ଶୁଣି ଅଭିଯୋଗକାରୀ ଏବଂ ଅନ୍ୟ ଗ୍ରାମବାସୀମାନେ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ ସେଥିରୁ ନିବୃତ କରିବା ଲାଗି ପ୍ରୟାସ କରିଥିଲେ ମଧ୍ୟ ସେ ତାହା ଶୁଣି ନଥିଲେ। ବରଂ ଉତକ୍ଷିପ୍ତ ହୋଇ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଘରୁ ଏକ କଟୁରୀ ଆଣି ଆକ୍ରମଣ କରିବା ଲାଗି ପ୍ରୟାସ କରିଥିଲେ ଏବଂ ସେଠାରୁ ଖସି ପଳାଇ ଯାଇଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ପପୁନ ସ୍ୱାଇଁ ଓରଫ ବାବୁକୁ ତାଙ୍କ ଘରୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ କଟୁରୀକୁ ଜବତ କରିଥିଲେ।

## ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପଡୋଶୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଗୁରୁବାର ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ରବି ନାୟକ ଓ ତାଙ୍କ ଘର ତପୋବନ ବସ୍ତିରେ ବୋଲି ଜଣାପଡିଛି। ଏନେଇ ଲକ୍ଷ୍ମୀଧର ବାରିକ ଥାନାରେ ଲିଖ?ତ ଅଭିଯୋଗ କରିଥିଲେ। ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀ ଏବଂ ଅଭିଯୁକ୍ତ ଉଭୟ ଖଣ୍ଡଗିରି ଥାନା ଅନ୍ତର୍ଗତ ବରବାରି ତପୋବନ ବସ୍ତି ବାସିନ୍ଦା ଏବଂ ପରସ୍ପର ପଡୋଶୀ । ଉଭୟଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗିରହିଥିଲା । ଆଜି ସକାଳେ ଅଭିଯୁକ୍ତ ରବି ଅଭିଯୋଗକାରୀଙ୍କ ସହ ପୂର୍ବ ବିବାଦକୁ କେନ୍ଦ୍ର କରି ଝଗଡା କରିବା ସହ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ହଠାତ ଏକ କାଠ ଫାଳିଆ ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ଫଳରେ ଅଭିଯୋଗକାରୀଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ଏହା ବ୍ୟତୀତ ଅଭିଯୁକ୍ତ ତାଙ୍କୁ ଭୟଙ୍କର ପରିଣାମର ଧମକ ମଧ୍ୟ ଦେଇଥିଲେ। ଏହି ସମୟରେ ଅଭିଯୋଗକାରୀଙ୍କ ଅନ୍ୟ ଦୁଇ ପଡୋଶୀ ତାଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଥିଲେ । ପରେ ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ।

### ଓଡ଼ିଶା ବିଶ୍ୱ ବିଦ୍ୟାଳୟରେ ଖାଲି ପଦ ପୂରଣ ମାମଲା

# ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

କଟକ(ନିପ୍ର): ଓଡ଼ିଶା ବିଶ୍ୱ ବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ପଦ ପୂରଣ ପାଇଁ ରୁଜୁ ମାମଲାରେ ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ବିଚାରପତି ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଇନଜୀବି ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ହୋଇଥିବା ଏହି ଜନସ୍ୱାର୍ଥ ମାମଲାର ପ୍ରାରମ୍ଭିକ ଶୁଣାଣି ହୋଇଥିଲା । ସରକାରୀ ଓକିଲ ଦର୍ଶାଇଥିଲେ ଯେ, ଉକ୍ତ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନିଯୁକ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି । କୁଳପତି ନିଯୁକ୍ତି ହେଲା ପରେ ତୁରନ୍ତ ଅଧ୍ୟାପକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ। ଏତେ ସମୟ ଧରି ଏହି ବିଶ୍ୱ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅଧ୍ୟାପକ ନିଯୁକ୍ତି କରାଯାଉନଥିବାରୁ ଚିନ୍ତା ପ୍ରକଟ କରିବା ସହିତ ଖଣ୍ଡପୀଠ ଏହି ମାମଲାରେ ୨ ସପ୍ତାହ ମଧ୍ୟରେ ସରକାରଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨କୁ ଧାର୍ଯ୍ୟ କରାଯାଇଛି । ଆବେଦନକାରୀ ଆଇନଜୀବି ଶ୍ରୀ ଦାସ ଦର୍ଶାଇଛନ୍ତି ଯେ, ବିଶ୍ୱ ବିଦ୍ୟାଳୟର ପ୍ରଥମ ଶିକ୍ଷାବର୍ଷ ୨୦୨୩ ସେପ୍ଟେମ୍ବର ୫ ରୁ ଆରମ୍ଭ ହୋଇଥିଲା । ବିଶ୍ୱ ବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ୩ଟି ପ୍ରଫେସର, ୬ଟି ସହଯୋଗୀ ପ୍ରଫେସର ଓ ୧୨ଟି ସହକାରୀ ପ୍ରଫେସର ପଦ ପୂରଣ କରାଯାଇନାହିଁ। ଅତିଥି ଶିକ୍ଷକ ଓ ଅବସରପ୍ରାପ୍ତ ପ୍ରଫେସରଙ୍କ ହାତରେ ଶିକ୍ଷାଦାନ ଦାୟିତ୍ୱ ରହିଛି । ଏହାଦ୍ୱାରା ଓଡ଼ିଆ ବିଶ୍ୱ ବିଦ୍ୟାଳୟରେ ଶିକ୍ଷାଦାନର ମାନ ପ୍ରଭାବିତ ହେଉଛି । ବିଭିନ୍ନ ବିଭାଗରେ ସ୍ନାତ୍ତୋକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଉଥିବା ଛାତ୍ରଛାତ୍ରୀ ଯେଉଁ ଆଶା ନେଇ ଓଡ଼ିଆ ସାହିତ୍ୟ, ଭାଷାବିଜ୍ଞାନ, ଇତିହାସ ଓ ସଂସ୍କୃତି ସମ୍ବନ୍ଧୀୟ ଗବେଷଣା, ଅଧ୍ୟୟନ ଏବଂ ଜ୍ଞାନର ବ୍ୟାପକ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯିବା ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଥିବା କୁହାଯାଇଥିଲା । କିନ୍ତୁ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନରୁ ଏପର୍ଯ୍ୟନ୍ତ ଓଡ଼ିଶା ବିଶ୍ୱ ବିଦ୍ୟାଳୟକୁ ଆସୁଛନ୍ତି ତାହା ପୂରଣ ହେଉନାହିଁ। ୨୦୨୫ ମାର୍ଚ୍ଚ ୧୮ରେ ଆବେଦନକାରୀଙ୍କ ତରଫରୁ ଏହିସବୁ ପଦ ପୂରଣ ପ୍ରସଙ୍ଗ ନେଇ କୁଳାଧିପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆବେଦନକାରୀଙ୍କ ସ୍ମାରକପତ୍ରକୁ କୁଳାଧିପତିଙ୍କ କାର୍ଯ୍ୟାଳୟ ତରଫରୁ ଉଚ୍ଚଶିକ୍ଷା ବିଭାଗକୁ ପଠାଯିବା ସହିତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲା । କିନ୍ତୁ ଏହାପରେ ମଧ୍ୟ ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ବିଶ୍ୱ ବିଦ୍ୟାଳୟ ବା ଉଚ୍ଚଶିକ୍ଷା ବିଭାଗ ତରଫରୁ ଗ୍ରହଣ କରାଯାଇନାହିଁ। ନିର୍ଦ୍ଧାରିତ ସମୟସୀମା ଭିତରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଫେସର, ସହକାରୀ ପ୍ରଫେସର ଓ ସହଯୋଗୀ ପ୍ରଫେସର ପଦ ପୂରଣ କରିବାକୁ ରାଜ୍ୟ ସରକାର ଓ ବିଶ୍ୱ ବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି ।



# ରାସ୍ତା ପାର୍ଶ୍ୱ ମାଛ-ମାଂସ ବିକ୍ରି ଉପରେ କଟକଣା କେବେ ?

ଆସିକା(ନିପ୍ର): ଆସିକା ପୌର ପରିଷଦ ପରିସରଭୁକ୍ତ ପ୍ରମୁଖ ରାସ୍ତାକଡରେ ବର୍ଷବର୍ଷ ଧରି ଚାଲିଥିବା ଅବାଧ ମାଛ-ମାଂସ ବିକ୍ରିକୁ କେନ୍ଦ୍ରକରି ଛାତ୍ର ଛାତ୍ରୀଙ୍କ ସହ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବହୁ ଆମିଷ ବ୍ୟବସାୟୀ ସେମାନଙ୍କ ବେପାର ଦିନକୁ ଦିନ ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରକାର ଅଭିନବ ପନ୍ଥା ଆପଣେଇବା ଦେଖିବାକୁ ମିଳୁଛି। ସହରର ବ୍ୟସ୍ତବହୁଳ ଅଞ୍ଚଳର ରାସ୍ତାକଡରେ ମାଛ-ମାଂସ ବିକ୍ରି ହେବା ଫଳରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସାଙ୍ଗକୁ ପାଠ ପଢିବା ପାଇଁ ରାସ୍ତାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଟ୍ୟୁସନ୍‌କୁ ଯାଉଥିବା ଛାତ୍ରଛାତ୍ରୀଙ୍କ ଉପରେ ଏହାର କୁପ୍ରଭାବ ପଡୁଥିବା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ମାଂସ କାଟିବା ଲାଗି ପୌରପରିଷଦ ପକ୍ଷରୁ ଦୀର୍ଘବର୍ଷ ତଳେ କାଳିମୁଖୀ ସାହିରେ ଏକ କଂସେଇଖାନା ସ୍ଥାପନ କରାଯାଇଥିଲା। ମାଂସ ବ୍ୟବସାୟୀ ମାନେ ଉକ୍ତ କଂସେଇଖାନାରେ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମାଂସକାଟି ୧୫ନଂ ୱାର୍ଡ ଅଧୀନସ୍ଥ ମାଛବଜାର ନିକଟସ୍ଥ ମାର୍କେଟରେ ବିକ୍ରି କରୁଥିଲେ । ତେବେ ପୌରପରିଷଦ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ ଓ ଉଦାସୀନ ମନୋବୃତ୍ତି ଯୋଗୁଁ ଗତ କିଛିବର୍ଷ ହେଲା ମାଂସ କାଟିବା ଲାଗି ଉଦ୍ଦିଷ୍ଟ କଂସେଇଖାନାଟି ଜନମାନସରୁ ଲିଭି ଯାଇଥିଲା ବେଳେ ମାଂସ ବିକ୍ରି ମାର୍କେଟ ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଛି । ଅତୀତରେ ଆସିକା ପୌରପରିଷଦ ପକ୍ଷରୁ ହାଟପଦା ଛକ ନିକଟରେ ଆମିଷ ବିକ୍ରି କରିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ପିଣ୍ଡି ସ୍ଥାପନ କରାଯାଇଥିଲେ ମଧ୍ୟ ହାତଗଣତି କିଛି ବ୍ୟବସାୟୀ ସେଠାରେ ବ୍ୟବସାୟ କରୁଥିବା ବେଳେ ବହୁ ବ୍ୟବସାୟୀ ସରକାରୀ ନୀତିନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ସ୍ଥାନୀୟ ପ୍ରଶାସନକୁ ଖାତିର ନକରି ରାସ୍ତାକଡରେ ନିଜର ବେପାର କରୁଥିବା ଦେଖିବାକୁ ମିଳୁଛି। ସର୍ବସାଧାରଣଙ୍କ ଯାତାୟାତ ରାସ୍ତାରେ କେତେକ ଆମିଷ ବ୍ୟବସାୟୀ ଛେଳି କୁକୁଡାଙ୍କୁ କାଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ ନିଜ ବ୍ୟବସାୟ ପ୍ରତିଷ୍ଠାନରେ ଝୁଲାଇ ବିକ୍ରି କରୁଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ଦିଗରେ ପ୍ରଶାସନର ନିଘୋଡ ନିଦ୍ରା ନ ଭାଙ୍ଗିବା ଅନ୍ତରାଳରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ। ଆସିକା ପୌରପରିଷଦ ପରିସରଭୁକ୍ତ କେତେକ ଅଞ୍ଚଳର ମୁଖ୍ୟରାସ୍ତା ଯଥା ଆସିକା ମେଡିକାଲ ପାର୍ଶ୍ୱ ବାଣୀବିହାର ମୁଖ୍ୟ ରାସ୍ତା, ମେଡିକାଲ ପୁଡୁଗେଶ୍ୱର ପଲ୍ଲୀ ବ୍ରିଜ୍ ତଳେ, ଆସିକା ହାଟପଦା ମୁଖ୍ୟ ଛକ, ଜମିୟା ମସଜିଦ ପାର୍ଶ୍ୱରେ ବହୁ ଆମିଷ ବ୍ୟବସାୟୀ ମାଛ, କୁକୁଡା କାଟୁଥିବାରୁ ଏହା ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପଡୁଥିବା ଅଭିଯୋଗ ହେଉଛି । ଆସିକା ସହରର ବିଭିନ୍ନ ସାହିବସ୍ତିର ରାସ୍ତାକଡରେ ମାଛ-ମାଂସ ବ୍ୟବସାୟ ଦିନକୁଦିନ ବୃଦ୍ଧିପାଇ ଚାଲିଥିବା ଅଭିଯୋଗ ହେଉଛି । ସେହିଭଳି ଅତୀତରେ ମାଂସ ବ୍ୟବସାୟୀମାନେ ଛେଳିକୁ କାଟିବା ପରେ ପ୍ରଶାସନିକ ଅଧିକାରୀଙ୍କଠାରୁ ଅନୁମତି ମିଳିବା ସାଙ୍ଗକୁ ମାଂସର କ୍ୱାଲିଟି ଠିକ୍ ଅଛି ବୋଲି ମାଂସରେ ସିଲ୍ ପଡ଼ିବା ପରେ ତାହାକୁ ବିକ୍ରି କରାଯାଇଥିଲା। ତେବେ ବିଗତ କିଛିବର୍ଷ ହେଲା ଏହି ନିୟମ ମଧ୍ୟ ଆସିକା ଅଞ୍ଚଳରେ ବାଟବଣା ହୋଇଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଧ୍ୟାନଦେଇ ରାସ୍ତା କଡରେ ମାଛ-ମାଂସ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ସହରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବସାୟ କରିବା ଲାଗି ସୁଯୋଗ ଦେବା ଦିଗରେ ପଦକ୍ଷେପ ନେବାକୁ ବଭିନ୍ନ ମହଲରେ ଦୃଢ ଦାବି ହେଉଛି।



## ଇପିଏଫ ପେନସନଭୋଗୀଙ୍କୁ ୭୫୦୦ଟଙ୍କା ସହ ମହାଙ୍ଗା ଭତ୍ତା ଦାବି

ବ୍ରହ୍ମପୁର(ନିପ୍ର): ଗଞ୍ଜାମ ଜିଲ୍ଲା ଇପିଏଫ ପେନସନର୍ସ ସଙ୍ଘ ଶାଖା ତରଫରୁ ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟଠାରେ ଧାରଣା ଦେଇଥିଲେ। ସଭାପତି ରମେଶ ଚନ୍ଦ୍ର ସାହୁ ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଶତପଥିଙ୍କ ନେତୃତ୍ୱରେ ଧାରଣା ଦେଇ ନିଜର ନ୍ୟାଯ୍ୟଦାବୀ ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଉକ୍ତ ଧାରଣାରେ ସମାଜସେବୀ ତଥା ସଂଗ୍ରାମୀ ତ୍ରିନାଥ ମହାରଣା କ୍ଷୋଭ ପ୍ରକାଶକରି କହିଲେ, ସରକାରଙ୍କ ନିର୍ଦ୍ଦେଶରେ ୨୦୦୩ରେ ସାରା ଓଡିଶାରୁ ୭୦୦୦ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ଅବସର ନେଲେ କିନ୍ତୁ ଉକ୍ତ ଆଇନକୁ ୨୦୧୪ରେ ସରକାର କାର୍ଯ୍ୟକରି କଲେ । ବର୍ତ୍ତମାନ ଅବସରପ୍ରାପ୍ତ କର୍ମଚାରୀ ପ୍ରତି ମାସରେ ୭୦୦ରୁ ୧୨୦୦ ଟଙ୍କା ପାଉଛନ୍ତି, ଯାହାକି ଚାହା ଖର୍ଚ୍ଚକୁ ନିଅଣ୍ଟ। କିନ୍ତୁ ମାନ୍ୟବର ବିଧାୟକ ଓ ସାଂସଦମାନଙ୍କୁ ଘରଭଡା, ଫୋନ ଖର୍ଚ୍ଚ ସମେତ ବିଭିନ୍ନ ଖର୍ଚ୍ଚ ପାଇଁ ଲକ୍ଷ ଲକ୍ଷ ଟଙ୍କା ପାଉଥିବା ବେଳେ ନିଜର ଦରମା ବୃଦ୍ଧି ପାଇଁ ବିଧାନସଭା ଓ ସଂସଦରେ ହୋହାଲ୍ଲା କରି ନିଜର ଦରମା ଓ ଅନନ୍ୟା ଭତ୍ତା ପାଇଁ ଦାବିବେଳେ ସବୁ ରାଜନୈତିକ ଦଳ ଏକାଠି ହୋଇ ଦାବିକରି ହାସଲ କଲାବେଳେ ଅବସରପ୍ରାପ୍ତ କର୍ମଚାରୀଙ୍କ ନ୍ୟାଯ୍ୟଦାବିକୁ ବିଧାନସଭାରେ ଓ ସାଂସଦରେ ଗୁରୁତ୍ୱ ନ ଦେବା ପରିତାପର ବିଷୟ ବୋଲି ମତବ୍ୟକ୍ତ କରିଥିଲେ । ସମ୍ପାଦକ ପ୍ରଶାନ୍ତ କୁମାର ଶତପଥୀ ଚେତାବନୀ ଦେଇ କହିଛନ୍ତି ଯେ ଆମ ନ୍ୟାଯ୍ୟଦାବି ପୂରଣ ନ ହେଲେ ଆଗାମୀ ଦିନରେ ସାରାଦେଶରେ ଧାରଣା ଦିଆଯିବ ।

# ଡିସେମ୍ବର ୨୪ରେ ବାରବାଟୀ ଟି-୨୦



**କଟକ, ୨୬/୩(ନିପ୍ର):** କଟକର ଐତିହାସିକ ବାରବାଟୀ ଷ୍ଟାଡିୟମକୁ ଫେରିବାକୁ ଯାଉଛି ଅନ୍ତର୍ଜାତୀୟ କ୍ରିକେଟର ରୋମାଞ୍ଚ । ଡିସେମ୍ବର ୨୪ ତାରିଖରେ ବାରବାଟୀରେ ଟି-୨୦ ମ୍ୟାଚ୍ ଖେଳାଯିବ। ଦୀର୍ଘ ଦିନର ବ୍ୟବଧାନ ପରେ ବାରବାଟୀରେ ଭାରତ ଓ ଶ୍ରୀଲଙ୍କା ପରସ୍ପରର ସାମ୍ନା କରିବେ । ୨୦୨୬-୨୭ ପାଇଁ ବିସିସିଆଇ ଖେଳସୂଚୀରୁ ସ୍ପଷ୍ଟ ହୋଇଛି। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏହି ମ୍ୟାଚ୍ ଖେଳାଯିବ। ଶ୍ରୀଲଙ୍କା ଭାରତ ଗସ୍ତରେ ଆସି ୩ଟି ଓଡିଆଇ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବ। ୩ ମ୍ୟାଚ୍ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ବାରବାଟୀରେ ଖେଳିବ। ରାଜକୋଟରେ ଶ୍ରୀଲଙ୍କା ପ୍ରଥମ ଓ ପୁଣେରେ ତୃତୀୟ ଟି-୨୦ ଖେଳିବ । ଶେଷଥର ପାଇଁ ୨୦୧୭ ମସିହାରେ ବାରବାଟୀ ଷ୍ଟାଡିୟମରେ ଏହି ଦୁଇ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ସେହି ମ୍ୟାଚ୍‌ରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ଶ୍ରୀଲଙ୍କାକୁ ୯୩ ରନ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା ।

# ଦ୍ୱିତୀୟ ପର୍ଯ୍ୟାୟ ସୂଚୀ ଘୋଷଣା କଲା ବିସିସିଆଇ



ନୂଆଦିଲ୍ଲୀ, ୨୬/୩ : ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ଲିଗ୍ ଆଇପିଏଲର ଦ୍ୱିତୀୟ ପର୍ଯ୍ୟାୟ ସୂଚୀ ଘୋଷଣା କରିଛି ବିସିସିଆଇ । ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୫୦ ମ୍ୟାଚ୍ ଏପ୍ରିଲ ୧୩ରୁ ମେ' ୨୪ ମଧ୍ୟରେ ଖେଳାଯିବ। ଦେଶବ୍ୟାପୀ ମୋଟ ୧୪ଟି ଷ୍ଟାଡିୟମରେ ଏସବୁ ମ୍ୟାଚ୍ ହେବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଫାଇନାଲ, କ୍ୱାଲିଫାୟର-୧ ଓ ୨ ଏବଂ ଏଲିମିନେଟର ମ୍ୟାଚ୍ର ତାରିଖ ଓ ସ୍ଥାନ ପରିବର୍ତ୍ତୀ ସମୟରେ ଘୋଷଣା କରାଯିବ। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୨୦ ମ୍ୟାଚ୍ ପାଇଁ ସୂଚୀ ଜାରି କରାଯାଇଥିଲା। ୧୨ଟି ସହରରେ ଆୟୋଜନ: ଦ୍ୱିତୀୟ ପର୍ଯ୍ୟାୟର ମ୍ୟାଚ୍ ଗୁଡ଼ିକ ବେଙ୍ଗାଲୁରୁ, ମୁମ୍ବାଇ, ଚେନ୍ନାଇ, କୋଲକାତା, ଦିଲ୍ଲୀ, ଅହମ୍ମଦାବାଦ, ହାଇଦ୍ରାବାଦ, ଲକ୍ଷ୍ନୌ, ଜୟପୁର, ଧର୍ମଶାଳା, ରାୟପୁର ଏବଂ ନ୍ୟୁ ଚଣ୍ଡିଗଡ଼ରେ ଖେଳାଯିବ। ଏପ୍ରିଲ୍ ୧୩ ତାରିଖରେ ହାଇଦ୍ରାବାଦରେ ସନରାଇଜର୍ସ ହାଇଦ୍ରାବାଦ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମୁକାବିଲା ସହ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ୨୮ ରୁ ଏପ୍ରିଲ୍ ୧୨ ପର୍ଯ୍ୟନ୍ତ ଖେଳାଯିବ।






ପବିତ୍ର ଅଶୋକାଷ୍ଟମୀରେ ବର୍ଷା ଯୋଗୁଁ ଅଧାରେ ଅଟକିଲା ରୁକୁଣା ରଥଟଣା... (ଫଟୋ-ଦିନଲିପି)

# ସୁବିଧାଜନକ ଉପମାର୍ଗ ନିର୍ମାଣ ପାଇଁ ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୬/୩(ପିଆଇବି):** ଏହି ରେଳ ଉପମାର୍ଗ ବା (ସବ-ୱେ) ଗୁଡ଼ିକ ରେଳପଥ ଅତିକ୍ରମ କରିବା ସମୟରେ ହେଉଥିବା ଦୁର୍ଘଟଣାକୁ ରୋକିବ। ଟ୍ରାକର ଉଭୟ ପାର୍ଶ୍ୱରେ ବ୍ୟବହାର କରିବାକୁ ସହଜ ଏହି ସୁବିଧାଜନକ ଉପମାର୍ଗ ଗୁଡିକ ମାତ୍ର ୧୨ ଘଣ୍ଟା ମଧ୍ୟରେ ନିର୍ମାଣ କରାଯାଇପାରିବ। ରେଳ ଟ୍ରାକ୍ ଅତିକ୍ରମ କରିବା ସମୟରେ ଘଟୁଥିବା ଦୁର୍ଘଟଣାକୁ ବର୍ତ୍ତମାନ ରେଳବାଇ ଏକ ମିଶନ ମୋଡରେ ଅଟକାଇବ। ସୁବିଧାଜନକ ଉପମାର୍ଗ ନିର୍ମାଣ କରି ଏହା ସୁନିଶ୍ଚିତ କରାଯିବ। ଏହାର ବ୍ୟାପକ ପ୍ରସ୍ତୁତି ସ୍ୱରୂପ ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଏକ କର୍ମଶାଳା ଆୟୋଜନ କରିଥିଲେ। ଏହି ରେଳ ଉପମାର୍ଗ ଗୁଡ଼ିକ ଏପରି ସ୍ଥାନରେ ନିର୍ମାଣ କରାଯିବ ଯେଉଁଠାରେ ରେଳ ଟ୍ରାକ୍ ର ଗୋଟିଏ ପାର୍ଶ୍ୱରେ ଜନବସତି ଏବଂ ଅନ୍ୟ ପାର୍ଶ୍ୱରେ କୃଷି, ବିଦ୍ୟାଳୟ, ଶ୍ମଶାନ କିମ୍ବା ଅନ୍ୟାନ୍ୟ ଉପଯୋଗୀ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଥିବ। ରେଳ ମନ୍ତ୍ରୀ ସାରା ଦେଶରେ ଏଭଳି ଉପମାର୍ଗ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଠାରେ ବହୁ ସଂଖ୍ୟକ ଲୋକ ସେମାନଙ୍କ ଦୈନନ୍ଦିନ ଜୀବନରେ ଟ୍ରାକ୍ ଅତିକ୍ରମ କରନ୍ତି ।

# ଏମ୍‌ସିଏଲ୍ ଏବଂ ଏନଟିପିସି ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର




ଭୁବନେଶ୍ୱର, ୨୬/୩(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଏବଂ ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେସନ୍ ଲିମିଟେଡ୍ ମଧ୍ୟରେ ଏନ୍‌ଟିପିସିର ଦାଦ୍ରି, ଫରାକ୍କା, ଉଞ୍ଚାହାର ଏବଂ ନବୀନଗର ଥର୍ମାଲ ପାୱାର ଷ୍ଟେସନକୁ ବାର୍ଷିକ ୫.୦ ନିୟୁତ ଟନ୍ କୋଇଲା ପ୍ରେରଣ ପାଇଁ ଦୀର୍ଘକାଳୀନ ଇନ୍ଧନ ଯୋଗାଣର ଚୁକ୍ତିନାମା (ଏଫ୍.ଏସ୍.ଏ.) ସ୍ୱାକ୍ଷର ହୋଇଛି। ଏହି ରାଜିନାମା କୋଇଲା ସଂଯୋଗ ପ୍ରମୁଖ ତାପଜ ବିଦ୍ୟୁତ କେନ୍ଦ୍ରଗୁଡ଼ିକୁ ବିଶ୍ୱସନୀୟ ଏବଂ ନିରବଚ୍ଛିନ୍ନ ଇନ୍ଧନ ଯୋଗାଣ ସୁନିଶ୍ଚିତ କରିବା, ବିଦ୍ୟୁତ ଉତ୍ପାଦନକୁ ସକ୍ଷମ କରିବା ଏବଂ ଦେଶର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ୮୫୫ ମେଗାୱାଟର ବିଦ୍ୟୁତ ଆବଶ୍ୟକତା ପୂରଣ ପାଇଁ ଟିପିଏସ୍‌ଓଡିଏଲ୍ ପ୍ରସ୍ତୁତ

**ବ୍ରହ୍ମପୁର, ୨୬/୩(ନିପ୍ର):** ଚଳିତ ଗ୍ରୀଷ୍ମ ଋତୁରେ ବର୍ଦ୍ଧିତ ବିଜୁଳି ଚାହିଦାକୁ ଧ୍ୟାନରେ ରଖି ଟିପି ଦକ୍ଷିଣ ଓଡ଼ିଶା ବିତରଣ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । କମ୍ପାନୀର ସର୍ବାଧିକ ଚାହିଦା ୮୫୫ ମେଗାୱାଟରେ ପହଞ୍ଚିବ ବୋଲି ଅନୁମାନ କରାଯାଉଥିବା ବେଳେ ଏନେଇ ଆବଶ୍ୟକୀୟ ଟେକ୍ନୋଲୋଜି, ଭିତ୍ତିଭୂମି ଓ ଗ୍ରାହକ ସେବା ବ୍ୟବସ୍ଥାକୁ କମ୍ପାନୀ କାର୍ଯ୍ୟକ୍ଷମ କରାଇଛି ।



ଟିପିଏସ୍‌ଓଡିଏଲ୍ ଏକ ସଶକ୍ତ ମନିଟରିଂ ସିଷ୍ଟମ୍ କୁ କାର୍ଯ୍ୟକାରୀ କରିଛି । କମ୍ପାନୀର କାର୍ଯ୍ୟରତ କେନ୍ଦ୍ରୀଭୂତ ଶକ୍ତି ପରିଚାଳନା କେନ୍ଦ୍ର ତଥା ପାୱାର ସିଷ୍ଟମ୍ କଣ୍ଟ୍ରୋଲ୍ ସେଣ୍ଟର(ପିଏସସିସି) ବ୍ରହ୍ମପୁରଠାରେ ବ୍ୟବସ୍ଥିତ ହୋଇଥିବା ବେଳେ ଜୟପୁର, ରାୟଗଡ଼ା ଓ ଫୁଲବାଣୀଠାରେ ଏରିଆ ପାୱାର ସିଷ୍ଟମ୍ କଣ୍ଟ୍ରୋଲ ସେଣ୍ଟର(ଏପିଏସସିସି)ଗୁଡ଼ିକ ରହିଛି । ଏହି କେନ୍ଦ୍ରଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା -ସ୍କାଡା ଦ୍ୱାରା ପରିଚାଳିତ ହେଉଛି, ଯାହାକୁ ବ୍ୟବହାର କରି କମ୍ପାନୀ ବିଜୁଳି ବିତରଣ ବ୍ୟବସ୍ଥା, ଯେପରି ୩୩ କେଭି ଫିଡର, ୧୧ କେଭି ଫିଡର ଓ ପ୍ରାଇମେରୀ ସବଷ୍ଟେସନଗୁଡ଼ିକର ତଦାରଖ କରିପାରୁଛି ।

# ପୋଖରୀ କୂଳରେ ବୋରିଂ: ବିନା ସୂଚନା ଫଳକରେ ଚାଲିଚି କାମ

ଧାମନଗର ୨୬/୩(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଖଡ଼ିପଦା ପଞ୍ଚାୟତର ଦକ୍ଷିଣ କୁରୁଆ ଗ୍ରାମରେ ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଏଠାରେ ଥିବା ସରକାରୀ ପୋଖରୀ କୂଳରେ ବୋରିଂ କରାଯାଇଛି। ସେଠାରେ ମଧ ସିମେଣ୍ଟ ଓ ଇଟାରେ ପିଣ୍ଡି କରାଯାଇଛି। କେବଳ ଏହି ସ୍ଥାନ ନୁହେଁ, ବରଂ ଅନ୍ୟ ପଞ୍ଚାୟତର ଅନେକ ସ୍ଥାନରେ ଏଭଳି ବୋରିଂ ଖୋଳାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପ୍ରକଳ୍ପ କେଉଁ ବିଭାଗର ଏବଂ ଏହାର ପ୍ରକୃତ ଉଦ୍ଦେଶ୍ୟ କଣ, ସେ ନେଇ ସ୍ଥାନୀୟ ଲୋକେ ସମ୍ପୂର୍ଣ୍ଣ ଅନ୍ଧାରରେ ଅଛନ୍ତି। ସରକାରୀ ନିୟମ ଏବଂ ବିଭିନ୍ନ ଯୋଜନା ଅନୁଯାୟୀ ଅନେକ ସମୟରେ ଭୂତଳ ଜଳସ୍ତର ବଢ଼ାଇବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ କୃତ୍ରିମ ଜଳ ଭରଣ କୂପ ନିର୍ମାଣ କରାଯାଏ। ଏଥିରେ ବର୍ଷା ଜଳକୁ ବୋରିଂ ମାଧ୍ୟମରେ ସିଧାସଳଖ ମାଟି ତଳକୁ ପଠାଯାଏ। ଯଦି ପୋଖରୀରେ ଜଳ କମ ରହୁଥାଏ। ତେବେ ଚାଷ କାମ ପାଇଁ ବୋରିଂ କରି ପୋଖରୀକୁ ପାଣି ଦିଆଯାଏ କିମ୍ବା ପୋଖରୀ କୂଳରେ ଥିବା ଜମିକୁ ସେଚନ ପାଇଁ ଏହା ବ୍ୟବହୃତ ହୁଏ। ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା, ଯଦି ଏହା ଜଳ ସଂରକ୍ଷଣ ପାଇଁ, ତେବେ ପୋଖରୀ କୂଳରେ ପାଇପ ତ ପାଣି ସହ କୌଣସି ସମ୍ପର୍କ ନାହିଁ। ଏହାର ଆବଶ୍ୟକତା କଣ ? ଖାଲି ଥିବା ଏକ ସୁଚନା ଫଳକଟେ ଅଛି ସେଥିରେ କୌଣସି ସୁଚନା ଲେଖା ଯାଇନାହିଁ। ସୂଚନାଫଳକ ନ ଥିବାରୁ କାମର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ଏମିତି ବୋରିଂ ହେଉଛି, କିନ୍ତୁ କିଏ କରୁଛି ବା କାହିଁକି ହେଉଛି କେହି ଜାଣିନାହାନ୍ତି। ସରକାରୀ ଅର୍ଥର ଏହା ସଦୁପଯୋଗ ନା କେବଳ ବିଲ୍ କରିବା ପାଇଁ ପ୍ରହସନ ? ଏହି କାମ କରୁଥିବା ଠିକାଦାର ଆଲୋକ ସ୍ୱାଇଁଙ୍କ ସହ ଯୋଗାଯୋଗ କରିଥିଲୁ ମାତ୍ର ତାହା ସମ୍ଭବ ହୋଇ ପାରିନଥିଲା । ଏ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ସହ ଅନ୍ୟ ଦୁଇ କେନ୍ଦ୍ର ସମ୍ବର୍ଦ୍ଧିତ

**ଭାପୁର, ୨୬/୦୩(ନିପ୍ର):** ଭାପୁର ବ୍ଲକର ତିନି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବା ତଥା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନୟାଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି । ଯାହାଫଳରେ,ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଉ ଏକ ମାଇଲ ଖୁଣ୍ଟ ଭାପୁର ବ୍ଲକ ପଦାର୍ପଣ କରିଛି । ଗାଁ କଲ୍ୟାଣ ସମିତି, ଆଶା ଏବଂ ଜନ ଆରୋଗ୍ୟ ସମିତିର ଯେଉଁମାନେ ସଚେତନତା କାର୍ଯ୍ୟକ୍ରମ ସହିତ ଉତ୍ତମ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଜିଲ୍ଲା ପଠାଣି ସାମନ୍ତ ପ୍ଲାନଟୋରିୟମରେ ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରିଣୀ ପୁଷ୍ପା ନୀଳିମା ଲାକ୍ରା, ଡିପିଏମ ପ୍ରକାଶ ବାନାର୍ଜୀ, ମ୍ୟାଲେରିଆ ବିଭାଗ ର ଡଃ ବନମାଳି ପ୍ରଧାନ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ପୁରସ୍କୃତ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗତବର୍ଷର ସ୍ୱଚ୍ଛତା ଉପରେ



କାୟାକଳ୍ପ ପୁରସ୍କାର ମୁଖ୍ୟ ଡାକ୍ତର ଡଃ ବିଶ୍ୱନାଥ ସାହୁ ଗ୍ରହଣ କରିଥିବାବେଳେ ବେଷ୍ଟ ଜନ ଆରୋଗ୍ୟ ସମିତି କଇଁଫୁଲିଆକୁ ପୁରସ୍କୃତ କରାଯାଇଛି ।କଇଁଫୁଲିଆ ପଞ୍ଚାୟତ ସରପଞ୍ଚ ରମେଶ ପ୍ରସାଦ ରାଉତ, ସି.ଏଚ.ଓ ଜ୍ୟୋତିର୍ମୟୀ ଶତପଥୀ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଉତ୍ତମ ଗୁଣବତ୍ତା ପାଇଁ ପଦ୍ମାବତୀ ଗ୍ରାମର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହୋଇଥିବାବେଳେ ଡଃ ଫନି ଭୂଷଣ ପଟ୍ଟନାୟକ ଉପସ୍ଥିତ ରହି ଉପରୋକ୍ତ ଅଧିକାରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ ।

## AFFIDAVIT

"By virtue of an affidavit sworn before The Executive Magistrate, Barbil, Keonjhar affidavit no.1375 dtd23.02.2015, I, Tabassum Khan W/o-Sazad Khan At-Barbil Municipality, Ward No.7, Po/Ps-Barbil, dist-Keonjhar, Odisha do hereby declare that, I have changed my name from Tabassum Khanam , Baby Tabbsum and Tabasun Khan to Tabassum Khan. Henceforth I shall be known as Tabassum Khan W/o-Sazad Khan for all purposes.

**Sd/-Tabassum Khan**

## AFFIDAVIT

"By virtue of an affidavit sworn before The Executive Magistrate, Barbil, Keonjhar affidavit no.565 dtd.16.02.2026, I Md Nishat Shamim S/o-Md Shamim Uddin At-Bagiaburu Barbil, Po/Ps-Barbil, dist-Keonjhar, Odisha-758035 do hereby declare that, I have change my name from Md Nisat Samim S/o-Samimuddin & dob 05.01.1979 to Md Nishat Samim S/o-Md Shamim Uddin & dob 12.06.1978. Henceforth I shall be known as Md Nishat Shamim for all purposes.

**Sd/-Md Nishat Shamim**




Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ